(ପୃଷ୍ଠା–୮+୮)

# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ନଭେମ୍ବର ୯/୨୦୨୧ (୮+୮=୧୬ ପୃଷ୍ଠା) | Dhenkanal, Tuesday, November 9/2021 | ★★★★★

୧୭ଶ ଭାଗ ୨୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ଟାଇଟଲ**
ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ମେକ୍ସିକୋ ସିଟି ଫର୍ମୁଲା ୱାନ ଗ୍ରାଁପ୍ରି ମୋଟର ରେସ୍ ଜିତିଛନ୍ତି। ୦୮

୦୭ **ବିୟର ଗ୍ରୀଲ୍‌ଙ୍କ ଶୋ’ରେ ଭିକ୍କି**
ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ସହ ବିବାହକୁ ନେଇ ଚର୍ଚ୍ଚାରେ ରହିଥିବା ଅଭିନେତା ଭିକ୍କି କୌଶଲ ବିୟର ଗ୍ରୀଲଙ୍କ ଦୁଃସାହସିକ ଶୋ’ ରେ ନଜର ଆସିବେ।



# ପଦ୍ମ ପାଇଲେ ୧୧ ଓଡ଼ିଆ

## ୭ ପଦ୍ମ ବିଭୂଷଣ, ୧୬ ପଦ୍ମ ଭୂଷଣ, ୧୨୨ ଜଣଙ୍କୁ ପଦ୍ମଶ୍ରୀ



ରାଷ୍ଟ୍ରପତି ଭବନରେ ସୋମବାର ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗହଣରେ ପୁରସ୍କୃତ ବ୍ୟକ୍ତିବିଶେଷ।

**ନୂଆଦିଲ୍ଲୀ, ୮।୧୧**

- ୨୦୨୦ ଓ ୨୦୨୧ ବର୍ଷ ପାଇଁ ପଦ୍ମ ପୁରସ୍କାର
- ଫର୍ନାଣ୍ଡିସ୍, ଜେଟଲୀ, ସୁଷମାଙ୍କୁ ମରଣୋତ୍ତର ସମ୍ମାନ
- ସିନ୍ଧୁଙ୍କୁ ପଦ୍ମ ଭୂଷଣ, କଙ୍ଗନାଙ୍କୁ ପଦ୍ମଶ୍ରୀ

୨୦୨୦ ଓ ୨୦୨୧ ବର୍ଷ ପାଇଁ ଭାରତର ୧୪୫ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପଦ୍ମ ପୁରସ୍କାର ମିଳିଛି। ସୋମବାର ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୭ଜଣଙ୍କୁ ପଦ୍ମ ବିଭୂଷଣ, ୧୬ଜଣଙ୍କୁ ପଦ୍ମ ଭୂଷଣ ଏବଂ ୧୨୨ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୧ଜଣ ଓଡ଼ିଆ ରହିଛନ୍ତି। ସାହିତ୍ୟ କ୍ଷେତ୍ରରେ ସ୍ୱର୍ଗତ ମନୋଜ ଦାସଙ୍କୁ ମରଣୋତ୍ତର ପଦ୍ମ ଭୂଷଣ ସମ୍ମାନ ପ୍ରଦାନ କରାଯାଇଛି। ସେ ମଧ୍ୟ ୨୦୦୧ରେ ପଦ୍ମଶ୍ରୀ ସମ୍ମାନ ପାଇଥିଲେ। ସାହିତ୍ୟ ଓ ଶିକ୍ଷା ପାଇଁ ସାହିତ୍ୟିକା ଡ. ଦମୟନ୍ତୀ ବେଶ୍ରା, ବୀଣାପାଣି ମହାନ୍ତି, ଡ. ପ୍ରଶାନ୍ତ କୁମାର ପଟ୍ଟନାୟକ, କଳା ପାଇଁ ଉତ୍ସବ ଚରଣ ଦାସ, ମିତ୍ରଭାନୁ ଗୋଉଣ୍ଟିଆ, ଗୁରୁ ଶଶଧର ଆଚାର୍ଯ୍ୟ, ମନମୋହନ ମହାପାତ୍ର (ମରଣୋତ୍ତର), ଜୈବିକ କୃଷି କ୍ଷେତ୍ରରେ ବିପ୍ଳବ ପାଇଁ ପ୍ରଫେସର ରାଧାମୋହନ(ମରଣୋତ୍ତର) ଓ ତାଙ୍କ ଝିଅ ସାବରମତୀ, ପଶୁପାଳନ ପାଇଁ ବଟକୃଷ୍ଣ ସାହୁ ଏବଂ ଔଷଧ ପାଇଁ ଡା. ଦିଗମ୍ବର ବେହେରାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି।

ଗତ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କ ନାମ ଘୋଷଣା କରାଯାଇଥିଲା। ତେବେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜର୍ଜ ଫର୍ନାଣ୍ଡିସ୍, ଅରୁଣ ଜେଟଲୀ ଏବଂ ☞ପୃଷ୍ଠା–୪

# ବାଛିବାକୁ ସୁଯୋଗ ଦେଲେନି

## ଲଖିମପୁର ଖେରି ହିଂସା ମାମଲା

*ଉତ୍ତରପ୍ରଦେଶ ଲଖିମପୁର ଖେରି କୃଷକ ହତ୍ୟା ଘଟଣାର ତଦନ୍ତରେ ଅହେତୁକ ବିଳମ୍ବ ଘଟୁଛି ବୋଲି ସୁପ୍ରିମକୋର୍ଟ ସୋମବାର ମତ ପ୍ରକାଶ କରିଛନ୍ତି। ପ୍ରତିକାର ଭାବେ ସର୍ବୋଚ୍ଚ ନ୍ୟାୟାଳୟ ଏବେ ଉତ୍ତରପ୍ରଦେଶ ସରକାରଙ୍କୁ ୨ଜଣ ଅବସରପ୍ରାପ୍ତ ବିଚାରପତିଙ୍କ ନାମ ପଠାଇ ତନ୍ମଧ୍ୟରୁ ଜଣଙ୍କୁ ବାଛିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଉଭୟେ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି।*



**ନୂଆଦିଲ୍ଲୀ, ୮।୧୧(ପି.ଟି.)**

ଲଖିମପୁର ଖେରି କୃଷକ ହତ୍ୟା ଘଟଣାର ତଦନ୍ତରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ଲାଗି ଅନ୍ୟ ରାଜ୍ୟ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଉତ୍ତରପ୍ରଦେଶ ଏସ୍‌ଆଇଟି ମାମଲାର ଦୈନନ୍ଦିନ ତଦନ୍ତ କରିବା ଲାଗି ସର୍ବୋଚ୍ଚ ଅଦାଲତ ସୋମବାର କହିଛନ୍ତି। ଏଥିପାଇଁ ଅଦାଲତ ପଞ୍ଜାବ ହରିୟାଣା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ରଞ୍ଜିତ୍ ସିଂ କିମ୍ବା ରାକେଶ କୁମାର ଜୈନଙ୍କ ନାଁ ପ୍ରସ୍ତାବ ଦେଇଛନ୍ତି। ସବୁକିଛିର ସମାଧାନ ସିବିଆଇ ତଦନ୍ତ ନୁହେଁ ବୋଲି ପ୍ରଧାନ ବିଚାରପତି ଏନ୍‌.ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ସୂର୍ଯ୍ୟ କାନ୍ତ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ଗାଡ଼ି ମାଡ଼ିଯାଇ ଚାଷୀଙ୍କ ମୃତ୍ୟୁ ଏବଂ ଏହା ପରବର୍ତ୍ତୀ ହିଂସାରେ ଲୋକଙ୍କ ଜୀବନ ଯିବା, ଉଭୟ ମାମଲାର ଉପଯୁକ୍ତ ତଦନ୍ତ ହୋଇ ତାର୍କିକ ସିଦ୍ଧାନ୍ତ ବାହାରିବା ଆବଶ୍ୟକ। ଏଥିପାଇଁ ସମସ୍ତ ତଥ୍ୟ ପ୍ରମାଣ ସୁରକ୍ଷିତ ରହିବା ଦରକାର ବୋଲି ଖଣ୍ଡପୀଠ କହିଛନ୍ତି। ଅକ୍ଟୋବର ୩ରେ ଲଖିମପୁର ଖେରିରେ ଚାଷୀମାନେ ଆନ୍ଦୋଳନ ଚଳାଇଥିବାବେଳେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ସେମାନଙ୍କ ଉପରକୁ ମାଡ଼ିଯାଇ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଅନ୍ୟ ୪ଜଣ ପ୍ରାଣ ହରାଇଥିଲେ। ବର୍ତ୍ତମାନ ସୁଦ୍ଧା ଏସ୍‌ଆଇଟି ତଦନ୍ତକୁ ନେଇ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଚାଷୀଙ୍କ ଉପରେ ଗାଡ଼ି ମାଡ଼ିଯିବା ଘଟଣାରେ ଜଣେ ନିର୍ଦ୍ଦିଷ୍ଟ ଅଭିଯୁକ୍ତ ନିଜକୁ ଖସାଇବା ପାଇଁ ତଥ୍ୟ ପ୍ରମାଣ ଯୋଗାଡ଼ କରୁଥିବା ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାପଡୁଛି। ଏହି ମାମଲାରେ ୧୩ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଏସ୍‌ଆଇଟି କେବଳ ଆଶିଷ ମିଶ୍ରା ଏବଂ ସାକ୍ଷୀମାନଙ୍କ ମୋବାଇଲ ଫୋନ୍ ଜବତ କରିଥିବାରୁ ଖଣ୍ଡପୀଠ ତଦନ୍ତକାରୀ ସଂସ୍ଥାକୁ ସମାଲୋଚନା କରିଥିଲେ। ଷ୍ଟାଟସ୍ ରିପୋର୍ଟରେ କେତେଜଣ ସାକ୍ଷୀଙ୍କୁ ଜେରା କରାଯିବା ବ୍ୟତୀତ ଅନ୍ୟ କିଛି ଅଗ୍ରଗତି ହୋଇନାହିଁ। ୧୦ଦିନ ସମୟ ଦିଆଯାଇଥିଲେ ମଧ୍ୟ ଲାବରେଟୋରି ରିପୋର୍ଟ ଏପର୍ଯ୍ୟନ୍ତ ଆସିନାହିଁ। ଭିନ୍ନ ହାଇକୋର୍ଟର ପୂର୍ବତନ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ପ୍ରସ୍ତାବ ଉପରେ ୧୨ ତାରିଖ ସୁଦ୍ଧା ଜବାବ ରଖିବାକୁ ଖଣ୍ଡପୀଠ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ହରିଶ ସାଲଭେଙ୍କୁ ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ସାଥୀଙ୍କ ଗୁଳିରେ ୪ ଯବାନଙ୍କ ଜୀବନ ଗଲା

**ମାଲକାନଗିରି,୮।୧୧ (ଡି.ଏନ୍‌.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ରବିବାର ରାତି ୩ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ଦୀପାବଳିରେ ଛୁଟି ନ ମିଳିବାରୁ ଜଣେ ଯବାନ ନିଜ ସର୍ଭିସ୍ ବନ୍ଧୁକରୁ ଗୁଳି ଚଳାଇବାରୁ ୪ଜଣ ଯବାନଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଧନଜୀ, ରାଜୀବ ମଣ୍ଡଳ, ରାଜମଣି କୁମାର ଯାଦବ ଓ ଧର୍ମେନ୍ଦ୍ର କୁମାର। ଏଥିରେ ୩ଜଣ ଆହତ ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଖବରରୁ ଜଣାପଡ଼ିଛି ସୁକ୍‌ମା ଜିଲାର ମରାୟିଗୁଡ଼ା ଥାନାଠାରୁ ୪ କି.ମି. ଦୂରରେ ଥିବା ଲିଙ୍ଗମ୍‌ପାଲି ସିଆର୍‌ପିଏଫ୍ କ୍ୟାମ୍ପରେ ରବିବାର ରାତି ୩ଟାରେ ଯବାନ ରୀତୀଶ ରଞ୍ଜନ ନିଜ ସର୍ଭିସ୍ ବନ୍ଧୁକରୁ ହଠାତ୍ ସାଥୀ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଉପରୋକ୍ତ ୪ ଯବାନଙ୍କ ମୃତ୍ୟୁ ହୋଇଥିଲା। ୩ଜଣ ଆହତ ହୋଇଥିଲେ। ଆହତ ଯବାନମାନେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ହାତ ବାନ୍ଧିଦେଲେ

# ଡିସେମ୍ବର ୧୪ରେ ଚୂଡ଼ାନ୍ତ ଭୋଟର ତାଲିକା

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ଆସନ୍ତା ଡିସେମ୍ବର ୧୪ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ସୋମବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ–୨୦୨୨ ନିମନ୍ତେ ବାଲେଶ୍ୱର ଜିଲା ବ୍ୟତୀତ ସମସ୍ତ ଜିଲାର ଭୋଟର ତାଲିକା ପ୍ରସ୍ତୁତ ନିମନ୍ତେ ଚୂଡ଼ାନ୍ତ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଘୋଷଣା ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ୨୦୨୧ ନଭେମ୍ବର ୧୬ରେ ପ୍ରାଥମିକ ଭୋଟର ତାଲିକା ଗ୍ରାମପଞ୍ଚାୟତ ସଦର ମହକୁମାରେ ପ୍ରକାଶ ପାଇବ। ସେବେଠାରୁ ନଭେମ୍ବର ୨୩ ପର୍ଯ୍ୟନ୍ତ ଆବେଦନକାରୀ ଭୋଟର ତାଲିକା ସମ୍ପର୍କିତ ସମସ୍ତ ଦାବି ଓ ଆପତ୍ତି ଇଲେକ୍ଟୋରାଲ୍ ରେଜିଷ୍ଟ୍ରେଶନ ଅଧିକାରୀଙ୍କ ପାଖରେ ଦାଖଲ କରିପାରିବେ। ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ଯେଉଁ



ଭୋଟର ତାଲିକା ଜାନୁୟାରୀ ୨୦୨୧ରେ ପ୍ରକାଶିତ ହୋଇଛି, ତାହାକୁ ଆଧାର କରି ପଞ୍ଚାୟତ ନିର୍ବାଚନ ଲାଗି ଭୋଟର ତାଲିକା ପ୍ରସ୍ତୁତ କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି। ନୂଆକରି ଭୋଟର ତାଲିକାରେ ନିଜର ନାମ ପଞ୍ଜୀକରଣ କିମ୍ବା ସଂଶୋଧନ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ନଭେମ୍ବର ୨୩ ତାରିଖ ମଧ୍ୟରେ ଫର୍ମ ୧୬ ଯୋଗେ ଆବେଦନ କରିପାରିବେ। ନଭେମ୍ବର ୧ରୁ ନୂତନ ଭୋଟରଙ୍କ ପଞ୍ଜୀକରଣ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନର ନିର୍ଦ୍ଧାରଣ କରିଛନ୍ତି। ସେହିପରି ଭୋଟର ତାଲିକାଭୁକ୍ତ ନାମ ସମ୍ବନ୍ଧରେ ଆପତ୍ତି ପାଇଁ ଫର୍ମ ନମ୍ବର ୧୭ ଜରିଆରେ ଆବେଦନ କରିପାରିବେ। ଏହି ସମସ୍ତ ୧୬ ଏବଂ ୧୭ ଫର୍ମ ଗ୍ରାମପଞ୍ଚାୟତର ସଦର ମହକୁମାରେ ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ୍ ଅଫିସରଙ୍କଠାରୁ ବିନାମୂଲ୍ୟରେ ମିଳିପାରିବ। ଭୋଟର ତାଲିକାଭୁକ୍ତ ହେବା ପାଇଁ ସମସ୍ତ ଯୋଗ୍ୟ ବ୍ୟକ୍ତି ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଏହାର ସୁଯୋଗ ନେବା ପାଇଁ ରାଜ୍ୟ ନିର୍ବାଚନ କମିଶନର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ☞ପୃଷ୍ଠା–୪

## ୨୯ରୁ ସଂସଦର ଶୀତ ଅଧିବେଶନ

**ନୂଆଦିଲ୍ଲୀ, ୮।୧୧(ପି.ଟି.)**

ନଭେମ୍ବର ୨୯ରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହୋଇ ଡିସେମ୍ବର ୨୩ ପର୍ଯ୍ୟନ୍ତ ଚାଲିବ। ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିପିଏ) ସୋମବାର ଏଥିପାଇଁ ସୁପାରିସ କରିଛି। ପୂର୍ବ ଅଧିବେଶନ ଭଳି ଏଥର ମଧ୍ୟ କୋଭିଡ୍–୧୯ ନିୟମାବଳୀ ଅନୁଯାୟୀ ଶୀତ ଅଧିବେଶନ ଅନୁଷ୍ଠିତ ହେବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ସିସିପିଏ ବୈଠକ ବସିଥିଲା। ସୁପାରିସ ଅନୁଯାୟୀ ଅଧିବେଶନରେ ୨୦ଟି କାର୍ଯ୍ୟଦିବସ ରହିବ। ☞ପୃଷ୍ଠା–୪

RSPL EVOLUTION IS CONSTANT

**Diwali ସ୍କିମ୍ ଧମାକା**

ଘଡ଼ୀ ଡିଟର୍ଜେଣ୍ଟ

RSPL ପରିବାର ପକ୍ଷରୁ ଆପଣମାନଙ୍କୁ ଦିପାବଳୀର ଆନ୍ତରିକ ଶୁଭକାମନା

କେବଳ ଓଡ଼ିଶା ପ୍ରାନ୍ତର ଦୋକାନୀ ଭାଇମାନଙ୍କ ପାଇଁ ମାନ୍ୟ

ସ୍କିମ୍ 2nd November, 2021 ରୁ ଲାଗୁ. ସଂପର୍କ କରନ୍ତୁ 7459080808

| ସ୍ଲାବ୍ | ଘଡ଼ି ଡିଟର୍ଜେଣ୍ଟ ପାଉଡର ମାଗଣା ପ୍ୟାକେଟ୍ |
|---|---|
| 3kg ର 2*ବସ୍ତା | 3kg ର 1 ପ୍ୟାକେଟ୍ ମାଗଣା |
| 2kg ର 1* ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |
| 1kg ର 1* ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |
| 500g ର 1* ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |
| ₹10/- (125g/120g) ର 12 pcs. | ₹10/- (125g/120g) ର 1 pc. ମାଗଣା |
| ₹5/- (62g/60g) ର 12 pcs. | ₹5/- (62g/60g) ର 1 pc. ମାଗଣା |
| NEW PACK ₹15/- (250g) ର 1*ବସ୍ତା | ₹15/- (250g) ର 2 pcs. ମାଗଣା |

*As per Nielsen Retail Index data for Mat March 2021. All India (Urban+Rural) market in Washing Powder Category.

Ghadi Powder: *1 ବସ୍ତା = 4kgx5 pkts., 3kgx10 pkts., 2kgx10 pkts., 1kgx25 pkts., 500gx40 pkts., 125g/120gx72 pkts., 62g/60gx100 pkts., 250gx60 pkts., 13gx420 pkts.

| ସ୍ଲାବ୍ | ଘଡ଼ି ଡିଟର୍ଜେଣ୍ଟ କେକ୍ ମାଗଣା ପିସ୍ |
|---|---|
| 1@ ପେଟି | ₹5/- (75g) ର 5 pcs. ମାଗଣା |

Ghadi Cake: @1 ପେଟି = 75gx100 pcs., 165gx56 pcs., 300gx48 pcs., 150gx80 pcs.

| ସ୍ଲାବ୍ | ଘଡ଼ି ମେଶିନ୍ ୱାଶ୍ ମାଗଣା ପ୍ୟାକେଟ୍ |
|---|---|
| 1kg ର 1$ ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| 500g ର 1$ ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| ₹10/- (100g) ର 1$ ବସ୍ତା | ₹10/- (100g) ର 5 pcs. ମାଗଣା |
| 3kg ର 1$ ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |

Ghadi Machine Wash: $1ବସ୍ତା = 1kgx12 pkts., 500gx24 pkts., 100gx60 pkts., 3kgx5 pkts. + Plastic Container

| ସ୍ଲାବ୍ | ଗ୍ଲୋରି ମାଗଣା ପିସ୍ |
|---|---|
| 100g ର 1# ପେଟି | 50g ର 5 pcs. ମାଗଣା |
| 50g ର 1# ପେଟି | 50g ର 5 pcs. ମାଗଣା |
| 200ml HW ର 12 pcs. | 200ml HW ର 1 pc. ମାଗଣା |
| 190ml/180ml HW ର 12 pcs. | 190ml/180ml HW ର 1 pc. ମାଗଣା |
| 65ml/60ml HW ର 12 pcs. | 65ml/60ml HW ର 1 pc. ମାଗଣା |
| 30ml/25ml HW ର 60 pcs. | 30ml/25ml HW ର 5 pcs. ମାଗଣା |

Glori Soap: #1 ପେଟି = (100g x 4) x 12 pcs., (50g x 4) x 15 pcs.

HW = Handwash

ସ୍କିମ୍ ସମ୍ବନ୍ଧିତ କୌଣସି ସମସ୍ୟା ପାଇଁ ତଳେ ଦିଆଯାଇଥିବା ନମ୍ବରରେ ତୁରନ୍ତ ସଂପର୍କ କରନ୍ତୁ।

B. UMA SANKAR (BHUBANESWAR): 7873096108, PANCHANAN PRADHAN (SAMBALPUR): 9439649875
DHEERENDRA KUMAR (STATE HEAD): 9935279225

ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : RSPL CARE 1800 120 2800

# ‘ସହାୟ’ ଏବେ ଅସହାୟ

## ଭିକାରିମୁକ୍ତ ହୋଇପାରୁନି ସହର

- ରାଜ୍ୟରେ ୬,୩୯୦ ଭିକାରି ଚିହ୍ନଟ
- ସହରରେ ବଢୁଛନ୍ତି ବାହାର ରାଜ୍ୟ ଭିକାରି
- ବ୍ରହ୍ମପୁର, ସମ୍ବଲପୁରରେ ଖୋଲିବ ଥଇଥାନ କେନ୍ଦ୍ର

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ଅନେକ ଲୋକ ଭିକ୍ଷାବୃତ୍ତି କରୁଛନ୍ତି। ସହରକୁ ଭିକାରିମୁକ୍ତ କରାଯାଇ ପାରୁନାହିଁ। ଏପରି କି ସହରାଞ୍ଚଳରେ ଥିବା ଭିକାରି, ବୃଦ୍ଧ, ଅସହାୟ, ଶାରୀରିକ ଅକ୍ଷମମାନଙ୍କୁ ଖାଦ୍ୟ ଯୋଗାଣ ପାଇଁ ହୋଇଥିବା ନିଷ୍ପତ୍ତି ବି ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହୋଇ ପାରୁ ନାହିଁ। ଫଳରେ କରୋନା ଲକ୍‌ଡାଉନ ଖୋଲିବା ପରଠାରୁ ସହରାଞ୍ଚଳରେ ଭିକାରିଙ୍କ ସଂଖ୍ୟା ବଢିବାରେ ଲାଗିଛି। ବିଶେଷ କରି ଅନ୍ୟ ରାଜ୍ୟରୁ ଆସି ବିଭିନ୍ନ ଛକ, ମନ୍ଦିର, ହାଟବଜାର ଓ ଶପିଂମଲ୍ ନିକଟରେ ଭିକ୍ଷାବୃତ୍ତି କରୁଥିବା ଲୋକମାନଙ୍କୁ ଥଇଥାନ କରିବା ନେଇ ସମସ୍ୟା ବଢି ଯାଇଛି। ଭିକାରିମାନଙ୍କୁ ଥଇଥାନ କରିବାକୁ ରାଜ୍ୟ ସରକାର ‘ସହାୟ’ ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏବେ ତାହା ଏକ ପ୍ରକାର ଅସହାୟ ହୋଇପଡିଛି। ଭୁବନେଶ୍ୱର ମହାନଗର ସମେତ ବିଭିନ୍ନ ସହରରେ ଭିକ୍ଷୁକଙ୍କ ସଂଖ୍ୟା ବଢିଯାଇଛି।



ରାଜ୍ୟ ସରକାର ସହରାଞ୍ଚଳଗୁଡିକୁ ଭିକାରିମୁକ୍ତ କରିବାପାଇଁ ୨୦୧୭ରେ ‘ସହାୟ’ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସହରାଞ୍ଚଳରେ ବୁଲୁଥିବା ଭିକାରି ଚିହ୍ନଟ କରିବାକୁ ତତ୍କାଳୀନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ସଚିବ ନୀତିନ ଚନ୍ଦ୍ରା ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଥିଲେ। ଏଥିସହିତ ୨୦୧୭ ଏପ୍ରିଲ ୩୦ ସୁଦ୍ଧା ଏ ନେଇ ଭିକାରିଙ୍କୁ ଥଇଥାନ କରିବା ପାଇଁ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ସହାୟ ଯୋଜନାରେ ଭିକାରିମାନଙ୍କୁ ଥଇଥାନ କରିବା ପାଇଁ ଘର ଲାଗି ଜମି ଯୋଗାଇ ଦେବା ସହ ସେମାନଙ୍କୁ କାମ କରିବା ନିମନ୍ତେ ଦକ୍ଷତା ବୃଦ୍ଧି କରିବା, ରାଶନ କାର୍ଡ, ବୀମା ଯୋଗାଇବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ବିଶେଷ କରି ବୃଦ୍ଧାବୃଦ୍ଧ ଭିକାରିଙ୍କୁ ତୁରନ୍ତ ଥଇଥାନ ସ୍ଥଳକୁ ନେବାକୁ କୁହାଯାଇଥିଲା। ଅନ୍ୟ ପକ୍ଷରେ ଯେଉଁ ଭିକାରିମାନେ ଭିକ୍ଷାବୃତ୍ତି ଛାଡି ସମ୍ମାନର ସହ ବଞ୍ଚିବା ପାଇଁ ଜୀବିକାକୁ ଗ୍ରହଣ କରିବେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ☞ପୃଷ୍ଠା–୪

**ଜଣକୁ ହତ୍ୟାକଲେ ଆତଙ୍କବାଦୀ**

ଜମ୍ମୁ-କଶ୍ମୀରର ଶ୍ରୀନଗର ଅନ୍ତର୍ଗତ ବୋହରି କାଡାଲ ଅଞ୍ଚଳରେ ଆତଙ୍କବାଦୀମାନେ ସୋମବାର ଜଣେ ସାଧାରଣ ନାଗରିକଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ମୃତବ୍ୟକ୍ତିଙ୍କ ନାମ ମହମ୍ମଦ ଇବ୍ରାହିମ ଖାନ୍ ଓ ତାଙ୍କ ଘର ବନ୍ଦିପୋରା ଜିଲାରେ। ସେ ମହାରାଜଗଞ୍ଜ ଅଞ୍ଚଳରେ ଜଣେ ସେଲ୍ସମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ରାତି ୮ଟାରେ ଆତଙ୍କବାଦୀଙ୍କ ଗୁଳିରେ ଗୁରୁତର ଆହତ ମହମ୍ମଦଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### ଆଣ୍ଟିଲିଆ ସୁରକ୍ଷା ବଢ଼ିଲା

**ମୁମ୍ବାଇ, ୮।୧୧:** ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟିଲିଆ ପ୍ରତି ବିପଦ ଆଶଙ୍କା କରି ମୁମ୍ବାଇ ପୋଲିସ ସେଠାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦେଇଛି। ଦୁଇଜଣ ବ୍ୟକ୍ତି ଆଣ୍ଟିଲିଆର ଠିକଣା ଜାଣିବା ପାଇଁ ଜଣେ ଟ୍ୟାକ୍ସି ଡ୍ରାଇଭରକୁ ପଚାରିଥିଲେ। ଡ୍ରାଇଭର ଜଣକ ଏ ସମ୍ପର୍କରେ ମୁମ୍ବାଇ ପୋଲିସକୁ ଫୋନ୍ କରି ସୂଚନା ଦେଇଥିଲେ। ଅଜ୍ଞାତ ବ୍ୟକ୍ତି ସାଙ୍ଗରେ ବଡ଼ ବ୍ୟାଗ୍ ଆଣି ଆସିଥିଲେ। ଉକ୍ତ ବିଲ୍ଡିଂ ଚାରିପଟେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ପୋଲିସ ଯାଞ୍ଚ କରୁଛି। ଡ୍ରାଇଭରଙ୍କ ବୟାନ ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ ୯ ମାସ ପୂର୍ବରୁ ଆଣ୍ଟିଲିଆ ନିକଟରେ ବିସ୍ଫୋରକ ଭର୍ତ୍ତି ସ୍କର୍ପିଓ ରଖାଯିବା ଘଟଣାର ତଦନ୍ତ ଜାରି ରହିଛି। ଉକ୍ତ ସ୍କର୍ପିଓକୁ ଚୋରି କରି ଅଣାଯାଇଥିବା ଜଣାପଡ଼ିଥିଲା। ଗାଡ଼ିର ମାଲିକ ମନସୁଖ ହିରେନଙ୍କ ମୃତଦେହ ରହସ୍ୟଜନକ ଭାବେ ମିଳିଥିଲା। ଏହି ଷଡ଼ଯନ୍ତ୍ରରେ ପୋଲିସ ଅଧିକାରୀ ସଚିନ ୱାଜେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯିବା ସହ ଗିରଫ କରାଯାଇଥିଲା।

### ଲଶ୍କର ଆତଙ୍କବାଦୀ ଗିରଫ

**ଶ୍ରୀନଗର, ୮।୧୧:** ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରୁ ସୋମବାର ଜଣେ ଲଶ୍କର-ଇ-ତୋଇବା ଆତଙ୍କବାଦୀଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ତଲାସି ଅଭିଯାନ ବେଳେ ପୋଲିସ ଓ ସେନା ଯବାନମାନଙ୍କ ଟିମ୍ ୱାହାଦାନ ଗ୍ରାମରୁ ହଫିଜ ଅମଦୁଲ୍ଲା ମଲିକ ନାମକ ଆତଙ୍କବାଦୀଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ଗୋଟିଏ ପିସ୍ତଲ ଓ ୭ ରାଉଣ୍ଡ ଗୁଳି ଜବତ ହୋଇଥିବାବେଳେ ତାଙ୍କ ସୂଚନା ଆଧାରରେ କାଟସୁ ଜଙ୍ଗଲରୁ ଗୋଟିଏ ଏକେ ରାଇଫଲ, ଦୁଇଟି ମାଗାଜିନ ଓ ୪୦ ରାଉଣ୍ଡ ଗୁଳି ଜବତ ହୋଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

### ୨୦ରୁ ଜୋର୍‌ଦାର ହେବ ଚାଷୀ ଆନ୍ଦୋଳନ

**ଗାଜିଆବାଦ, ୮।୧୧:** କେନ୍ଦ୍ରର କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ନଭେମ୍ବର ୨୬ରେ ବର୍ଷେ ପୂରିବାକୁ ଯାଉଛି। ଏହି ଅବସରରେ ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ନିଷ୍ପତ୍ତି ନିଆଯାଇଛି। ଶୀତ ବଢ଼ୁଥିଲାବେଳେ ୨୦ ତାରିଖରୁ ଅଧିକରୁ ଅଧିକ ଚାଷୀ ଆନ୍ଦୋଳନରେ ସାମିଲ ହେବାକୁ ଥିବାରୁ ଏଥିପାଇଁ ଗାଜିପୁର ସୀମାରେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ଚାଷୀନେତା କହିଛନ୍ତି। ଗହମ ବୁଣା କାର୍ଯ୍ୟ ସରିବା ପରେ ଉତ୍ତରପ୍ରଦେଶର ବିଭିନ୍ନ ଜିଲାରୁ ବହୁସଂଖ୍ୟାରେ ଚାଷୀ ଆନ୍ଦୋଳନରେ ସାମିଲ ହେବେ ବୋଲି ଭାରତୀୟ କିଷାନ ୟୁନିୟନ (ବିକେୟୁ) ପକ୍ଷରୁ କୁହାଯାଇଛି। ୯ ତାରିଖରେ ସିଙ୍ଘୁ ସୀମାରେ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍)ର ଏକ ବୈଠକ ବସି ପରବର୍ତ୍ତୀ ଆନ୍ଦୋଳନ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯିବ ବୋଲି କିଷାନ ମୋର୍ଚ୍ଚା ମୁଖପାତ୍ର ଜଗତାର ସିଂ ବାଜୱା କହିଛନ୍ତି। ଏବେ ଗାଜିପୁର ସୀମାରେ ପ୍ରାୟ ୧,୦୦୦ ଚାଷୀ ଆନ୍ଦୋଳନ ଚଳାଇଥିବାବେଳେ ୨୦ ତାରିଖରୁ ଆସିବାକୁ ଥିବା ଅନ୍ୟ ଚାଷୀମାନଙ୍କ ପାଇଁ ଅତିରିକ୍ତ କମ୍ବଳ, ମାଟ୍ରେସ୍ ବ୍ୟବସ୍ଥା ଆରମ୍ଭ ହୋଇଛି।

# ମଧ୍ୟସ୍ଥ ନେଇଛନ୍ତି ୬୫ କୋଟି

## ଖୋଲିଲା ରାଫାଲ ଦୁର୍ନୀତିର ଆଉ ଏକ ପେଡ଼ି

- ଫ୍ରାନ୍ସ ପବ୍ଲିକେଶନ ମିଡିଆପାର୍ଟ ରିପୋର୍ଟ
- ନକଲି ବିଲ୍‌ରେ ହୋଇଥିଲା କାରବାର
- ପ୍ରମାଣ ଥାଇ ତଦନ୍ତ କରିନି ସିବିଆଇ, ଇଡି

**ନୂଆଦିଲ୍ଲୀ, ୮।୧୧**

ଫ୍ରାନ୍ସରୁ ରାଫାଲ ଯୁଦ୍ଧ ବିମାନ କିଣିବା ପାଇଁ ଭାରତ ସହ ହୋଇଥିବା ଚୁକ୍ତିରେ ଦୁର୍ନୀତିର ଆଉ ଏକ ଫର୍ଦ୍ଦ ସାମ୍ନାକୁ ଆସିଛି। ଏହି ବିମାନ ବିକିବା ପାଇଁ କେନ୍ଦ୍ର ସରକାରଙ୍କ ସହ ହୋଇଥିବା ଚୁକ୍ତିକୁ ବଜାୟ ରଖିବା ନିମନ୍ତେ ଫ୍ରାନ୍ସ କମ୍ପାନୀ ଡାସଲ୍ଟ ଆଭିଏଶନ ମଧ୍ୟସ୍ଥ ସୁଶେନ ଗୁପ୍ତାଙ୍କୁ ପ୍ରାୟ ୭.୫ ମିଲିୟନ ୟୁରୋ ବା ୬୫ କୋଟି ଟଙ୍କା ଲାଞ୍ଚ ଦେଇଛି। ନକଲି ବିଲ୍ ଦ୍ୱାରା ଏହି କାରବାର ହୋଇଛି। ଫ୍ରାନ୍ସ ପୋର୍ଟାଲ ରବିବାର ଜାଲ୍ ଇନ୍‌ଭଏସ୍‌କୁ ପ୍ରକାଶ କରିଛି। ୩୬ ରାଫାଲ ଫାଇଟର ବିମାନ ବିକିବା ପାଇଁ ଭାରତ ସହ ୫୯ ହଜାର କୋଟି ଟଙ୍କାର ଚୁକ୍ତି ହାସଲ ନିମନ୍ତେ ସୁଶେନ୍ ଲାଞ୍ଚ ନେଇଥିବା ଏଥିରେ ଦର୍ଶାଯାଇଛି। କିନ୍ତୁ ୨୦୧୮ ଅକ୍ଟୋବରଠାରୁ ଏ ବାବଦରେ ସମସ୍ତ ଡକ୍ୟୁମେଣ୍ଟ ଏବଂ ପ୍ରମାଣ ଥାଇ ମଧ୍ୟ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତଦନ୍ତ ନ କରି ତାହାକୁ ଅଣଦେଖା



କରିଥିବା ମିଡିଆପାର୍ଟ ଅଭିଯୋଗ କରିଛି।

ରିପୋର୍ଟ ଅନୁସାରେ, ୨୦୦୭ରୁ ୨୦୧୨ ମଧ୍ୟରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଥିବାବେଳେ ଏହି ଲାଞ୍ଚ କାରବାର ହୋଇଛି। ଏହି ସରକାର ଅମଳରେ ହୋଇଥିବା ରାଫାଲ ଚୁକ୍ତିକୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ୨୦୧୪ରେ ରଦ୍ଦ କରିଦେଇଥିଲେ। ଅଗୁସ୍ତା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଡିଲ୍‌ରେ ଲାଞ୍ଚ କାରବାର ଅଭିଯୋଗରେ ପୂର୍ବରୁ ସୁଶେନ୍ ଗୁପ୍ତାଙ୍କୁ ଗିରଫ କରାଯାଇଥିଲା। ମରିସସ୍ ଭିତ୍ତିକ ଇଣ୍ଟରଷ୍ଟେଲାର ଟେକ୍ନୋଲୋଜିରେ ପଞ୍ଜୀକୃତ ଏକ ଶେଲ୍ କମ୍ପାନୀ ମାଧ୍ୟମରେ ଅଗୁସ୍ତା ୱେଷ୍ଟଲ୍ୟାଣ୍ଡରୁ ସେ ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ଏବେ ପ୍ରଘଟ ହୋଇଥିବା ଇନ୍‌ଭଏସ୍ ଏବଂ ବ୍ୟାଙ୍କ ଷ୍ଟେଟମେଣ୍ଟ ଅନୁସାରେ, ସୁଶେନଙ୍କ ଶେଲ କମ୍ପାନୀ ୨୦୦୨ରୁ ୨୦୦୬ ମଧ୍ୟରେ ୯ ଲକ୍ଷ ୧୪ ହଜାର ୪୮୮ ୟୁରୋ ଅର୍ଥ ପାଇଛି। ଲାଞ୍ଚ କାରବାରକୁ ଅଧିକ ପାରଦର୍ଶୀ କରିବା ପାଇଁ ଉଭୟ ଡାସଲ୍ଟ ଏବଂ ମଧ୍ୟସ୍ଥ ସୁଶେନ ଅଲଗା ଉପାୟ ଆପଣାଇଥିଲେ। ସିଙ୍ଗାପୁରସ୍ଥିତ ଇଣ୍ଟରଡେଭ୍ କମ୍ପାନୀ ମାଧ୍ୟମରେ ଡାସଲ୍ଟ ଅଧିକ ବିଲ୍‌ର ଆଇଟି ସେବା କିଣିଥିଲା। ଇଣ୍ଟରଡେଭ୍‌କୁ ଏସିଆରେ ଡାସଲ୍ଟର 'ସିଷ୍ଟମ ଇଣ୍ଟିଗ୍ରେଟର' ଭାବେ ଚିତ୍ରିତ କରାଯାଇଥିଲା। କିନ୍ତୁ ବାସ୍ତବରେ ତାହା ନାମକୁ ମାତ୍ର ଏକ କମ୍ପାନୀ ଥିଲା ଏବଂ ଜଣେ ପ୍ରମୁଖ ବ୍ୟକ୍ତିଙ୍କ ଦ୍ୱାରା ତାହା ଗୁପ୍ତା ପରିବାର ପାଇଁ ପରିଚାଳିତ ହେଉଥିଲା ବୋଲି ମିଡିଆପାର୍ଟ କହିଛି। ରାଫାଲ ଚୁକ୍ତିର ଶେଷ ପର୍ଯ୍ୟାୟରେ ୨୦୧୫ରେ ଭାଜପା ସରକାରରେ ଥିବାବେଳେ ସୁଶେନ ପ୍ରତିରକ୍ଷା ମନ୍ତ୍ରଣାଳୟରୁ ଗୁପ୍ତ ତଥ୍ୟ ହାସଲ କରିନେଇଥିଲେ। ଏ ସମ୍ପର୍କିତ ଦସ୍ତାବିଜ୍ ମଧ୍ୟ ସିବିଆଇ ଏବଂ ଇଡି ହାତରେ ଲାଗିଥିଲା। ରାଫାଲ ନିର୍ମାଣକାରୀ ଡାସଲ୍ଟ ଏଭିଏଶନ ଏବଂ ଫ୍ରାନ୍ସ ଡିଫେନ୍ସ ଇଲେକ୍ଟ୍ରୋନିକ୍ସ ଫାର୍ମ ଥାଲ୍‌ସ କିପରି ଜଣେ ପ୍ରଭାବଶାଳୀ ଭାରତୀୟ ବ୍ୟବସାୟୀଙ୍କୁ ଗୁପ୍ତ ଭାବେ ଉତ୍କୋଚ ଦେଇଥିଲା ସେ ନେଇ ଗତ ଏପ୍ରିଲରେ ମଧ୍ୟ ମିଡିଆପାର୍ଟ ଏକ ରିପୋର୍ଟ ପ୍ରକାଶ କରିଥିଲା। ତେବେ ସଦ୍ୟ ଅଭିଯୋଗ ଉପରେ ଡାସଲ୍ଟ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

## ମହାକାଶରେ ଚାଲିଲେ ପ୍ରଥମ ଚାଇନା ମହିଳା



ୱାଙ୍ଗ୍ ୟାପିଙ୍ଗ୍

**ବେଜିଂ, ୮।୧୧**

ମହାକାଶଚାରୀ ୱାଙ୍ଗ୍ ୟାପିଙ୍ଗ୍ ଚାଇନାର ପ୍ରଥମ ମହିଳା ଭାବେ ସ୍ପେସ୍‌ୱାକ କରି ସୋମବାର ଇତିହାସ ରଚିଛନ୍ତି। ନିର୍ମାଣାଧୀନ ସ୍ପେସ୍‌ଷ୍ଟେଶନରୁ ବାହାରକୁ ଆସି ତାଙ୍କ ପୁରୁଷ ସହକର୍ମୀ ଜାଇ ଜିଗାଙ୍ଗଙ୍କ ସହ ୪୧ ବର୍ଷୀୟା ୱାଙ୍ଗ୍ ପ୍ରାୟ ସାଢ଼େ ୬ ଘଣ୍ଟା ଧରି ସ୍ପେସ୍‌ୱାକ ଏବଂ ଅନ୍ୟ କାର୍ଯ୍ୟକଳାପ କରିଥିଲେ। ପରେ ସଫଳତାର ସହ ଉକ୍ତ ମଡ୍ୟୁଲକୁ ଫେରିଥିଲେ। ଅକ୍ଟୋବର ୧୬ରେ ଚାଇନା ଶେନ୍‌ଜୋୟୁ-୧୩ ସ୍ପେସ୍‌ଶିପ୍ ଜରିଆରେ ୩ ମହାକାଶଚାରୀଙ୍କୁ ୬ ମାସିଆ ମିଶନରେ ଏହାର ନିର୍ମାଣାଧୀନ ସ୍ପେସ୍‌ଷ୍ଟେଶନକୁ ପଠାଇଥିଲା। ଶାନ୍‌ଡୋଙ୍ଗ ପ୍ରଦେଶର ୱାଙ୍ଗ୍ ୧୯୯୭ରେ ଚାଇନା ସେନା ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ବାୟୁସେନାରେ ଯୋଗଦେଇଥିଲେ। ୨୦୧୦ରେ ପିଏଲ୍‌ଏ ଆଷ୍ଟ୍ରୋନଟ୍ ଡିଭିଜନରେ ଯୋଗଦେବା ପୂର୍ବରୁ ସେ ଡେପୁଟି ସ୍କ୍ୱାଡ୍ରନ କମାଣ୍ଡର ଭାବେ କାର୍ଯ୍ୟରତ ଥିଲେ। ୱାଙ୍ଗଙ୍କ ପୂର୍ବରୁ ୧୯୮୪ରୁ ୨୦୧୯ ଅକ୍ଟୋବର ସୁଦ୍ଧା ମୋଟ ୧୫ ଜଣ ମହିଳା ୪୨ ସ୍ପେସ୍‌ୱାକରେ ଭାଗ ନେଇଛନ୍ତି। ରୁଷିଆ ମହାକାଶଚାରୀ ସ୍ୱେତଲାନା ସ୍ୱାତିସ୍କାୟା ପ୍ରଥମ ମହିଳା ଭାବେ ସ୍ପେସ୍‌ୱାକ କରିଥିଲେ।



ଦିଲ୍ଲୀରେ ଯୁବ କଂଗ୍ରେସ ପକ୍ଷରୁ ବିମୁଦ୍ରୀକରଣ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଅନ୍‌ସଲ ଭ୍ରାତାଙ୍କୁ ୭ ବର୍ଷ ଜେଲ

## ଉପହାର ସିନେମା ହଲ୍ ଅଗ୍ନିକାଣ୍ଡ ମାମଲା

**ନୂଆଦିଲ୍ଲୀ, ୮।୧୧(ପି.ଟି.)**

ଉପହାର ସିନେମା ହଲ୍ ଅଗ୍ନିକାଣ୍ଡ ଘଟଣାରେ ତଥ୍ୟ ନଷ୍ଟ କରିବା ମାମଲାରେ ରିଅଲ ଇଷ୍ଟେଟ୍ ବ୍ୟବସାୟୀ ସୁଶୀଲ ଅନ୍‌ସଲ ଓ ଗୋପାଳ ଅନ୍‌ସଲଙ୍କୁ ଦିଲ୍ଲୀର ଏକ ଅଦାଲତ ସୋମବାର ୭ ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ପଙ୍କଜ ଶର୍ମା ଦୁଇ ଅନସଲ ଭ୍ରାତାଙ୍କୁ ୨.୨୫ କୋଟି ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ କୋର୍ଟର ପୂର୍ବତନ କର୍ମଚାରୀ ଦିନେଶ ଚାନ୍ଦ ଶର୍ମା ଏବଂ ଅନ୍ୟ ୨ ଜଣ ପି.ପି. ବାତ୍ରା ଓ ଅନୂପ ସିଂଙ୍କୁ ୭ ବର୍ଷ ଜେଲଦଣ୍ଡ ସମେତ ୩ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାୟ ଘୋଷଣା ପରେ ଜାମିନରେ ଥିବା ଅପରାଧୀମାନଙ୍କୁ ଜେଲ୍‌କୁ ନିଆଯାଇଛି।

ସୂଚନାଯୋଗ୍ୟ, ୧୯୯୭ ଜୁନ୍ ୧୩ରେ ଦିଲ୍ଲୀର ଉପହାର ସିନେମା ହଲ୍‌ରେ ହିନ୍ଦୀ ଚଳଚ୍ଚିତ୍ର 'ବର୍ଡର' ପ୍ରଦର୍ଶିତ ହେଉଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୫୯ ଜଣଙ୍କ ଜୀବନ ଯାଇଥିଲା। ପୂର୍ବରୁ ଅଗ୍ନିକାଣ୍ଡ ମାମଲାରେ ସୁପ୍ରିମକୋର୍ଟ ଅନସଲ ଭ୍ରାତାଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲଦଣ୍ଡାଦେଶ ଦେଇଥିଲେ। ତେବେ ସେମାନେ ଅଧିକ ଦିନ ଜେଲ୍‌ରେ ରହିସାରିଥିବାରୁ ସର୍ବୋଚ୍ଚ ଅଦାଲତ ଏହାକୁ ବିଚାରକୁ ନେଇ ସେମାନଙ୍କୁ ୩୦ କୋଟି ଟଙ୍କା ଲେଖାଏ ଅର୍ଥ ଜମା କରିବା ସର୍ତ୍ତରେ ମୁକ୍ତ କରିଦେଇଥିଲେ। ଉକ୍ତ ଅର୍ଥକୁ ଦିଲ୍ଲୀରେ ଏକ ଟ୍ରମା ସେଣ୍ଟର ନିର୍ମାଣରେ ବିନିଯୋଗ କରିବାକୁ ସର୍ବୋଚ୍ଚ ଅଦାଲତ କହିଥିଲେ।

# ତୃତୀୟ ଥର ରାଷ୍ଟ୍ରପତି ହେବେ ଜିନ୍‌ପିଙ୍ଗ୍

**ବେଜିଂ, ୮।୧୧**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ତୃତୀୟ ଥର ପାଇଁ ଶାସନ ମୁଖ୍ୟ ମନୋନୀତ ହେବାକୁ ଯାଉଛନ୍ତି। ଏଥିପାଇଁ ଚାଇନା କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସୋମବାର ଆରମ୍ଭ ହୋଇଥିବା ୪ ଦିନିଆ ସମ୍ମିଳନୀରେ ଶାସକ ଦଳ ସିପିସି ପକ୍ଷରୁ ଐତିହାସିକ ସଂକଳ୍ପନାମା ଜାରି କରାଯାଇ ଜିନ୍‌ପିଙ୍ଗଙ୍କୁ ଚାଇନାର



ଜଣେ ଯୁଗାନ୍ତକାରୀ ନେତା ଘୋଷଣା କରାଯିବ। ସିପିସିର ୧୯ତମ କେନ୍ଦ୍ରୀୟ କମିଟି ଏହାର ଷଷ୍ଠ ସେସନ୍ ଆରମ୍ଭ କରିଛି। ଏଥିରେ ପ୍ରାୟ ୪ ଶହ ପୂର୍ଣ୍ଣ ଏବଂ ଅସ୍ଥାୟୀ ସଦସ୍ୟ ସାମିଲ ହୋଇଛନ୍ତି। କମିଟିର ସାଧାରଣ ସମ୍ପାଦକ ୬୮ ବର୍ଷୀୟ ଜିନ୍‌ପିଙ୍ଗ ପଲିଟିକାଲ ବ୍ୟୁରୋ ପକ୍ଷରୁ ତାଙ୍କ କାର୍ଯ୍ୟ ରିପୋର୍ଟ ପ୍ରଦାନ କରିଛନ୍ତି। ଆସନ୍ତା ବର୍ଷ ତାଙ୍କ ଦ୍ୱିତୀୟ ୫ ବର୍ଷିଆ କାର୍ଯ୍ୟକାଳ ପୂର୍ଣ୍ଣ ହେବ। ସିପିସି ପ୍ରତିଷ୍ଠାତା ମାଓ ଜେଡାଙ୍ଗଙ୍କ ପରେ ଜିନ୍‌ପିଙ୍ଗ୍ ସବୁଠାରୁ ଶକ୍ତିଶାଳୀ ନେତା ଭାବେ ଉଭା ହୋଇଛନ୍ତି।

# ୧୧ରେ ରାଜ୍ୟପାଳ ସମ୍ମିଳନୀ

**ନୂଆଦିଲ୍ଲୀ, ୮।୧୧(ଆଇଏଏନ୍‌ଏସ୍)**

୫୧ତମ ରାଜ୍ୟପାଳ ଓ ଉପରାଜ୍ୟପାଳ ସମ୍ମିଳନୀ ଆସନ୍ତା ୧୧ ତାରିଖରେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏଥିରେ ଅଧ୍ୟକ୍ଷତା କରିବେ। ତାଙ୍କ ଅଧ୍ୟକ୍ଷତାରେ ଏହା ଚତୁର୍ଥ ସମ୍ମିଳନୀ। ଏଥିରେ ସବୁ ରାଜ୍ୟର ରାଜ୍ୟପାଳ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ଯୋଗଦେବା ସହ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ ରହିବେ।

# ଚେନ୍ନାଇରେ ବର୍ଷା ବିପ୍ଲାତ ଜାରି

**ଚେନ୍ନାଇ, ୮।୧୧**

ଚେନ୍ନାଇ ସମେତ ତାମିଲନାଡୁର ବିଭିନ୍ନ ଅଞ୍ଚଳରେ ଶନିବାର ରାତିରୁ ଲଗାଣ ବର୍ଷା ଜାରି ରହିଥିବାବେଳେ ଅନେକ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ରାସ୍ତାଘାଟ ଓ ରେଳଲାଇନରେ ପାଣି ଜମି ରହିବା ସହ ଘରେ ପାଣି ପଶିଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମଙ୍ଗଳବାର ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଥିବାରୁ ସ୍ଥିତି ଆହୁରି ଖରାପ ହେବାକୁ ଯାଉଥିବା ଆଶଙ୍କା କରାଯାଉଛି। ସୋମବାର ଚେନ୍ନାଇ, ଭେଲୋର, ନାଗପଟ୍ଟିନମ, କରାଇକେଲ ସମେତ ୧୪ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ୨୦୧୫ ପରେ ଚେନ୍ନାଇରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ସହରର



## ସହାୟତାର ପ୍ରତିଶ୍ରୁତି ଦେଲେ ପ୍ରଧାନମନ୍ତ୍ରୀ

ଖାଲୁଆ ଅଞ୍ଚଳରୁ ପାଣି ନିଷ୍କାସନ ପାଇଁ ୫୦୦ ମେଗା ପମ୍ପସେଟ୍ ଲଗାଯାଇଛି। ପାଣି ଘେରରେ ଥିବା ଲୋକଙ୍କ ମଧ୍ୟରେ ଲକ୍ଷେ ଖାଦ୍ୟ ପୁଡ଼ିଆ ବିତରଣ କରାଯିବା ସହ ରିଲିଫ କ୍ୟାମ୍ପରେ ଖାଦ୍ୟ ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ବିପନ୍ନ ଅଞ୍ଚଳରେ ୨,୦୨,୩୫୦ ଜଣଙ୍କୁ ରବିବାରଠାରୁ ଖାଦ୍ୟ ଯୋଗାଇ ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ସହ କଥା ହୋଇ କେନ୍ଦ୍ର ପକ୍ଷରୁ ସମସ୍ତ ସହାୟତା ଯୋଗାଇଦେବାର ପ୍ରତିଶ୍ରୁତି ଦେଇଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ଅନ୍ୟ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହ ଚେନ୍ନାଇର ବିଭିନ୍ନ ଅଞ୍ଚଳକୁ ଯାଇ ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ। ଚେନ୍ନାଇ ସମେତ ତିରୁଭାଲ୍ଲୁର, କାଞ୍ଚିପୁରମ ଏବଂ ଚେଙ୍ଗଲପେଟ ଜିଲାରେ ୮ ଓ ୯ ଦୁଇଦିନ ସ୍କୁଲ, କଲେଜ ଛୁଟି ଘୋଷଣା କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୨୬ ଜିଲାରେ ଅଧିକ ମୌସୁମୀ ବର୍ଷା ହୋଇଛି। ଏଥିରେ ୪ ଜଣଙ୍କ ଜୀବନ ଯିବା ସହ ୨୬୦ ଘର ଭାଙ୍ଗିଥିଲା।



## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୦୭,୯୨,୯୮୯ | ୫୦,୬୭,୯୫୨ | ୨୨,୭୦,୦୬,୦୦୪ |
| ଭାରତ | ୩,୪୩,୬୬,୭୬୭ | ୪,୬୧,୦୫୦ | ୩,୩୭,୫୪,୧୯୦ |
| ଓଡ଼ିଶା | ୧୦,୪୩,୭୪୫ | ୮୩୬୧(+୫୩) | ୧୦,୩୨,୫୬୬ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ଅବସରପ୍ରାପ୍ତ ଜିଲା ଜଜ୍‌ଙ୍କ ତଦନ୍ତ ରିପୋର୍ଟ ଦାଖଲ

**ଭିମ୍‌ସାରରେ ଚିକିତ୍ସା ଅବହେଳା ମାମଲା**

କଟକ ଅଫିସ, ୮।୧୧

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ଚିକିତ୍ସା ଅବହେଳା ନେଇ ଆଗତ ମାମଲାର ନ୍ୟାୟିକ ତଦନ୍ତ କରିବାକୁ ହାଇକୋର୍ଟ ଅବସରପ୍ରାପ୍ତ ଜିଲା ଜଜ୍ ଏ.ବି.ଏସ୍. ନାଇଡୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଜଷ୍ଟିସ ନାଇଡୁ ତଦନ୍ତ କରିଥିଲେ। ଏହାପରେ ସେ ସୋମବାର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏ.କେ. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୬ରେ ହେବ।

ସୂଚନାଯୋଗ୍ୟ, କରୋନା ଦ୍ୱିତୀୟ ଲହରବେଳେ ଭିମ୍‌ସାରରେ ଚିକିତ୍ସାଧୀନ ରୋଗୀଙ୍କୁ ବ୍ୟାପକ ଅବହେଳା କରାଯାଇଛି। ଫଳରେ ଅନେକ ରୋଗୀଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭିଯୋଗ ଆଣି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ବରଗଡ଼ ଜିଲା କେନ୍ଦବାହାଲ ଗ୍ରାମର ଜ୍ଞାନଦତ୍ତ ଚୌହାନ ଗତ ମେ ୨୩ରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ତାଙ୍କ ସମ୍ପର୍କୀୟମାନେ କୋଭିଡ୍ କାଳରେ ଭିମ୍‌ସାରରେ ଉପଯୁକ୍ତ ଚିକିତ୍ସା ସେବା ନ ପାଇ ହଇରାଣ ହୋଇଥିବା ଦର୍ଶାଇ ସେ ୯ଟି ପୃଥକ ସତ୍ୟପାଠ ଦାଖଲ କରିଥିଲେ। ହାଇକୋର୍ଟ ଏହି ମାମଲାର ବିଚାର କରି ଗତ ଜୁଲାଇ ୭ରେ ସମ୍ବିଧାନର ଧାରା ୨୧ ଅନୁସାରେ ରୋଗୀଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହୋଇଥିବା ଦର୍ଶାଇ ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।




# ବିଜ୍ଞାନ, ଗଣିତ ପ୍ରଶିକ୍ଷଣ ବିଦ୍ୟାଳୟ ରୂପାନ୍ତରଣରେ ସହାୟକ ହେବ

ଭୁବନେଶ୍ୱର, ୮।୧୧(ବ୍ୟୁରୋ)

ରାଜ୍ୟ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣରେ ବିଜ୍ଞାନ ଓ ଗଣିତ ଶିକ୍ଷକଙ୍କ ପ୍ରଶିକ୍ଷଣ ଅଧିକ ସହାୟକ ହେବ ବୋଲି ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ସୋମବାର ବେଙ୍ଗାଲୁରୁ ନିକଟ ଚିଲେକେରସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାନର ପ୍ରତିଭା ବିକାଶ କେନ୍ଦ୍ରରେ ଓଡ଼ିଶାରୁ ଯାଇଥିବା ଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଏହା କହିଛନ୍ତି। ବିଜ୍ଞାନ ଓ ଗଣିତ ଶିକ୍ଷାର ଗୁରୁତ୍ୱ ଓ ଗୁଣାତ୍ମକତା ଉପରେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇ ସେ କହିଛନ୍ତି, ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ସ୍କୁଲଗୁଡ଼ିକରେ ଆଧୁନିକ ବିଜ୍ଞାନାଗାର ଆରମ୍ଭ କରାଯାଉଛି। ଏଥିରେ ପ୍ରଶିକ୍ଷିତ ବିଜ୍ଞାନ ଶିକ୍ଷକଙ୍କ ଭୂମିକା ବୃଦ୍ଧି ପାଇବ। ଗଣିତ ଓ ବିଜ୍ଞାନ ଶିକ୍ଷକଙ୍କ ଉଚ୍ଚତର ପ୍ରଶିକ୍ଷଣ ଫଳରେ ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷାଦାନର ମାନ ବଢ଼ିବ। ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି ପାଇବା ସହିତ ସାମଗ୍ରିକ ଭାବରେ ବିଜ୍ଞାନ ଓ ଗଣିତ ଶିକ୍ଷାର ବାତାବରଣ ଅଧିକ ବିକଶିତ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରଥମ ପର୍ଯ୍ୟାୟରେ ୧୧୪ଜଣ ବିଜ୍ଞାନ ଓ ଗଣିତ ଶିକ୍ଷକ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଶିକ୍ଷକଙ୍କ ସହିତ ମତ ବିନିମୟ କରିଥିଲେ ଓ କେନ୍ଦ୍ରର ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ। ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅବ୍ୟାହତ ରହିବ ବୋଲି ମନ୍ତ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପ୍ରତିଭା ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଏମ୍.ଏସ୍. ହେଗ୍‌ଡ଼େ ଓ କାର୍ଯ୍ୟକ୍ରମର ଆବାହକ ପ୍ରଫେସର ଡି.ଏନ୍. ରାଓ ଉପସ୍ଥିତ ଥିଲେ।

# କରୋନା ମୃତ୍ୟୁ ୮,୩୬୧କୁ ବୃଦ୍ଧି

ଭୁବନେଶ୍ୱର, ୮।୧୧(ବ୍ୟୁରୋ)

ରାଜ୍ୟରେ ଗତ ୨୪ ଘଣ୍ଟାରେ ଆଉ ୨୭୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେବେ ୧୮ ଜିଲାରୁ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ବାକି ୧୨ ଜିଲାରୁ ଜଣେ ହେଲେ ବି ପଜିଟିଭ୍ ବାହାରି ନ ଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡରୁ ଜଣାପଡ଼ିଛି। ସେପଟେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୩୮ଜଣ ଥିବାବେଳେ ବାକିସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୦ତଳେ ରହିଛି। ସେହିଭଳି ୦ରୁ ୧୮ବର୍ଷ ବୟସର ୫୫ଜଣ ରହିଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦,୪୩,୭୪୫ରେ ପହଞ୍ଚିଛି। ରାଜ୍ୟରେ ଆଉ ୪ଜଣଙ୍କର ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଭୁବନେଶ୍ୱରରୁ ୨ଜଣ ଥିବା ବେଳେ ଗଞ୍ଜାମ ଓ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୩୬୧କୁ ବୃଦ୍ଧି ପାଇଛି।

# ପରଲୋକରେ କାର୍ଟୁନିଷ୍ଟ କିଶୋର ରଥ

ଭୁବନେଶ୍ୱର, ୮।୧୧ (ବ୍ୟୁରୋ)

ଓଡ଼ିଶାର ଜଣାଶୁଣା କାର୍ଟୁନିଷ୍ଟ କିଶୋର ରଥଙ୍କର ହୃଦ୍‌ଘାତରେ ପରଲୋକ ହୋଇଛି। ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେବାରୁ ରବିବାର ରାତିରେ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସୋମବାର ତାଙ୍କୁ ମୃତ ଘୋଷଣା କରାଯାଇଛି। ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ଦୈନିକ ଖବରକାଗଜ ସମ୍ବାଦର ପକେଟ୍ କାର୍ଟୁନ 'କଟାକ୍ଷ' ପାଇଁ କିଶୋର ଘରେ ଘରେ ପରିଚିତ ଥିଲେ। ୧୯୬୩ରେ ଜନ୍ମିତ କିଶୋର ଖଲିକୋଟ ଆର୍ଟ କଲେଜରୁ ଫାଇନ୍ ଆର୍ଟସରେ ସ୍ନାତକ କରିବା ପରେ ଜଣେ ଶିଳ୍ପୀଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। କେବଳ ଚିତ୍ରଶିଳ୍ପୀ ନୁହେଁ, ବରଂ ବ୍ୟଙ୍ଗ କବିତା ଲେଖିବାରେ ମଧ୍ୟ ତାଙ୍କର ଦକ୍ଷତା ରହିଥିଲା। ଚିତ୍ର ଓ ଶବ୍ଦ ସଂଯୋଜନାରେ ସମନ୍ୱିତ ଦକ୍ଷତା ବଳରେ କାର୍ଟୁନ୍ ଆଙ୍କିବା ସହ ସେ କ୍ଷୁଦ୍ରକବିତା ଜରିଆରେ ସମାଜକୁ ବାର୍ତ୍ତା ଦେଉଥିଲେ। ସାମାଜିକ, ଅର୍ଥନୈତିକ, ରାଜନୈତିକ ଆଦି ବିଭିନ୍ନ ପ୍ରସଙ୍ଗକୁ ସେ 'କଟାକ୍ଷ' ସ୍ତମ୍ଭରେ ଉପସ୍ଥାପନ କରି ସମାଲୋଚନା କରୁଥିଲେ। କାର୍ଟୁନ ମାଧ୍ୟମରେ ସେ ସାଧାରଣ ଜନତାଙ୍କ ସ୍ୱରକୁ ମଧ୍ୟ ବିଭିନ୍ନ ମହଲରେ ପହଞ୍ଚାଇ ପାରୁଥିଲେ। ଏହା ବ୍ୟତୀତ ପାରମ୍ପରିକ ଢ଼ୁମ୍ପା ସଙ୍ଗୀତରେ ମଧ୍ୟ ତାଙ୍କର ବିଶେଷ ରୁଚି ଓ ଅଭିଜ୍ଞତା ଥିଲା। ଢ଼ୁମ୍ପା ନୟାଗଡ ଓ ଗଞ୍ଜାମ ଜିଲାରେ ବେଶ୍ ପରିଚିତ।

**ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ**


କାର୍ଟୁନିଷ୍ଟ କିଶୋର ରଥ

କିଶୋରଙ୍କ ପରଲୋକରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ଶାଣିତ ବୌଦ୍ଧିକତା ଓ ସୃଜନଶୀଳତା ପାଇଁ ସେ ଚିରସ୍ମରଣୀୟ ରହିବେ ବୋଲି ରାଜ୍ୟପାଳ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଦୁଃଖ ପ୍ରକାଶ କରିଛନ୍ତି। ସମାଜର ବିଭିନ୍ନ ପ୍ରସଙ୍ଗକୁ ବ୍ୟଙ୍ଗଚିତ୍ର ମାଧ୍ୟମରେ ଉପସ୍ଥାପନ କରିବାର ନିଜ ସ୍ୱତନ୍ତ୍ର ଶୈଳୀ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଟୁଇଟ୍ କରି ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।



**ଆଜିର ମନ୍ତବ୍ୟ**

"ଗ୍ୟାସ୍ ଏବଂ ତୈଳ ଦର ବୃଦ୍ଧି କରି କେନ୍ଦ୍ର ସରକାର ୪ ଲକ୍ଷ କୋଟି ଟଙ୍କା ଟିକସ ଆଦାୟ କରିଛନ୍ତି। ଭାଜପା ଶାସିତ ରାଜ୍ୟକୁ ହଜାରେ କୋଟିର ଆର୍ଥିକ ସହାୟତା ପ୍ରଦାନ କରାଯାଉଥିବାବେଳେ ପଶ୍ଚିମବଙ୍ଗ ଏଥିରୁ ବାଦ ପଡ଼ିଛି।"
– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଏନି
ପରିବାରବର୍ଗ


ଲିକି
ପରିବାରବର୍ଗ


କୁନିବୋଉ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କାର୍ ସହ ୩୬ କେଜି ଗଞ୍ଜେଇ ଜବତ: ୨ ଗିରଫ

**କଟକ ଅଫିସ/ବାରଙ୍ଗ, ୮।୧୧: (ଡି.ଏନ୍.ଏ):** ଅବକାରୀ ବିଭାଗର ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍ ସୋମବାର ବାରଙ୍ଗ ଥାନା ଅଧୀନ ଗୋଡ଼ିସାହି ନିକଟରୁ ୩୬ କେଜି ଗଞ୍ଜେଇ ସମେତ ଏକ କାର୍ (ଓଡି ୦୫ ଏଭି ୬୫୯୧)କୁ ଜବତ କରିଛି। ଏଥିସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଡମ୍ବା ଅଞ୍ଚଳର ପ୍ରମୋଦ ବେହେରା ଓ ଗଞ୍ଜାମ ଜିଲା ବେଗୁନିଆପଡାର କେଞ୍ଚୁ ପ୍ରଧାନ। ଦୁହେଁ ଗଞ୍ଜାମ ଜିଲାରୁ ଗଞ୍ଜେଇ ଆଣି ଟ୍ରେନ ଯୋଗେ ମୁମ୍ବାଇ ଚାଲାଣ କରୁଥିବା ବିଭାଗୀୟ ଅଧୀକ୍ଷକ ଦେବାଶିଷ ପଟେଲ କହିଛନ୍ତି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୧ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚକୁଳି ଖାଇବା ଲୋକ
ବିନ୍ଧ ଗଣିବା କି ଆବଶ୍ୟକ**

ଆଣ ପଲମରେ ପକେଇ ଚଡରେଇ ଦେଲେ ବାମ୍ଫ ହୋଇ ପାଣି ଅଂଶ ଚାଲି ଯାଏ, ପାଣିଜାଗାଗୁଡ଼ିକ ବିନ୍ଧ ହୋଇ ରହିଯାଏ। ଯାହାର ଯେଉଁଥିପାଇଁ ବ୍ୟସ୍ତ ହେବା କଥା ନୁହେଁ, ସେ ସେଥିପାଇଁ ଅଯଥାରେ ବ୍ୟସ୍ତ ହେବାରେ କିଛି କାରଣ ରହି ନ ଥାଏ। ସାର ବିଷୟ ଛାଡ଼ି ଅସାର ବିଷୟରେ ସମୟ ବରବାଦ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚଷା କି ଜାଣେ ପଶାର କଥା
ପଡ଼ିଲେ ବୋଲଇ ଦଶା!**

ଯାହାକୁ ଯେଉଁ କଥା ଆଦୌ ଜଣା ନ ଥାଏ, ସେ ସେଇ କଥା ଉପରେ ଠାସୁକ ମାରି ଏଣୁ ତେଣୁ କିଛି କହି ଦେଉଥିବା ଲକ୍ଷ୍ୟ କରାଯାଇଥାଏ। ବ୍ୟକ୍ତି ନିଜର ଅଜ୍ଞାନକୁ ଲୁଚାଇବା ପାଇଁ ଯାଡୁସାଡୁ କଥା କହି ଲୋକଙ୍କୁ ଭ୍ରମିତ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଦୁଇ ବାଇକ୍ ମୁହାଁମୁହିଁ: ନାବାଳକ ମୃତ

**ବଡବିଲ, ୮।୧୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡବିଲ ଥାନା ଅଧୀନ ବଡବିଲ ବନବିଭାଗ କାର୍ଯ୍ୟାଳୟ ନିକଟସ୍ଥ ବେଲକୁଣ୍ଡି ରାସ୍ତାରେ ଦୁଇ ବାଇକ ଧକ୍କା ହେବା ଫଳରେ ଜଣେ ନାବାଳକଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୪ ଜଣ ନାବାଳକଙ୍କ ଅବସ୍ଥା ଗୁରୁତର ଅଛି। ମୃତ ନାବାଳକ ହେଲେ ବଡ଼ବିଲ ପିଏଚଡି ଅଞ୍ଚଳର ସୁମିତ କୁମାର ପାତ୍ର। ସୋମବାର ବେଲକୁଣ୍ଡି ରାସ୍ତାରେ ଏକ ଦୁଇଟି ବାଇକ୍ ଧକ୍କା ହୋଇଥିଲା। ବରକତ ନଗର ଅଞ୍ଚଳର ୩ ଜଣ ନାବାଳକ ଆସିଫ ଖାନ, ରେହାଲ ଅଲ୍ଲୀ ଏବଂ ଅମର କାଜୀ ଏକ ବାଇକ୍‌ରେ ଥିଲାବେଳେ, ପିଏଚଡି ଅଞ୍ଚଳର ୨ ଜଣ ନାବାଳକ ସୁମିତ ପାତ୍ର ଓ ଚିନ୍ମୟ ନାୟକ ଅନ୍ୟ ଏକ ବାଇକ୍‌ରେ ଥିଲେ। ତେବେ ସମସ୍ତ ନାବାଳକ ନବମ ଶ୍ରେଣୀର ଛାତ୍ର ବୋଲି ଜଣାପଡିଛି। ଆସିଫ ଓ ରେହାନଙ୍କୁ ଯୋଡାସ୍ଥିତ ଟାଟା ଷ୍ଟିଲ ହସ୍ପିଟାଲ, ଅମରଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଚିନ୍ମୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ପୂର୍ବତନ ପ୍ରଧାନ ଶିକ୍ଷକଙ୍କୁ ୧ବର୍ଷ କାରାଦଣ୍ଡାଦେଶ

**ଚେକ୍ ବାଉନ୍ସ ମାମଲା**
**୨ଲକ୍ଷ ୨୦ହଜାର ଟଙ୍କା ଜରିମାନା**

ନିମାପଡ଼ା,୮।୧୧(ଡି.ଏନ୍.ଏ.)

ନିମାପଡ଼ା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫ୍‌ସି)ଙ୍କ କୋର୍ଟରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ରାୟ ପ୍ରକାଶ ପାଇଛି। ଜେଏମ୍ଏଫ୍‌ସି(୨) ସମୀକ୍ଷା ମହାନ୍ତି ମାମଲା (ନଂ.୩୩୬/୧୪)ରେ ଏକ ଚେକ ବାଉନ୍ସ ମାମଲାରେ ବିଚାର କରି ଅଭିଯୁକ୍ତଙ୍କୁ ୧ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨ଲକ୍ଷ ୨୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରାଯାଇଛି। ସେ ହେଲେ କୋଣାର୍କ ଥାନା ଅନ୍ତର୍ଗତ ଗୋଲରାଗଡ଼ ଗ୍ରାମର ତଥା ନିମାପଡ଼ା ବ୍ଲକ ଉଣ୍ଟି ଗ୍ରାମ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଅଜୟ କୁମାର ରାୟ। ଜରିମାନା ଅନାଦେୟ ହେଲେ ଅଧିକ ୩ମାସ କାରାଦଣ୍ଡାଦେଶ ପ୍ରଦାନ କରାଯାଇଛି। ଖବର ଅନୁଯାୟୀ, ପିପିଲି ଥାନା ବୀରପୁରୁଷୋତ୍ତମପୁର ଗ୍ରାମର ନୀଳକଣ୍ଠ ସେଠୀଙ୍କୁ ଜମି ବିକ୍ରି କରିବା ପାଇଁ କହି ଅଜୟ ତାଙ୍କଠାରୁ ଦେଢ଼ଲକ୍ଷ ଟଙ୍କା ନେଇଥିଲେ। ମାତ୍ର କୌଣସି କାରଣରୁ ଜମି ବିକ୍ରି ନ କରିବାରୁ ଟଙ୍କା ଫେରସ୍ତ ବାବଦରେ ଏକ ଚେକ୍ ପ୍ରଦାନ କରିଥିଲେ। କିନ୍ତୁ ପରେ ଅଜୟଙ୍କ ବ୍ୟାଙ୍କ ଖାତାରେ ଟଙ୍କା ନ ଥିବାରୁ ଚେକ୍‌ଟି ବାଉନ୍ସ ହୋଇଯାଇଥିଲା ଏ ସମ୍ପର୍କରେ ନୀଳକଣ୍ଠ ୨୦୧୪ରେ ନିମାପଡ଼ା ଜେଏମ୍ଏଫସିରେ ଅଭିଯୋଗ କରିଥିଲେ। ସୋମବାର ଏହି ମାମଲାର ବିଭାଗୀୟ ବିଚାରପତି ଶୁଣାଣି କରି ଅଭିଯୁକ୍ତ ଅଜୟଙ୍କ ବିରୋଧରେ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ରାୟ ପ୍ରକାଶ ପରେ କୋର୍ଟପକ୍ଷରୁ ଅଭିଯୁକ୍ତ ରାୟଙ୍କୁ ଜାମିନ ପ୍ରଦାନ କରାଯାଇଛି। ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରତାପ ପଣ୍ଡା ଓ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ବାମନ ନାୟକ ଏହି ମାମଲା ପରିଚାଳନା କରୁଥିଲେ।

# କଙ୍ଗାରୁ କୋର୍ଟ ନେଲା ଜୀବନ

■ ଅର୍ଥଦଣ୍ଡ ପରେ ଯୁବକଙ୍କ ଆତ୍ମହତ୍ୟା
■ ଡାକ୍ତରଙ୍କୁ ଦୋଷ ଦେଲେ ମୃତକଙ୍କ ସ୍ତ୍ରୀ

ନୟାଗଡ଼ ଅଫିସ/ରଣପୁର,୮।୧୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ଥାନା ଖଡିଆ ଗାଁରେ କଙ୍ଗାରୁ କୋର୍ଟ ନେଇଛି ଜଣେ ଯୁବକଙ୍କ ଜୀବନ। ମୃତ ଯୁବକ ହେଲେ ସୁନନ୍ଦ ବେହେରା(୩୫)। ଅନ୍ୟପକ୍ଷେ ଡାକ୍ତରଙ୍କ ଯୋଗୁ ଗାଁରେ କଙ୍ଗାରୁ କୋର୍ଟ ବସିଥିଲା। ସେହି କୋର୍ଟରେ ଦଣ୍ଡ ମିଳିବା ପରେ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି ବୋଲି ମୃତକଙ୍କ ସ୍ତ୍ରୀ ରଣପୁର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୩୬/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୋମବାର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୁନନ୍ଦଙ୍କ ସ୍ତ୍ରୀ ଗୀତାଞ୍ଜଳି ବେହେରାଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ସୁନନ୍ଦ ନିଜର ଜଣେ ସମ୍ପର୍କୀୟଙ୍କୁ ନେଇ ଶନିବାର ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଡାକ୍ତର ଥିଲେ ମଧ୍ୟ ସେବା ମିଳି ନ ଥିଲା। ଡାକ୍ତର ମିଟିଂ ଅଛି କହି ରୋଗୀ ଦେଖି ନ ଥିଲେ। ସୁନନ୍ଦ ଏଥିପାଇଁ ଡାକ୍ତରଖାନାରେ ପାଟିତୁଣ୍ଡ କରି ରୋଗୀଙ୍କୁ ଫେରାଇ ଆଣିଥିଲେ। ତେବେ ଘଟଣା ସମ୍ପର୍କରେ ଡାକ୍ତର ପୋଲିସକୁ ନ ଜଣାଇ ଗାଁ ସଭାପତିଙ୍କୁ ଜଣାଇଥିଲେ। ଗାଁ ସଭାପତିଙ୍କ ତାଗିଦ୍ ଅନୁସାରେ ସୁନନ୍ଦ ଭୁଲ ମାଗିବାକୁ ଡାକ୍ତରଙ୍କ ପାଖକୁ ଶନିବାର ଯାଇଥିଲେ। ହେଲେ ଡାକ୍ତରଙ୍କ ସାକ୍ଷାତ ନ ପାଇବାରୁ ଫେରି ଆସିଥିଲେ। ରବିବାର ଫୋନ ଯୋଗେ ଡାକ୍ତରଙ୍କୁ ଭୁଲ ମାଗିଥିଲେ। ଭୁଲ ମାଗିବା ପରେ ବି ସୁନନ୍ଦଙ୍କୁ କଙ୍ଗାରୁ କୋର୍ଟ ବସାଇ ୮ ହଜାର ଜରିମାନା ଦେବାକୁ ବାଧ୍ୟ କରାଯାଇଥିଲା। ଏଥିରେ ସୁନନ୍ଦ ମାନସିକ ଭାରସାମ୍ୟ ହରାଇ ସୋମବାର ଆତ୍ମହତ୍ୟା କରିଥିବା ଗୀତାଞ୍ଜଳି ଅଭିଯୋଗ କରିଛନ୍ତି। ଏନେଇ ରଣପୁର ଥାନା ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡା କୁହନ୍ତି, ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଗାଁର ସଭାପତି ଓ ଡାକ୍ତର କ'ଣ ପାଇଁ ଏ ସଂକ୍ରାନ୍ତରେ ପୋଲିସକୁ ଜଣାଇଲେ ନାହିଁ ତାର ଅନୁଧ୍ୟାନ ଚାଲିଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ପଦ୍ମଶ୍ରୀ ପାଇଲେ...

ପ୍ରଥମ ପୃଷ୍ଠାରୁ...

ସୁଷମା ସ୍ୱରାଜଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ ସମ୍ମାନ ପ୍ରଦାନ କରାଯାଇଛି। ଜେଟ୍‌ଲୀଙ୍କ ସ୍ତ୍ରୀ ଏବଂ ସୁଷମାଙ୍କ ଝିଅ ଏହି ପୁରସ୍କାର ଗ୍ରହଣ କରିଥିଲେ। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ଏବଂ ଅର୍ଦ୍ଧ-ଶାସ୍ତ୍ରୀୟ ଗାୟକ ପଣ୍ଡିତ ଛାନୁଲାଲ ମିଶ୍ର, ମହିଳା ବକ୍ସର ଏମ୍.ସି. ମ୍ୟାରି କମ୍‌ଙ୍କୁ ପଦ୍ମ ବିଭୂଷଣ ପ୍ରଦାନ କରାଯାଇଛି। ଏଥିସହ ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ, ସାମାଜିକ କାର୍ଯ୍ୟକର୍ତ୍ତା ଡ. ଅନିଲ ପ୍ରକାଶ ଜୋଷୀ, ଲୋକସମ୍ପର୍କ ପାଇଁ ଡ. ଏସ୍. ସି. ଜମିର ଏବଂ ଆଧ୍ୟାତ୍ମିକତା ପାଇଁ ମୁମ୍‌ତାଜ୍‌ଙ୍କୁ ପଦ୍ମ ଭୂଷଣ ପ୍ରଦାନ କରାଯାଇଛି। ଟିଭି ଏବଂ ଫିଲ୍ମ ଅଭିନେତ୍ରୀ ସରିତା ଯୋଷୀ, ସଙ୍ଗୀତ ରଚୟିତା ଅଦନାନ୍ ସାମି ଖାନ୍ ଏବଂ ଅଭିନେତ୍ରୀ ତଥା ଫିଲ୍ମ ନିର୍ମାତା କଙ୍ଗନା ରାଣାଓ୍ୱତ ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ଗ୍ରହଣ କରିଛନ୍ତି। ସେହିପରି ଭାରତୀୟ ମହିଳା ହକି ଟିମ୍‌ର କ୍ୟାପଟେନ୍ ରାଣୀ, ଆଇସିଏମ୍ଆର୍ ଦିଲ୍ଲୀର ଏପିଡେମିଓଲୋଜି ଆଣ୍ଡ୍ କମ୍ୟୁନିକେବଲ ଡିଜିଜ୍ ବିଭାଗ ମୁଖ୍ୟ ଡାକ୍ତର ରମଣ ଗଙ୍ଗାଖେଦକରଙ୍କୁ ରାଷ୍ଟ୍ରପତି କୋବିନ୍ଦ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି। ସମାରୋହରେ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରମୁଖ ଉପସ୍ଥିତ ଥିଲେ।

## ୨୯ରୁ ସଂସଦର...

ଉଭୟ ରାଜ୍ୟ ସଭା ଓ ଲୋକ ସଭା ଅଧିବେଶନ ଏକ ସଙ୍ଗେ ଚାଲିବ ଏବଂ ସଦସ୍ୟମାନଙ୍କୁ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ହେବ। ଏମ୍‌ପିମାନଙ୍କ ସମେତ ଯେଉଁମାନେ ପାର୍ଲାମେଣ୍ଟରେ ଉପସ୍ଥିତ ରହିବେ, ସେମାନଙ୍କୁ ମାସ୍କ ପରିଧାନ କରିବାକୁ ପଡ଼ିବ। ଅଧିବେଶନ ପୂର୍ବରୁ ସମସ୍ତଙ୍କୁ କୋଭିଡ୍-୧୯ ପରୀକ୍ଷା କରାଇନେବାକୁ କୁହାଯାଇପାରେ। ଉତ୍ତରପ୍ରଦେଶ ସମେତ ୫ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ବସିବାକୁ ଥିବା ଏହି ଅଧିବେଶନ ଉଲ୍ଲେଖନୀୟ ହେବ ବୋଲି କୁହାଯାଉଛି। ବିରୋଧ ଦଳ ପେଟ୍ରୋଲ, ଡିଜେଲ ଓ ଖାଇବା ତେଲ ଦର ବୃଦ୍ଧି, ଆକାଶଛୁଆଁ ଦରଦାମ୍, କଶ୍ମୀରରେ ସାଧାରଣ ଲୋକଙ୍କୁ ଟାର୍ଗେଟ କରି ଆତଙ୍କବାଦୀ ଆକ୍ରମଣ, ଲଖିମପୁର ଖେରି ହିଂସା ଏବଂ କୃଷି ଆଇନ ବିରୋଧରେ ଚାଷୀ ଆନ୍ଦୋଳନକୁ ନେଇ ସରକାରଙ୍କୁ ଘେରିପାରନ୍ତି। ଗତ ମୌସୁମୀ ଅଧିବେଶନ ବେଳେ ପେଗାସସ୍ ସ୍ପାଏୱେର ପ୍ରସଙ୍ଗ ଏବଂ କୃଷି ଆଇନ ପ୍ରତ୍ୟାହାର ଦାବି ନେଇ ଅଧିକାଂଶ ସମୟ ଗୃହ ଅଚଳ ରହିଥିଲା ଓ ନିର୍ଦ୍ଧାରିତ ସମୟର ୨ ଦିନ ପୂର୍ବରୁ ଅଧିବେଶନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

## ଡିସେମ୍ବର ୧୪ରେ ଚୂଡ଼ାନ୍ତ...

ନଭେମ୍ବର ୨୪ରୁ ୨୬ ପର୍ଯ୍ୟନ୍ତ ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ ଅଧିକାରୀଙ୍କ ଦ୍ୱାରା ଆସିଥିବା ଦାବି ଓ ଆପତ୍ତିଗୁଡ଼ିକର ତଦନ୍ତ ଫଇସଲା କରାଯିବ। ୨୯ ନଭେମ୍ବରରୁ ୩୦ ନଭେମ୍ବର ୨୦୨୧ ମଧ୍ୟରେ ଚିଠା ଭୋଟର ତାଲିକା ନିରୀକ୍ଷଣ ଏବଂ ଇଲେକ୍ଟୋରାଲ୍ ରେଜିଷ୍ଟ୍ରେଶନ୍ ଅଧିକାରୀଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ବ୍ୟକ୍ତି ବିଡିଓଙ୍କୁ ଦରଖାସ୍ତ ପ୍ରଦାନ କରିପାରିବେ। ୨୦୨୧ ଡିସେମ୍ବର ୧ରୁ ୨ ମଧ୍ୟରେ ବିଡିଓ ତଥା ଇଲେକ୍ଟୋରାଲ୍ ରେଜିଷ୍ଟ୍ରେଶନ୍ ଅଧିକାରୀଙ୍କ ଦ୍ୱାରା ଦରଖାସ୍ତଗୁଡ଼ିକର ଫଇସଲା କରାଯିବ। ୪ ଡିସେମ୍ବର ୨୦୨୧ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ୬ ଡିସେମ୍ବର ୨୦୨୧ରେ ଚୂଡ଼ାନ୍ତ ଭୋଟର ତାଲିକା କମିଶନଙ୍କ ନିକଟରେ ଦାଖଲ ଏବଂ ୧୪ ଡିସେମ୍ବରରେ ମୁଦ୍ରିତ ଚୂଡ଼ାନ୍ତ ଭୋଟର ତାଲିକା ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟକୁ ପ୍ରେରଣ କରାଯିବ। ବିଧାନସଭା ଭୋଟର ତାଲିକା-୨୦୨୧ ଅନୁସାରେ ଗ୍ରାମାଞ୍ଚଳର ମୋଟ ଭୋଟର ସଂଖ୍ୟା ୨,୭୮,୩୯,୪୫୧ ରହିଛି। ଏଥିରେ ପୁରୁଷ ଭୋଟର ସଂଖ୍ୟା ୧,୪୨,୦୦,୫୮୯ ଥିବା ବେଳେ ମହିଳା ଭୋଟର ସଂଖ୍ୟା ୧,୩୬,୩୬,୮୭୯ ଏବଂ ତୃତୀୟଲିଙ୍ଗୀ ଭୋଟର ସଂଖ୍ୟା ୧୯୪୭ ରହିଛି। ଖବରଦାତା ସମ୍ମିଳନୀରେ ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ, ସ୍ୱତନ୍ତ୍ର ସଚିବ ରଘୁରାମ ଆର୍. ଆୟାର, ଉପସଚିବ ଆଜାଦ ହିନ୍ଦ୍ ପାଣିଗ୍ରାହୀ ଏବଂ ଆଇନ ଅଧିକାରୀ ମାଧୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## 'ସହାୟ' ଏବେ...

ଜିଲାରୁ ୨୫ ଜଣ ଭିକାରିଙ୍କୁ ସ୍ୱାଧୀନତା ଦିବସ କିମ୍ବା ଗଣତନ୍ତ୍ର ଦିବସରେ ପୁରସ୍କୃତ କରିବାକୁ ନିଷ୍ପତ୍ତି ହୋଇଥିଲା। ଏପରିକି ଭିକାରିଙ୍କ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ସୁଯୋଗ ଦେବା ସହ ଶିକ୍ଷାବୃତ୍ତି ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏହି କାର୍ଯ୍ୟକ୍ରମ ଠିକ୍ ଢଙ୍ଗରେ ଚାଲୁ ନ ଥିବାରୁ ଭିକାରିଙ୍କ ସଂଖ୍ୟା ବଢିଚାଲିଛି।

୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ୬,୫୫୦ ଜଣ ଭିକାରି ରହିଛନ୍ତି। ସେମାନଙ୍କ ମଧ୍ୟରୁ ୩,୮୬୦ ପୁରୁଷ ଏବଂ ୨,୭୦୦ ମହିଳା ରହିଛନ୍ତି। ଭିକାରି ସଂଖ୍ୟାରେ ପଶ୍ଚିମବଙ୍ଗ ପରେ ଓଡ଼ିଶା ହେଉଛି ଦ୍ୱିତୀୟ ରାଜ୍ୟ। ଅନ୍ୟ ପକ୍ଷରେ ସରକାରଙ୍କ ପକ୍ଷରୁ ବିଧାନସଭାରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ ୬,୩୯୦ ଭିକାରି ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଟକ ଜିଲାରେ ସର୍ବାଧିକ ୧୦୬୦ ଜଣ ଭିକାରି ଥିବା ବେଳେ ବଲାଙ୍ଗୀର ୭୦୮, ମୟୂରଭଞ୍ଜ ୪୮୫, ସୁନ୍ଦରଗଡ଼ ୪୬୭, ଗଞ୍ଜାମ ୪୫୮, ନୂଆପଡ଼ା ୨୮୮, ସୋନପୁର ୨୮୦, ସମ୍ବଲପୁର ୨୨୩, ଭଦ୍ରକ ୨୨୦, କଳାହାଣ୍ଡି ୨୧୪ ଏବଂ କୋରାପୁଟରେ ୨୦୦ ଭିକାରି ରହିଛନ୍ତି। ତେବେ ବୌଦ୍ଧରେ ସର୍ବନିମ୍ନ ୧୯, ମାଲକାନଗିରିରେ ୨୧, କେନ୍ଦ୍ରାପଡ଼ା ୨୨, ଝାରସୁଗୁଡା ୪୧ ଏବଂ ଜଗତ୍‌ସିଂହପୁରରେ ୪୧ ଜଣ ଭିକାରି ଥିବା କୁହାଯାଇଛି।

ସହରଗୁଡିକରେ ଭିକାରିଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ସହରାଞ୍ଚଳ କର୍ତ୍ତୃପକ୍ଷ ଏ ନେଇ କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ଦିନକୁ ଦିନ ସହରରେ ଭିକାରି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଭୁବନେଶ୍ୱରରେ ଏହି ସଂଖ୍ୟା ଦ୍ରୁତ ଗତିରେ ବଢିବାରେ ଲାଗିଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ ପୌରାଞ୍ଚଳ କର୍ତ୍ତୃପକ୍ଷ ଭିକାରିମାନଙ୍କୁ ଚିହ୍ନଟ କରି ଥଇଥାନ କେନ୍ଦ୍ରକୁ ଆଣିବାକୁ ବ୍ୟବସ୍ଥା ରହିଛି। ସେଥିପାଇଁ ପୁରୀ ଓ ଭୁବନେଶ୍ୱରରେ ୪ଟି ଭିକାରି ଥଇଥାନ କେନ୍ଦ୍ର ସ୍ଥାପନ କରାଯାଇଛି। ରାଜ୍ୟର ଅନ୍ୟ ଭାଗରେ ମଧ୍ୟ ଏହି କେନ୍ଦ୍ର ସ୍ଥାପନ କରାଯିବାକୁ ପଦକ୍ଷେପ ନିଆଯାଉଛି। ସମ୍ବଲପୁର ଓ ବ୍ରହ୍ମପୁର ସହରରେ ଥଇଥାନ କେନ୍ଦ୍ର ଖୁବ୍‌ଶୀଘ୍ର କରାଯିବ।

## ସାଥୀଙ୍କ ଗୁଳିରେ...

ହେଲେ ଧନୟ ସିଂ, ଧର୍ମାତ୍ମା କୁମାର ଓ ମଳୟ ରଞ୍ଜନ ମହାରଣା। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଆନ୍ଧ୍ରପ୍ରଦେଶର ଭଦ୍ରାଚଳମ୍ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ହେଲିକପ୍ଟର ଯୋଗେ ସେମାନଙ୍କୁ ରାୟପୁର ସ୍ଥାନାନ୍ତର କରାଯାଇଛି ବୋଲି ମରିୟାଗୁଡ଼ା ଥାନା ଅଧିକାରୀ ସତ୍ୟବାଦୀ ସାହୁ କହିଛନ୍ତି।


# classifieds Everyday
0674-2580101, 2549302



**SALE**

1200/1500 sqft. Gharabari Boundary Housing Plot 30ft Road Gudiapokhari @600/- 9348012510. D-71734

**ଭୁବନେଶ୍ୱର Sum Hospitalରୁ 4km distance gharabari plot ମିଳୁଛି। Owner: 9090963952.** D-71730

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft., 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9439660381. D-22104

**Plot for Sale, 2000sqft (15nos) per sqft- 2000/- Gharabari Plot Main Road side infront of Tata ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-5 to 1km. Contact: - 7381564227, 8114744495.** D-22136

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71198

**ଭୁବନେଶ୍ୱର ଗଙ୍ଗପଡ଼ା tollgateରୁ 900mtr ଦୂରତାରେ ଘର ଉପଯୋଗୀ ପ୍ଲଟ୍ ମିଳୁଛି। 8908122121.** D-71729

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar (NH-16) ସମ୍ମୁଖରୁ ଅଳ୍ପଦୂରରେ SC/General plot ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8847825690. D-71735

**Hostel Building Badambadi Colony Cuttack for sale. 5 Floors(12000sqft.) Plot:3500sqft. 31-Rooms with Attached Bath, Call: 08249436455.** D- 22139

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession, ଅଗ୍ରିମ boundarywall, electricity with 30ft. road, sqft.- 700/-ରେ ମିଳୁଛି। 7008045582, 9692003948. D-22146

**Bhubaneswar Puri Bypass NHକୁ ଲାଗି ମେହେରପଲ୍ଲୀ ମୌଜାରେ ସଙ୍ଗେ ସଙ୍ଗେ ଘରକଲାଭଳି Commercial / Residential Plot ମିଳୁଛି । 9337028135.** D-71733



Ashirvaad Saloon and SPA get good massage for your health tha best therapy. 7077181074. D-71808

Newly open spa center, November Dhamaka 599/-, Smart therapist. 8455987557. D-71434

Newly open SPA positively health benefit with expert. Contact: 7749976301. D-71194

Refreshing your mind and body with the best therapy. 7873794731. D-71197

Lotus SPA get refreshment, full body massage by smart/ expert therapist. Contact: 8018891951. D-71193

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Newly open SPA positively health benefits by expert therapist. 7846814019. D-71433

Newly open full body massage ladies and gents. 8327740003. D-71813

Refreshments rejuvenation body massage therapy with experience therapists, Bhubaneswar. 9668374480. D-71200

**LOST**

ଏତଦ୍ୱାରା ମୁଁ ବିଭୁ ପ୍ରସାଦ ବେହେରା, ଗ୍ରାମ- ଗୋବିନ୍ଦପୁର, ପୋ- ତାରାତାରିଣୀ, ଭାୟା- ପୁରୁଷୋତ୍ତମପୁର, ଗଞ୍ଜାମ ଘୋଷଣାନାମା ମାଧ୍ୟମରେ ଘୋଷଣା କରେ କି ମୋର ଏଲ୍ଆଇସି ବଣ୍ଡ ନଂ.- 570555811ଟି ହଜିଯାଇଛି। ଧ- ୨୨୧୩୮

**LEGAL NOTICE**

ମୁଁ ପ୍ରଭାତ କୁମାର ବିଶ୍ୱାଳ ସମସ୍ତଙ୍କ ଅବଗତି ନିମନ୍ତେ ଜଣାଉଅଛି ଯେ ମୌଜା- ପରଧିଆପାଲି, ଥାନା- ଅଇଁଠାପାଲି, ତହସିଲ/ଜିଲ୍ଲା- ସମ୍ବଲପୁର, ଖାତା ନଂ.- ୨୨୮/୩୯, ପ୍ଲଟ୍ ନଂ.- ୪୫୩, ୪୫୪, ୪୬୨ ଓଡ଼ିଶା ମାନ୍ୟବର ଉଚ୍ଚ ନ୍ୟାୟାଳୟର ମୋକଦ୍ଦମା ନଂ. W.P. (C)- 4755 of 2015 ବିଚାରାଧୀନ ଅଛି। ଉକ୍ତ ଜମି କ୍ରୟ ନିମନ୍ତେ ଅନୁପଯୁକ୍ତ ଅଟେ। ଯଦି କୌଣସି ବ୍ୟକ୍ତି ଉପରୋକ୍ତ ବର୍ଣ୍ଣିତ ଜମି କ୍ରୟ କରନ୍ତି, ଆମ୍ଭେ ଦାୟୀ ରହିବୁ ନାହିଁ। ମୋ ନଂ.- 9437045555, 9937045555. D-22202

**୭ମ ଜନ୍ମଦିନ ଶୁଭେଚ୍ଛା**



**ଯିଙ୍କା ପ୍ରତ୍ୟୁଷା (ଲିକି)**
ପ୍ରତାପରୁଦ୍ରପୁର, କୂଳସାହି
ପ୍ରଭୁ ଆଖଣ୍ଡଳେଶ୍ୱର ନମଃ ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ କରନ୍ତୁ, ମାମା ଓ ବାବାଙ୍କର ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
**ଶୁଭେଚ୍ଛା ସହ:** ଜେଜ, ବଡ଼ବାପା, ବଡ଼ମାଆ, ଆଈ, ମାମୁ, ମାଉସୀ, ମଉସା, ମିମି, ବବୁ, ଉର୍ମି, ଡବ୍ଲ୍ୟୁ, ମାମା, ଡିଜେ, ରିମା, ସକିନ ଓ ପିଉସା, ସାଙ୍ଗସାଥୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୧୯୦


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆତ୍ମୀୟଙ୍କ ସାହାଯ୍ୟ ଲାଭକରି କାମଗୁଡ଼ିକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରିବେ। କଳକାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ଆଜି କର୍ମକ୍ଷେତ୍ରରୁ ଫେରିବା ବାଟରେ ବନ୍ଧୁଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ** ଶାରୀରିକ ସୁସ୍ଥତା ସଙ୍ଗକୁ ମାନସିକ ସ୍ଥିରତା କର୍ମକ୍ଷେତ୍ରକୁ ଦୃଢ଼ୀଭୂତ କରିବ। ସ୍ଥଗିତକାମକୁ ସମ୍ପନ୍ନ କରିବାରେ ସଫଳତା ପାଇବେ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ ଏବଂ ସାଧାରଣ କଥାରେ ବନ୍ଧୁ କ୍ଷୁବ୍ଧ ହୋଇ ପାରନ୍ତି।

**ମିଥୁନ** ପାରିବାରିକ କ୍ଷେତ୍ରରେ ହଠାତ୍ କୌଣସି ପଦକ୍ଷେପ ନେଲେ ଝମେଲା ବଢ଼ି ଯାଇପାରେ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ। କେତେକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**କର୍କଟ** ଆଜି ପୂର୍ବରାଗ ଶୁଝାଇବାକୁ ଯାଇ ସହକର୍ମୀ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିବାର ସୂଚନା ରହିଛି। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଅବଶ୍ୟ ଉପକୃତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** ଆଜି ବିଭିନ୍ନ ସମସ୍ୟା ମଧ୍ୟରେ ପିଲାଙ୍କ ସ୍ଥିତି ସକାଶେ ମନ ଅସ୍ଥିର ରହିବ। ପାରିବାରିକ କ୍ଷେତ୍ରରେ ଅଭାବ ହେତୁ ଧାର କରଜ କରି ବିବ୍ରତ ହେବେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହା କି ସମସ୍ୟା ବୃଦ୍ଧି କରିବ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ହୋଇଯିବ।

**କନ୍ୟା** ସକାଳୁ କୌଣସି ଶୁଭ ଖବର ପାଇ ମନ ଖୁସି ହୋଇଯିବ। ହସ୍ତା ନକ୍ଷତ୍ର ବୁଝିବିଚାରି କାମ ନ କଲେ ସମସ୍ୟାକୁ ଡାକି ଆଣିବେ। ଅପରିଚିତ ଲୋକଟିଏ ମିତ୍ରତା ଛଳରେ ଫାଇଦା ହାସଲ ପାଇଁ ଚେଷ୍ଟା କରିବ। ଅପ୍ରାପ୍ୟ ଜିନିଷଟି ପାଇ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ବିଶେଷ ଉତ୍କଟ ହେବ ନାହିଁ।

**ତୁଳା** ଆଜି ଦିନଟି ସବୁ ଦିଗରୁ ଭଲ, ଯେମିତି ଚାହୁଁଛନ୍ତି ସେମିତି କାମ କରନ୍ତୁ କିନ୍ତୁ ବିବାଦରୁ ଦୂରେଇ ରହନ୍ତୁ। ପିଲାର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା** ଯାହାକୁ ଭଲ ଭାବୁଛନ୍ତି ସେ ହିଁ ସମସ୍ୟାର କାରଣ ହେବ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ। ସାହିତ୍ୟ ଚର୍ଚ୍ଚାରେ, ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ ତଥା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କିନ୍ତୁ ଆଲୋଚନା ପରିସରରେ ସାଧାରଣ କଥାରେ ପ୍ରତିବାଦ କରି ଟେନ୍ସନ୍‌କୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ** ମାନସିକ ସ୍ଥିତି ଭଲ ରହିବ ନାହିଁ। କିଛି ଗୁପ୍ତକଥା, କଳାଧନ, କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କୀୟ ଅଯଥା ଚିନ୍ତା କରିପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରଯତ୍ନ କରିପାରନ୍ତି। ପାରିବାରିକ ସମସ୍ୟାର ସମାଧାନ ଦେଖିଚାହିଁ କରନ୍ତୁ।

**ମକର** ଆଜି ଆପଣ ବିଶେଷ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ, ସୁବିଧାରେ ହୋଇଯିବ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଶାରୀରିକ ପରିଶ୍ରମଜନିତ ପୀଡ଼ା ଅନୁଭବ କରିପାରନ୍ତି।

**କୁମ୍ଭ** ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡ଼ା, ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବାରୁ ଖୁସୀରେ ଦିନଟି ଅତିବାହିତ ହେବ।

**ମୀନ** ଆଜିର କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ଏଣୁ ମନ ହାଲୁକା ହୋଇଯିବ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମ ଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ।

# ୨୦୨୩ ସୁଦ୍ଧା ପ୍ରତ୍ୟେକ ଘରେ ପାନୀୟଜଳ ପହଞ୍ଚିବ

ନବରଙ୍ଗପୁର/ଝରିଗାଁ, ୮।୧୧(ବି.ପ୍ର./ସ୍ୱ.ପ୍ର.)


ନବରଙ୍ଗପୁରଠାରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଦଳୀୟ ନେତାମାନେ।

କେନ୍ଦ୍ର ଜଳ ସମ୍ପଦ ଓ ଆଦିବାସୀ ଉନ୍ନୟନ ବିଭାଗ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ନବରଙ୍ଗପୁର ଜିଲା ଗସ୍ତରେ ଆସି ଆଦିବାସୀ ଉନ୍ନୟନ ବିଭାଗ ଓ ଜଳ ସମ୍ପଦ ବିଭାଗର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ନବରଙ୍ଗପୁର ସର୍କିଟ ହାଉସ୍‌ଠାରେ ହୋଇଥିବା ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଏବଂ ଆଦିବାସୀ ପିଲାଙ୍କ ପାଇଁ ଚାଲିଥିବା ସ୍କୁଲ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି।

ବୈଠକରେ ଜିଲାପାଳ କମଳଲୋଚନ ମିଶ୍ର, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅମରେନ୍ଦ୍ର ପାଢ଼ୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ଏବେ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଦିଗରେ କାମ କରୁଛନ୍ତି। ତେଣୁ ଆଦିବାସୀ ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ହ୍ରାସ ପାଇଛି। ଆଗାମୀ ୨ବର୍ଷ ମଧ୍ୟରେ ଜିଲା ଆଦିବାସୀ ଉନ୍ନୟନ ବିଭାଗକୁ ସ୍ୱାଭାବିକଭାବେ ଅନୁଦାନ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ୨୦୨୩ ସୁଦ୍ଧା ପ୍ରତ୍ୟେକ ଘରେ ପାନୀୟଜଳ ପହଞ୍ଚିବା ପାଇଁ ପ୍ରଥମ ପର୍ଯ୍ୟାୟରେ ୩୩୨୩ କୋଟି ଟଙ୍କା କେନ୍ଦ୍ର ସରକାର ଦେଇଥିବାବେଳେ ନବରଙ୍ଗପୁର ଜିଲାରେ ୪ଟି ପ୍ରକଳ୍ପ କରାଯାଉଛି। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଓଡ଼ିଶାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ବ୍ୟାପକ ଦୁର୍ନୀତି ଚାଲିଥିବା ମନ୍ତ୍ରୀ ଏଠାରେ ଅଭିଯୋଗ କରିଛନ୍ତି। ସେହିପରି ରାଜ୍ୟ ସରକାର ଯୁସି ଦେଉ ନ ଥିବାରୁ ଅନୁଦାନ ଆସିପାରୁ ନ ଥିବା ସେ କହିଛନ୍ତି।

- ■ ନବରଙ୍ଗପୁରରେ ଉନ୍ନୟନ କାର୍ଯ୍ୟ ସମୀକ୍ଷାକଲେ କେନ୍ଦ୍ରମନ୍ତ୍ରୀ
- ■ ପିଏମ୍‌ଏୱାଇ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ କଲେ

ବୈଠକ ପରେ ମନ୍ତ୍ରୀ ପଡ଼ାଲଗୁଡ଼ାସ୍ଥିତ ଦୀନ୍‌ଦୟାଲ ଉପାଧ୍ୟାୟ ବାଳିକା ଆଶ୍ରମ ବିଦ୍ୟାଳୟକୁ ଯାଇ ଅନ୍ତେବାସୀଙ୍କ ସମସ୍ୟା ବୁଝିବା ସହ ପିଲାଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ। ସେଠାରୁ ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାରଘରଣୀଙ୍କ ପୀଠକୁ ଯାଇ ଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ସହ ନବରଙ୍ଗପୁରର ଦୁଇ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଓ ପର୍ଶୁରାମ ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜିଲା ଭାଜପା ସଭାପତି ଜଗଦୀଶ ବିଷୋୟୀ, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝିଙ୍କ ସମେତ ଜିଲା ଭାଜପାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଏକ ଶୋଭାଯାତ୍ରାରେ ବାହାରି ମଝିଗୁଡ଼ା ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଉମରକୋଟ ଯାଇ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବରେ ଯୋଗଦେଇଥିଲେ। ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତର କୁସୁମି ଗ୍ରାମରେ ୧୧ ଏକର ଜମିରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସକାଶେ ଶିଳାନ୍ୟାସ କରିଥିଲେ। ଏଠାରେ ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଉପସ୍ଥିତ ଥିଲେ। ପାପଡ଼ାହାଣ୍ଡି, ଜଟାବାଲ ଓ ଡାବୁଗାଁଠାରେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ୧୦.୫୦ଲକ୍ଷର ବ୍ରାଉନସୁଗାର ଜବତ, ଜଣେ ଗିରଫ

ନିମାପଡ଼ା,୮।୧୧(ଡି.ଏନ୍.ଏ.)

ନିମାପଡ଼ା ଅବକାରୀ ବିଭାଗ ଓ ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡ ପକ୍ଷରୁ ସୋମବାର କାକଟପୁର, ଚାରିଛକ, ପାଟପୁର, ବାଦପୁର, ଓଥକା, କୁଣ୍ଡେଇହାଟ, ପାଟସୁନ୍ଦରପୁର ଆଦି ଅଞ୍ଚଳ ଉପରେ ଅଚାନକ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ କାକଟପୁର ଥାନା ବାଉରି ପୋଖରୀ ନିକଟରୁ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରାଯାଇଛି। ସେ ହେଲେ ବାଉରିପୋଖରୀ ଗ୍ରାମର ଉପେନ୍ଦ୍ର କୁମାର ଦାସ। କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନ ନାମଞ୍ଜୁର କରି ତାଙ୍କୁ ଜେଲ ପଠାଇ ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ନଂ.୪୫/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତାଙ୍କଠାରୁ ୧୦୩ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଅବକାରୀ କମିଶନର ଆଶିଷ ସିଂ, ଅବକାରୀ ଏସ୍‌ପି ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଏସ୍‌ଆଇ ମମତା ଦାସ, ଏଏସ୍‌ଆଇ ସୁବାସ ମହାପାତ୍ର, ଜାଗିନ ରାଓ, ପ୍ରଦୀପ ପଣ୍ଡା, ଜିତେନ୍ଦ୍ର ବେହେରା, ସବିତା ସାହୁ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।

## ଜମିବାଡ଼ି ବିବାଦରୁ ଯୁବକଙ୍କୁ ହତ୍ୟା

ପରଜଙ୍ଗ, ୮।୧୧(ଡି.ଏନ୍.ଏ.)

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ଗୋଲାଗାଡ଼ିଆ ଗ୍ରାମର ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଗାଁ ନିକଟ ଜଙ୍ଗଲରୁ ସୋମବାର ତାଙ୍କ କ୍ଷତବିକ୍ଷତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଦନାର ଧଳଙ୍କ ପୁଅ କୈଳାସ (୪୮)। ଏହି ଘଟଣାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଟାୟାର ଜାଳି ପରଜଙ୍ଗ-ପଙ୍ଗାତୀରା ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ଗ୍ରାମବାସୀଙ୍କ କହିବା କଥା, କୈଳାସ ମହିମା ଧର୍ମର ଜଣେ ଅନୁଗାମୀ। ସେ

### ଜଙ୍ଗଲରୁ ମୃତଦେହ ଜବତ

ପରିବାରଠାରୁ ଅଲଗା ରହୁଛନ୍ତି। ଏକ ଜମିକୁ ନେଇ ମହାବିରୋଡ ଗ୍ରାମର ୨ଜଣ ଯୁବକଙ୍କ ସହ କୈଳାସଙ୍କ ବିବାଦ ଲାଗି ରହିଥିଲା। ଶନିବାର ବିବାଦ ତେଜିବା ସହିତ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାପରଠୁ କୈଳାସ ନିଖୋଜ ଥିଲେ। ସମ୍ପୃକ୍ତ ବ୍ୟକ୍ତିମାନେ ହିଁ କୌଶଳକ୍ରମେ କୈଳାସଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଛନ୍ତି। ହତ୍ୟାକାରୀଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।


ଗ୍ରାମବାସୀ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

## ହାଓଡାରୁ ଜେକେ ରୋଡ୍ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

ଭୁବନେଶ୍ୱର,୮।୧୧

ଦୀର୍ଘଦିନର ଅବକାଶ ପରେ ପୂର୍ବତଟ ରେଳପଥ ପକ୍ଷରୁ ଯାତ୍ରୀମାନଙ୍କ ଅସୁବିଧାକୁ ନଜରରେ ରଖି ରେଳପଥ ପକ୍ଷରୁ ଯାତ୍ରୀସେବା ସମ୍ପର୍କିତ ସ୍ୱତନ୍ତ୍ର ଟ୍ରେନ୍‌ର ଚଳାଚଳକୁ ଅନୁମତି ପ୍ରଦାନ କରାଯାଇଛି। ଉଭୟ ରାଜ୍ୟର ଶହ ଶହ ଯାତ୍ରୀଙ୍କୁ ସୁବିଧାଜନକ ରେଳଯାତ୍ରା ପ୍ରଦାନ ପାଇଁ ହାଓଡାରୁ ଯାଜପୁର-କେନ୍ଦୁଝର ରୋଡ୍ (ଜେକେ ରୋଡ୍) ମଧ୍ୟରେ ସ୍ୱତନ୍ତ୍ର ଟ୍ରେନର ଚଳାଚଳ ସମ୍ପର୍କରେ ଘୋଷଣା କରାଯାଇଛି। ଖଡ଼ଗପୁରରୁ ଜେକେ ରୋଡ୍ ମଧ୍ୟରେ ଚଳିତ ମାସ ୧୨ ତାରିଖଠାରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ଖଡ଼ଗପୁରରୁ ଆସନ୍ତା ୧୨ ତାରିଖ ଅପରାହ୍ଣ ୪ଘ.୧୫ମି.ରେ ଛାଡ଼ି ଜେକେ ରୋଡ୍‌ରେ ରାତି ୯ଘ.୪୦ମି.ରେ ପହଞ୍ଚିବ। ଅପରପକ୍ଷରେ ଉକ୍ତ ଟ୍ରେନ୍ ଫେରିବା ଦିଗରେ ଜେକେ ରୋଡ୍‌ରୁ ଖଡ଼ଗପୁର ସ୍ପେଶିଆଲ ଶନିବାର(୧୩ ନଭେମ୍ବର)ଠାରୁ ଜେକେ ରୋଡ୍‌ରୁ ଭୋର ୬ଘ.୧୦ମି.ରେ ଛାଡି ଖଡ଼ଗପୁରରେ ପୂର୍ବାହ୍ଣ ୧୧ଘଟିକାରେ ପହଞ୍ଚିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

ଏହି ଟ୍ରେନ୍‌ରେ ୩ଟି ମୋଟର କାର୍ ଏବଂ ୯ଟି ମେମୁ କୋଚ୍ ଉପଲବ୍ଧ ରହିଛି। ଏହା ଖଡ଼ଗପୁର ଓ ଜେକେ ରୋଡ୍ ମଧ୍ୟରେ ଉଭୟ ପାର୍ଶ୍ୱରୁ ହିଜଲି, ବେନାପୁର, ନାରାୟଣଗଡ଼, ବଖରାବାଦ, ବେଲଦା, ନେକୁରଶେଣୀ, ଦାନ୍ତନ, ଆଙ୍ଗୁଆ, ଲକ୍ଷ୍ମଣନାଥ ରୋଡ୍, ଜଳେଶ୍ୱର, ରାଜଘାଟ, ଅମର୍ଦ୍ଦାରୋଡ୍, ବସ୍ତା, ନୂଆଗାଁ ମୟୂରଭଞ୍ଜ ରୋଡ୍, ହଳଦୀପଦା, ଟିକିରାପାଳ, ବାଲେଶ୍ୱର, ନୀଳଗିରି ରୋଡ୍, ଖନ୍ତାପଡ଼ା, ପଣପଣା, ବାହାନଗା ବଜାର, ସୋର, ସାବିରା, ମାର୍କୋଣା, ରାଣୀତାଲ, ଭଦ୍ରକ, ବାଉଦପୁର, କପାଳି ରୋଡ୍, କେନ୍ଦୁଆପଦା, ମଞ୍ଜୁରୀ ରୋଡ୍, ଦୁଲାଖାପାଟଣା, ବୈତରଣୀ ରୋଡ୍ ଏବଂ କୋରେଇ ଷ୍ଟେଶନଠାରେ ରହିବ ବୋଲି ସୂଚନା ମିଳିଛି।

ସେହିଭଳି ହାଓଡା ଓ ଭଦ୍ରକ ମଧ୍ୟରେ ଚଳିତ ମାସ ୯ ତାରିଖଠାରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ସ୍ପେଶିଆଲ ଟ୍ରେନ ମଙ୍ଗଳବାର ଠାରୁ ହାଓଡାରୁ ଅପରାହ୍ଣ ୩ଘ.୪୦ମି.ରେ ଛାଡ଼ି ଭଦ୍ରକଠାରେ ରାତ୍ରି ୧୦ଘ.୩୫ମି.ରେ ପହଞ୍ଚିବ। ସେହିପରି ଫେରିବା ଦିଗରେ ଭଦ୍ରକ-ହାଓଡା ସ୍ପେଶିଆଲ ୧୦ତାରିଖଠାରୁ ଭଦ୍ରକରୁ ଭୋର ୪ଘ.୫୦ମି.ରେ ଛାଡି ହାଓଡାରେ ପୂର୍ବାହ୍ଣ ୧୧ଘ.୪୫ମି.ରେ ପହଞ୍ଚିବ ବୋଲି ଜଣାପଡିଛି।

ଏହି ଟ୍ରେନ୍‌ରେ ୧୦ଟି ସାଧାରଣ ୨ୟ ଶ୍ରେଣୀ ଓ ୨ଟି ଗାର୍ଡ ତଥା ଲଗେଜ ଭ୍ୟାନ୍ ଆଦି ଉପଲବ୍ଧ ଥିବାବେଳେ ଏହା ହାଓଡା ଓ ଭଦ୍ରକ ମଧ୍ୟରେ ଉଭୟ ପାର୍ଶ୍ୱରୁ ସାନ୍ତ୍ରାଗାଛି, ଉଲବେରିଆ, ବାଗନାନ୍, ମେଛେଦା, ମେହେଡା, ପାଂସ୍କୁଡା, ହାଉର, ରାଧାମୋହନପୁର, ବାଲିଛକ, ଶ୍ୟାମଛକ, ମଦପୁର, ଜାକପୁର, ଖଡଗପୁର, ହିଜଲି, ବେନାପୁର, ନାରାୟଣଗଡ଼, ବଖରାବାଦ, ବେଲଦା, ନେକୁରଶେଣୀ, ଦାନ୍ତନ, ଆଙ୍ଗୁଆ, ଲକ୍ଷ୍ମଣନାଥ ରୋଡ୍, ଜଳେଶ୍ୱର, ରାଜଘାଟ, ଅମର୍ଦ୍ଦାରୋଡ୍, ବସ୍ତା, ନୂଆଗାଁ ମୟୂରଭଞ୍ଜ ରୋଡ୍, ହଳଦୀପଦା, ଟିକିରାପାଳ, ବାଲେଶ୍ୱର, ନୀଳଗିରି ରୋଡ୍, ଖନ୍ତାପଡ଼ା, ପଣପଣା, ବାହାନଗା ବଜାର, ସୋର, ସାବିରା, ମାର୍କୋଣା ଏବଂ ରାଣୀତାଲ ଭଳି ଷ୍ଟେଶନରେ ରହିବାର ସମୟସୂଚୀ ଧାର୍ଯ୍ୟ କରାଯାଇଛି।

## ଛୁଆ ହାତୀ ଅସୁସ୍ଥ

ଢେଙ୍କାନାଳ ଅଫିସ, ୮।୧୧

ଅନୁଗୋଳ ରେଞ୍ଜ୍ ବାଲିଜେରଙ୍ଗ ସଂରକ୍ଷିତ ଜଙ୍ଗଲରୁ ଉଦ୍ଧାର ହୋଇ ଢେଙ୍କାନାଳ କପିଳାସ ରେସ୍କ୍ୟୁ ସେଣ୍ଟରକୁ ଆସିଥିବା ଆନୁମାନିକ ୭ମାସର ଅଣ୍ଡିରା ଛୁଆ ହାତୀ ଅସୁସ୍ଥ ହୋଇପଡ଼ିଛି। ଡିହାଇଡ୍ରେଶନ ଯୋଗୁ ହାତୀ ଖାଦ୍ୟ ଖାଇପାରୁନାହିଁ। ଏପରି କି ଖୀରି ଭଳି ତରଳ ଖାଦ୍ୟ ମଧ୍ୟ ପିଇ ପାରୁନାହିଁ। ହଠାତ୍ ହାତୀ ଶାବକ ଏପରି ଅସୁସ୍ଥ ହୋଇପଡ଼ିବା ବନ ବିଭାଗର ଚିନ୍ତା ବଢ଼ାଇଛି। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଅସୁସ୍ଥ ହାତୀର ଚିକିତ୍ସା ଜାରି ରଖିଛନ୍ତି।



ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶ ଚାନ୍ଦ ଗୋଗିନେନି କୁହନ୍ତି, ଡିହାଇଡ୍ରେଶନ ଯୋଗୁ ଛୁଆ ହାତୀ ଖାଦ୍ୟ ହଜମ କରିପାରୁନାହିଁ। ହାତୀକୁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠରେ କ୍ୱାରାଣ୍ଟାଇନ୍‌ରେ ରଖି ଆଣ୍ଟିବାଓଟିକ୍ ପ୍ରଦାନ କରାଯାଉଛି। ସୂଚନାଯୋଗ୍ୟ, ବାଲିଜେରଙ୍ଗ ସଂରକ୍ଷିତ ଜଙ୍ଗଲରେ ମା' ଦ୍ୱାରା ପରିତ୍ୟକ୍ତ ହେବାପରେ ଛୁଆ ହାତୀକୁ ସ୍ଥାନୀୟ ବନ କର୍ମଚାରୀ ଉଦ୍ଧାର କରିଥିଲେ। ଜୀବନ ପ୍ରତି ବିପଦ ଆଶଙ୍କା ଥିବାରୁ ଏହାକୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ରବିବାର କପିଳାସ ରେସକ୍ୟୁ ସେଣ୍ଟରକୁ ଅଣାଯାଇଥିଲା।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ) [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,** ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ବିକାଶ ବେଉରା,** ଫ୍ଲାଟ୍ ନଂ: ୨୦୬, ଦ୍ୱିତୀୟ ମହଲା, ମେଟ୍ରୋ ସାଟେଲାଇଟ୍ ସିଟି ଆପାର୍ଟମେଣ୍ଟ (ଫେଜ୍-୨), ମୌଜା: ନହରକଣ୍ଟା, ଥାନା: ବାଲିଅନ୍ତା, ତହସିଲ/ଡି.ଏସ୍.ଆର୍.ଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ/ଡି.ଏସ୍.ଆର୍.ଓ: ଭୁବନେଶ୍ୱର ଥାନା: ବାଲିଅନ୍ତା, ମୌଜା: ନହରକଣ୍ଟା, ରେଭେନ୍ୟୁ ପ୍ଲଟ ନଂ: ୧୫୫୧/୨୭୪୮, କ୍ଷେତ୍ର: ଏକର ୦.୨୫୦ ଡିସିମିଲି ଏବଂ ରେଭେନ୍ୟୁ ଖାତା ନଂ: ୬୦୯/୨୦୮, ରେଭେନ୍ୟୁ ପ୍ଲଟ ନଂ: ୧୬୩୩, କ୍ଷେତ୍ର: ଏକର ୦.୩୭୦ ଡିସିମିଲି, ଉପରୋକ୍ତ ଉଭୟ (୧୫୫୧/୨୭୪୮ ଏବଂ ୧୬୩୩) ରେଭେନ୍ୟୁ ପ୍ଲଟ ୨ଟିର ମୌଜା: ନହରକଣ୍ଟା, ସମୁଦାୟ କ୍ଷେତ୍ର: ଏକର ୦.୬୨୦ ଡିସିମିଲି, ସତ୍ତ୍ୱ: ସ୍ଥିତିବାନ, କିସମ: ଘରବାରୀ। ଏକର ୦.୬୨୦ ଡିସିମିଲିରୁ କ୍ରେତାଙ୍କ ସପକ୍ଷରେ ଟ୍ରାନ୍ସଫର କରାଯାଇଥିବା ଆନୁପାତିକ ଅବିଭକ୍ତ ଅଂଶ (ଦ୍ୱିତୀୟ ଭାଗ) ଏକର ୦.୦୦୭ ଡିସିମିଲି ଏବଂ ଭର୍ଟିଫାଏଡ୍ ଟାଇଲ ଫ୍ଲୋରିଂ ଥାଇ ମେଟ୍ରୋ ସାଟେଲାଇଟ୍ ସିଟି ଆପାର୍ଟମେଣ୍ଟ (ଫେଜ୍-୨)ରେ ଥିବା ଦ୍ୱିତୀୟ ମହଲା ଫ୍ଲାଟ ନଂ: ୨୦୬ ଯାହାର ୧୨୫୦ ବର୍ଗଫୁଟ (ଏସ.ବି.ଏ)। ମେଟ୍ରୋ ସାଟେଲାଇଟ୍ ସିଟି ଆପାର୍ଟମେଣ୍ଟ, ଫ୍ଲାଟ ନଂ: ୨୦୬ (ଫେଜ୍-୨)ର ଚାରିପାର୍ଶ୍ୱରେ ପୂର୍ବ: ଫ୍ଲାଟ ନଂ: ୨୦୫, ପଶ୍ଚିମ: ୪୦ ଫୁଟିଆ ରାସ୍ତା, ଉତ୍ତର: ଫ୍ଲାଟ ନଂ: ୨୦୭, ଦକ୍ଷିଣ: ଆପାର୍ଟମେଣ୍ଟ ପାଚେରୀ | ତା.୦୨.୦୯.୨୦୨୦ ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ଅନ୍ତର୍ଭୁକ୍ତ ହୋଇ **ଟ.୨୫,୮୨,୬୯୬/-** + ପରବର୍ତ୍ତୀ ସୁଧ, ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ | ୦୩.୦୯.୨୦୨୦ / ୦୩.୧୧.୨୦୨୧ |

**ସ୍ଥାନ:** ଭୁବନେଶ୍ୱର
ତାରିଖ : ୦୮.୧୧.୨୦୨୧
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର



**ODISHA PUBLIC SERVICE COMMISSION**

**ADVERTISEMENT No.18 OF 2021-22**

**Recruitment to the posts of Insurance Medical Officer in Group-A (Junior Branch) of Odisha Employees' State Insurance Medical Services Cadre under Labour & ESI Department**

**WEBSITE - www.opsc.gov.in**

**No. D-187:-** Online applications are invited from the prospective candidates through the Proforma application form to be made available on the website (**https://www.opsc.gov.in**) for recruitment to **85 (Eighty-five)** posts of **Insurance Medical Officer** in Group-A (Junior Branch) of Odisha Employees' State Insurance Medical Services Cadre under Labour & ESI Department in the Scale of Pay of Rupees 56100/- in Level-12, Cell- 1 of the pay matrix as per ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time. **In case of selection and joining in the service, the Specialists would be getting a monthly incentive of Rs, 30,000/- for Super Specialization, Rs. 20,000/- for Post-Graduation and Rs. 10,000/- for P.G. Diploma qualifications recognized by the Government of Odisha.**

2. **VACANCY POSITION:** As per requisition filed by the Labour and ESI Department, out of a total number of 85 (28-w) vacancies, 34 (12-w) vacancies are reserved for UR category, 12 (03-w) vacancies are reserved for SEBC category, 16 (06-w) vacancies are reserved for SC category and 23 (07-w) vacancies are reserved for ST category. Also, 01 vacancy is reserved for Ex-Servicemen, 01 vacancy is reserved for Sports Persons and 02 vacancies are reserved for Persons with Disabilities.

3. **AGE:** A candidate must have attained the age of **21 (Twenty-one)** years and must not be above the age of **32 (Thirty two)** years as on the **1st day of January 2021** i.e. he/she must have been born not earlier than **2nd January, 1989** and not later than **1st January, 2000**.

4. **EDUCATIONAL QUALIFICATION:** A candidate must have possessed M.B.B.S. or equivalent Degree from a Medical College or Medical Institution recognised by the Medical Council of India.

5. **EXAMINATION FEE:** A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha and Persons with Disabilities (whose permanent disability is 40% and more) are exempted from payment of this fee.

6. **METHOD OF SELECTION:** The selection of candidates for recruitment to the posts of Insurance Medical Officer will be made on the basis of **Written Test**.

**The link for registration/ re-registration and payment of examination fees shall be available from 12.11.2021 to 13.12.2021 (Note: 20.12.2021 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in for detailed information for applying to the above post.**

CUTTACK
DATE- 08.11.2021

Sd./- SECRETARY
ODISHA PUBLIC SERVICE COMMISSION
CUTTACK

OIPR-12002/11/0128/2122



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୧୭୪୪୩/IND-II-PH-822 ତାରିଖ ୦୮।୧୧।୨୦୨୧

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର, ପଦ୍ମପୁର ଇନ୍‌ଭେଷ୍ଟିଗେସନ ଡିଭିଜନ, ପଦ୍ମପୁର ଓଡ଼ିଶାର ବଲାଙ୍ଗୀର ଜିଲ୍ଲା, ବେଲପଡ଼ା ତହସିଲ, ଚିକିଲି ଗ୍ରାମରେ ଉପର ଲାନ୍ଥ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଲାନ୍ଥ ନଦୀରେ ମାଟିବନ୍ଧ ନିର୍ମାଣ କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority) ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୦।୧୨।୨୦୨୧ରିଖରେ ବଲାଙ୍ଗୀର ଜିଲ୍ଲା, ବେଲପଡ଼ା ବ୍ଲକ୍ / ତହସିଲ ଅନ୍ତର୍ଗତ ଜାମଜ୍ଜୁରୀ ଗ୍ରାମ ସ୍ଥିତ କମ୍ପାନୀ ପଡିଆଠାରେ ପଣ୍ଡାକିମାଳ ଗ୍ରାମ ପାଇଁ ଦିବା ୧୧.୦୦ ଘଟିକା ସମୟରେ ଏବଂ ଜାମଜ୍ଜୁରୀ ଗ୍ରାମ ପାଇଁ ଦିବା ୦୨.୩୦ ଘଟିକା ସମୟରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ବଲାଙ୍ଗୀର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ବଲାଙ୍ଗୀର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ବଲାଙ୍ଗୀର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ସମ୍ବଲପୁର / ବଲାଙ୍ଗୀର** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର / ବଲାଙ୍ଗୀରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 17156/IND-II-PH-871 ତାରିଖ 05.11.2021
No. CAD-1736

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ କେ.ସି. ପ୍ରଧାନ ଓଡ଼ିଶାର କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ନୟାଗଡ଼ ଗ୍ରାମରେ ୨୪.୫୭୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଅବସ୍ଥିତ ନୟାଗଡ଼ ଲୌହ ଖଣିରୁ ଓପନ୍‌କାଷ୍ଟ ସେମିମେକାନାଇଜ୍‌ଡ ପଦ୍ଧତି ଦ୍ୱାରା ସମ୍ପ୍ରସାରଣ କରି ବାର୍ଷିକ ୮୦,୦୦୦ ଟନ୍‌ରୁ ୩,୦୦,୧୩୫ ଟନ୍ ଲୌହ ପଥର ଉତ୍ପାଦନ କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority) ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୦।୧୨।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ **କେନ୍ଦୁଝର ଜିଲ୍ଲା, ନୟାଗଡ଼ ମୌଜା (ଖାତା ନଂ. ୨୩୫, ପ୍ଲଟ୍ ନଂ. ୩୨/୧) ଅନ୍ତର୍ଗତ ମେସର୍ସ ସିନ୍ଧୁଜା ଷ୍ଟିଲ୍ ପ୍ରା.ଲି. କମ୍ପ୍ଲେକ୍ସ** ନିକଟରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0155/2122
ସ୍ୱା./-ସଦସ୍ୟ ସଚିବ

> ବାହାର ଜଗତରେ ଘୁରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। —ଶ୍ରୀମା



# ହାତ ବାନ୍ଧିଦେଲେ

ଲଖିମ୍‌ପୁର ଖେରି ମାମଲାର ତଦନ୍ତରେ ଅଗ୍ରଗତି ହେଉ ନ ଥିବାରୁ ସୁପ୍ରିମକୋର୍ଟ ୮ ନଭେମ୍ବରରେ ଅସନ୍ତୋଷ ବ୍ୟକ୍ତ କରି ଉତ୍ତରପ୍ରଦେଶ ସରକାର ଉକ୍ତ ଘଟଣାର ଯେଉଁ ନ୍ୟାୟିକ କମିଶନ ଗଠନ କରିଛନ୍ତି, ତାହାର ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକଟ କରିଛନ୍ତି। ତେଣୁ ବାହାର ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ କରାଯିବା ଦରକାର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହିତ ସର୍ବୋଚ୍ଚ ଅଦାଲତ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ରାକେଶ କୁମାର ଜୈନ ଓ ଜଷ୍ଟିସ୍ ରଣଜିତ୍ ସିଂଙ୍କ ନାମ ପ୍ରସ୍ତାବ ଦେଇଛନ୍ତି। ସୁପ୍ରିମକୋର୍ଟ ଯେଉଁଭଳି ଚତୁରତାର ସହ ମାତ୍ର ଦୁଇ ଜଣ ଅବସରପ୍ରାପ୍ତ ବିଚାରପତିଙ୍କ ନାମ ପ୍ରସ୍ତାବ ଦେଇଛନ୍ତି, ସେଥିରୁ ବୁଝିବାକୁ ହେବ ଯେ ଉତ୍ତରପ୍ରଦେଶ ସରକାରଙ୍କ ହାତ ବାନ୍ଧି ଦେଇଛନ୍ତି। ଲଖିମ୍‌ପୁର ଖେରି ଅଞ୍ଚଳରେ କୃଷକଙ୍କ ଉପରେ ଗାଡ଼ି ମଡ଼ାଇ କରାଯାଇଥିବା ହତ୍ୟା ଘଟଣା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ତଦନ୍ତ କରିବା ସକାଶେ ମୃତକଙ୍କ ପରିବାର ପକ୍ଷରୁ ଯେଉଁ ଅନୁରୋଧ କରାଯାଇଥିଲା ସୁପ୍ରିମକୋର୍ଟ ମଧ୍ୟ ତାହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଫଳରେ ଲଖିମ୍‌ପୁର ଖେରି ଘଟଣାକୁ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ନିର୍ବାଚନ ଯାଏ ଗଡ଼ାଇ ନେବା ପାଇଁ ଯେଉଁ ପ୍ରୟାସ କରିଥିଲେ, ସେଥିରେ କଣ୍ଟା ଲାଗିଛି ବୋଲି କୁହାଯାଇପାରେ।

ମୃତକଙ୍କ ପରିବାରର ସିବିଆଇ ଦ୍ୱାରା ତଦନ୍ତକୁ ସର୍ବୋଚ୍ଚ ଅଦାଲତରେ ପ୍ରତ୍ୟାଖ୍ୟାନ ଫଳରେ ବୁଝିହେଉଛି ଯେ ସିବିଆଇ ଉପରେ ଜନସାଧାରଣଙ୍କ ଭଳି ସୁପ୍ରିମକୋର୍ଟଙ୍କ ମଧ୍ୟ ଭରସା ନାହିଁ। ଉଲ୍ଲେଖଯୋଗ୍ୟ ଯେ, ୨୦୧୪ରୁ ଆଜି ଭିତରେ କେନ୍ଦ୍ରର ସବୁ ସଂସ୍ଥା ଉପରେ ଲୋକ ଓ ନ୍ୟାୟପାଳିକାର ବିଶ୍ୱାସ ତୁଟିଗଲାଣି। ସିବିଆଇ କଥା ସମସ୍ତେ ଜାଣନ୍ତି ଯେବେଠାରୁ ନିଠାରି ଘଟଣାରେ ମନିନ୍ଦର ସିଂ ପାନ୍ଧେର ମୁକୁଳି ରାସ୍ତାରେ ବୁଲୁଥିବା ବେଳେ ତାଙ୍କ ଚାକର ସୁରିନ୍ଦର କୋଲି ଆଜୀବନ କାରାଦଣ୍ଡ ଭୋଗିଲା। ସୁଶାନ୍ତ ସିଂ ରାଜପୁତ ଓ ଆର୍ଯନ ଖାନ୍‌ଙ୍କ ଘଟଣାରୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ଖୋଲାଖୋଲି ପକ୍ଷପାତିତା ଓ ବ୍ଲାକ୍‌ମେଲ୍ କରିବାର ଚରିତ୍ର ପଦାରେ ପଡ଼ିଛି। ଅନୁରୂପ ଭାବେ ଏନ୍‌ଫୋର୍ସମେଣ୍ଟ ଡିରେକ୍ଟୋରେଟ୍ (ଇଡି), ଆୟକର ବିଭାଗ (ଆଇଟି), ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଭଳି ଅନ୍ୟସବୁ କେନ୍ଦ୍ରୀୟ ସଂସ୍ଥା ନିଜର ସାମାନ୍ୟତମ ମର୍ଯ୍ୟାଦା ରକ୍ଷା କରିବାକୁ ଚେଷ୍ଟା ମଧ୍ୟ କରୁନାହାନ୍ତି। ସବୁ ଅଫିସରଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟ କଲେ ମନେହେଉଛି ଯେପରି କେନ୍ଦ୍ର ସରକାରରେ କ୍ଷମତାସୀନ ରାଜନୈତିକ ବ୍ୟକ୍ତିମାନେ ସର୍ବଦା ଅମର ହୋଇ ଦେଶ ଶାସନ ଗାଦିରେ ତିଷ୍ଠି ରହିବେ। କୌତୂହଳର ବିଷୟ ଯେ, ଗଣତନ୍ତ୍ରର ମୂଳରେ ରହିଛି ପରିବର୍ତ୍ତନ। ଗୋଟାଏ ସମୟରେ ମନେହେଉଥିଲା ଆମେରିକାର ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶାସନ ସମୟର ଅନ୍ତ ହେବ ନାହିଁ। ତାଙ୍କ ସମର୍ଥକମାନେ ଜୋ ବାଇଡେନ୍‌ଙ୍କୁ 'ନିଦୁଆ ଜୋ', 'ବୋକା ଜୋ', 'ବୁଢ଼ା ଜୋ' ଇତ୍ୟାଦି ଆଖ୍ୟା ଦେଇ ତାଙ୍କ ଉପରେ ହସୁଥିଲେ। ଗଣତନ୍ତ୍ରରେ ଯେତେବେଳେ ପରିବର୍ତ୍ତନ ଆସିବାର ଥାଏ, ସେତେବେଳେ ବିକଳ୍ପର ଆବିର୍ଭାବ ହୋଇଥାଏ। ଜନସାଧାରଣ ମୁହଁ ମୋଡ଼ି ଅନ୍ୟତ୍ର ଭୋଟ୍ ଦେବାକୁ ନିଷ୍ପତ୍ତି କଲେ କୌଣସି ସରକାରୀ କଳ, ଅର୍ଥବଳ କିମ୍ବା ଚତୁର ବାକ୍ୟ ତାଙ୍କୁ ବଦଳାଇପାରେ ନାହିଁ।

ଲଖିମ୍‌ପୁର ଖେରି ଘଟଣାରେ ସୁପ୍ରିମକୋର୍ଟଙ୍କ ଉପରବର୍ଣ୍ଣିତ ନିର୍ଦ୍ଦେଶ ଓ ପ୍ରସ୍ତାବକୁ ତର୍ଜମା କଲେ ଯେଉଁ ବିଷୟକୁ ନେଇ ସର୍ବୋଚ୍ଚ ଅଦାଲତ ମୂଳକୁ ଧରିଛନ୍ତି, ତାହା ଅତ୍ୟନ୍ତ ପ୍ରାସଙ୍ଗିକ ମନେହେଉଛି। ସାଧାରଣତଃ ସିବିଆଇ ଦ୍ୱାରା କରାଯାଉଥିବା ବିଭିନ୍ନ ପ୍ରକାର ତଦନ୍ତ ସନ୍ଦେହଜନକ ରହୁଥିବାରୁ ସମ୍ଭବତଃ ସର୍ବୋଚ୍ଚ ଅଦାଲତ ତାହାକୁ ଲଖିମ୍‌ପୁର ଖେରି ଘଟଣାରେ ପଶାଇବାକୁ ଚାହିଁ ନାହାନ୍ତି। ଏଥିସହିତ ଉତ୍ତରପ୍ରଦେଶରେ ଯୋଗୀଙ୍କ ଶାସନ ଚାଲିଥିବାରୁ ସେଠାକାର ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଉପରେ ଚାପ ପଡ଼ିବାର ଆଶଙ୍କା ଥିବାରୁ ସୁପ୍ରିମକୋର୍ଟ ଏପରି ନିଷ୍ପତ୍ତି ନେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ। ଏଠାରେ ଲଖିମ୍‌ପୁର ଖେରି ଘଟଣାକୁ ମନେପକାଇଲେ ସେତେବେଳେ ସ୍ଥିତି କେତେ ଭୟଙ୍କର ଥିଲା ସମସ୍ତେ ଜାଣନ୍ତି। ୩ ଅକ୍ଟୋବରରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ଲଖିମ୍‌ପୁର ଖେରି ଅଞ୍ଚଳରେ କୃଷକମାନେ କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ପ୍ରତିବାଦ କରୁଥିବା ବେଳେ ସେମାନଙ୍କ ଉପରେ ଗାଡ଼ି ମଡ଼ାଇ ଦେଇଥିଲେ। ଫଳରେ ଗାଡ଼ି ଚକ ତଳେ ପଡ଼ି ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏହା ପରେ ଦେଖାଦେଇଥିବା ହିଂସାରେ ଆଉ ୪ ଜଣଙ୍କ ପ୍ରାଣ ଯାଇଥିଲା। ଅଜୟ ମିଶ୍ରା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ହୋଇଥିବାରୁ ଘଟଣାକୁ ଟାଳି ଦେବା ପାଇଁ ଉତ୍ତରପ୍ରଦେଶର ଭାଜପା ସରକାରଠାରୁ ଆରମ୍ଭ କରି କେନ୍ଦ୍ର ଯାଏ ତତ୍ପର ହୋଇ ଉଠିଥିଲେ। ଏପରି କି ଗାଡ଼ି ମଡ଼ାଇ ହତ୍ୟା କରିଥିବା ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ପୋଲିସ ଗିରଫ କରିବାକୁ ଆଦୌ ଇଚ୍ଛୁକ ନ ଥିଲା। ଦୀର୍ଘ ସମୟ ଧରି ଗଣମାଧ୍ୟମ ଚାପ ପଡ଼ିବାରୁ ଏବଂ ବିଶେଷକରି ଆର୍ଯନ୍ ଖାନ୍‌ଙ୍କୁ ତତ୍‌କ୍ଷଣାତ୍ ଗିରଫ କରାଯାଇଥିବା ବେଳେ ଆଶିଷଙ୍କୁ ଗିରଫ କରା ନ ଯିବା ଦ୍ୱାରା ଯେଉଁ ରାଜନୈତିକ ଝଡ଼ ଦେଶବ୍ୟାପୀ ବହିଲା, ତାହାର ଚାପରେ ଉତ୍ତରପ୍ରଦେଶ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା।

ଆଜିର ସମୟରେ କେନ୍ଦ୍ର ହେଉ ବା ରାଜ୍ୟ ସରକାରଙ୍କ ବିରୋଧରେ କୌଣସି ପ୍ରତିବାଦ ହେଲେ ତାହାକୁ ଚପାଇ ଦେବା ପାଇଁ ଅହରହ ଉଦ୍ୟମ କରାଯାଉଛି। ପୋଲିସ ମଧ୍ୟ କ୍ଷମତାସୀନ ବ୍ୟକ୍ତିଙ୍କ ଅଧିକରୁ ଅଧିକ ହାତବାରିସି ହୋଇ ବ୍ୟକ୍ତିଗତ ଗୁଣ୍ଡାବାହିନୀ ଭାବେ କାର୍ଯ୍ୟ କରିବା ପାଇଁ ଆଗେଇ ଆସୁଛି। ଏହିଭଳି କାର୍ଯ୍ୟକୁ କେତୋଟି ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସର ଆଗଭର ହୋଇ ଦାୟିତ୍ୱ ନେବା ଭଳି ମନେହେଉଛି। ଓଡ଼ିଶା ଭଳି ରାଜ୍ୟରେ ମଧ୍ୟ କେତେକ ଆଇପିଏସ୍ ଅଫିସର ନିଜର ସୋସିଆଲ ମିଡିଆ ହ୍ୟାଣ୍ଡ୍‌ଲରେ ଅତ୍ୟଧିକ ରାଜନୈତିକ ଚିନ୍ତାଧାରା ପ୍ରକଟ କରି ନିଜର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ଉଠାଉଛନ୍ତି। ସେମାନେ ଭୁଲି ଯାଉଛନ୍ତି ଯେ, ଏଭଳି କଥାକୁ ଅନେକ ନାଗରିକ ଲକ୍ଷ୍ୟ କରି ମନେ ରଖୁଛନ୍ତି, ଯାହା ତାଙ୍କର ପରବର୍ତ୍ତୀ ଜୀବନରେ ଅସୁବିଧା ସୃଷ୍ଟି କରିପାରେ।

ଆଶା କରାଯାଏ ଯେ, ସୁପ୍ରିମକୋର୍ଟଙ୍କ ଅଧୀନରେ ହେବାକୁ ଥିବା ତଦନ୍ତରେ ଚାଷୀ ହତ୍ୟା ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ଓ ମୃତକଙ୍କୁ ନ୍ୟାୟ ମିଳିବ।

# ସହରୀକରଣ ଓ ବାୟୁ ପ୍ରଦୂଷଣ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଜୀବଜଗତର ଆଦ୍ୟ କାଳରୁ ଅଦ୍ୟାବଧି ଘଟି ସାରିଥିବା ପାଞ୍ଚଟି ମହାବିଲୁପ୍ତିଗୁଡ଼ିକର ଅନ୍ୟତମ ମୁଖ୍ୟ କାରଣ ରୂପେ ପରିବେଶ ପ୍ରଦୂଷଣକୁ ଦାୟୀ କରାଯାଏ। ଏ ପ୍ରତ୍ୟେକରେ ତଦାନିନ୍ତନ ପ୍ରଜାତିଗୁଡ଼ିକ ମଧ୍ୟରୁ ପ୍ରାୟ ୮୦ ଶତାଂଶ ପର୍ଯ୍ୟନ୍ତ ବିଲୁପ୍ତ ହୋଇଯାଇଥିଲେ। ଏବେ ଷଷ୍ଠ ମହାବିଲୁପ୍ତି ଆଗମନର ସୂଚନା ଦେଲେଣି ବୈଜ୍ଞାନିକମାନେ। ସେମାନଙ୍କ ଆକଳନ ଅନୁସାରେ ଏହା କେତେ ଶହରୁ କେତେ ହଜାର ବର୍ଷ ମଧ୍ୟରେ ଆସିପାରେ। ପୁନଶ୍ଚ ପରିବେଶ ପ୍ରଦୂଷଣ ହିଁ ହେବ ଏହାର ମୁଖ୍ୟ କାରଣ। ବିଶେଷକରି ବାୟୁ ପ୍ରଦୂଷଣର ଏଥିରେ ରହିବ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା। ବର୍ତ୍ତମାନ ସୁଦ୍ଧା ଏହାର ପ୍ରଭାବମାନ ପ୍ରକଟିତ ହେଲାଣି ମୁଖ୍ୟତଃ ଜାଗତିକ ଉଷ୍ମତା ବୃଦ୍ଧିଠାରୁ ଆରମ୍ଭ କରି ବିଭିନ୍ନ ଜୀବଜାତିର ବିଲୁପ୍ତି ମାଧ୍ୟମରେ। ମଣିଷ ଉପରେ ଏହା ଯେଉଁ କେତୋଟି ପରିଣାମ ରୂପେ ପ୍ରକଟିତ ହେଉଛି, ତନ୍ମଧ୍ୟରୁ ଅନ୍ୟତମ ହେଲା ବାୟୁ ପ୍ରଦୂଷଣଜନିତ ଅକାଳ ମୃତ୍ୟୁ ଏବଂ ଆୟୁଷ କ୍ଷୟ। ଆମ ଦେଶରେ ଏହା ତୁଳନାତ୍ମକ ଭାବେ ଅଧିକ ପରିଲକ୍ଷିତ ହେଉଛି। କାରଣ, ଆମେ ଅର୍ଥନୈତିକ ଅଭିବୃଦ୍ଧିର ପ୍ରୟାସରେ ପାଶ୍ଚାତ୍ୟ ଜଗତର ଶିଳ୍ପ ସଭ୍ୟତାକୁ ଏବଂ ଜୀବନଧାରାକୁ ଆପଣାଇ ନେଇଛୁ ସତ, କିନ୍ତୁ ତାହାର ସଠିକ ସୁପରିଚାଳନା କରିପାରୁ ନାହୁଁ।

ଜାତିର ଜନକ ଗାନ୍ଧିଜୀ କହୁଥିଲେ, "ଭାରତର ଆତ୍ମା ଗ୍ରାମମାନଙ୍କରେ ହିଁ ନିବାସ କରେ।" ସେତେବେଳେ ଗ୍ରାମ୍ୟ ଜୀବନ ଥିଲା ଏ ଦେଶର ବିଶେଷତା ଏବଂ ୧୯୨୫ ସୁଦ୍ଧା ପ୍ରତି ୧୦ ଜଣ ଭାରତୀୟଙ୍କ ମଧ୍ୟରୁ ୯ ଜଣରୁ ଅଧିକ ଗ୍ରାମାଞ୍ଚଳରେ ବାସ କରୁଥିଲେ। କିନ୍ତୁ କ୍ରମେ ଏହାର ଜନସଂଖ୍ୟା ବୃଦ୍ଧି ସହିତ ତାଳ ଦେଇ ଅଧିକରୁ ଅଧିକ ଲୋକ ସହରାଭିମୁଖୀ ହେବାକୁ ଲାଗିଲେ। ସ୍ୱାଧୀନତା ପରେ ଏ ପ୍ରକ୍ରିୟା ତ୍ୱରାନ୍ୱିତ ହେବାକୁ ଲାଗିଲା। ବିଶେଷକରି ଆମ ନୂତନ ଶାସକବର୍ଗ ପାଶ୍ଚାତ୍ୟ ଦେଶମାନଙ୍କୁ ଅନ୍ଧ ଭାବେ ଅନୁସରଣ କରିବା ଫଳରେ ଗାନ୍ଧିଜୀଙ୍କ ବିକାଶର ଦୃଷ୍ଟିକୋଣ ସମାଧି ନେଲା ଏବଂ ଗ୍ରାମାଞ୍ଚଳର କୃଷିଭିତ୍ତିକ ଅର୍ଥନୀତି ଅପେକ୍ଷା ଅଧିକରୁ ଅଧିକ ଗୁରୁତ୍ୱ ଲାଭ କଲା ବୃହତ୍ ଶିଳ୍ପ ତଥା ନ୍ୟାୟତଃ ତା'ର ସଙ୍ଗୀରୂପେ ସହରୀକରଣ। ଫଳରେ ଏବେ ପ୍ରତି ତିନିଜଣରୁ ଜଣେ ଭାରତୀୟ ସହରରେ ବାସ କରୁଛନ୍ତି। ଏହା ଆଗାମୀ ୨୦୩୬ ସୁଦ୍ଧା ୩୯ ଶତାଂଶରେ ପହଞ୍ଚିଯିବ ବୋଲି ସୂଚନା ଦେଲାଣି ଦେଶର ଜନଗଣନାକାରୀ ସଂସ୍ଥା, ଯାହାକି ଜାତିସଂଘର ଗଣନାନୁସାରେ ୨୦୪୬ ସୁଦ୍ଧା ୫୦ ଶତାଂଶକୁ ବୃଦ୍ଧି ପାଇବ।

ଅନ୍ୟ ଏକ ଆକଳନ ଅନୁସାରେ, ଆମ ଦେଶରେ ୧୯୫୧ ମସିହା ବେଳକୁ ସମୁଦାୟ ଲୋକ ସଂଖ୍ୟାର ୧୭.୩ ଶତାଂଶ (ଯଥାକ୍ରମେ ୩୬୨ ନିୟୁତ ଏବଂ ପ୍ରାୟ ୬୨ ନିୟୁତ) ସହରବାସୀ ହୋଇଥିବା ବେଳେ ଏବେ (୨୦୨୧ରେ) ତାହା ପହଞ୍ଚି ଯାଇଛି ୩୫.୪ ଶତାଂଶରେ (ଯଥାକ୍ରମେ ୧,୩୯୭ ନିୟୁତ ଏବଂ ୪୯୫ ନିୟୁତ)। ୨୦୫୦ ସୁଦ୍ଧା ୫୨.୮ ଶତାଂଶକୁ ବୃଦ୍ଧି ପାଇବ (ଯଥାକ୍ରମେ ୧,୬୫୯ ଏବଂ ପ୍ରାୟ ୮୭୭ ନିୟୁତ)। ଅତଏବ ପରିବର୍ଦ୍ଧିତ ହୋଇ ଚାଲିବ ଆମ ବର୍ତ୍ତମାନର ସହରଗୁଡ଼ିକ ଏବଂ ସୃଷ୍ଟି ହେବ ନୂତନ ନୂତନ ସହର। ପରିଣାମ ସ୍ୱରୂପ ୧୯୭୦ ସୁଦ୍ଧା ୭.୩ ନିୟୁତ ଜନସଂଖ୍ୟା ବିଶିଷ୍ଟ କଲିକତା ବିଶ୍ୱର ୧୦ମ ଏବଂ ୬.୪ ନିୟୁତ ଜନସଂଖ୍ୟା ବିଶିଷ୍ଟ ମୁମ୍ବାଇ ୧୫ତମ ସ୍ଥାନରେ ଥିଲା ବେଳେ ୨୦୧୮ରେ ଦିଲ୍ଲୀ ବିଶ୍ୱର ୨ୟ (୨୮.୫ ନିୟୁତ ଜନସଂଖ୍ୟା), ମୁମ୍ବାଇ ୭ମ (୨୦ ନିୟୁତ) ଏବଂ କଲିକତା ୧୬ଶ (୧୪.୭ ନିୟୁତ) ସ୍ଥାନ ଅଧିକାର କରିଥିଲେ। ଆଶା କରାଯାଏ ଯେ, ୨୦୩୦ ସୁଦ୍ଧା ସେଗୁଡ଼ିକ ଯଥାକ୍ରମେ ୧ମ (୩୮.୯ ନିୟୁତ ଜନସଂଖ୍ୟା), ୬ଷ୍ଠ (୨୪.୬ ନିୟୁତ) ଏବଂ ୧୬ଶ (୧୭.୬ ନିୟୁତ) ସ୍ଥାନରେ ରହିବେ। ସେହି ଅନୁପାତରେ ବଢ଼ିଚାଲିଛି ଏବଂ ବଢ଼ିଚାଲିବ ଅନ୍ୟ ସବୁ ସହରମାନଙ୍କର ଜନସଂଖ୍ୟା। ଏହା ବ୍ୟତୀତ ଇତିମଧ୍ୟରେ ଦେଶରେ ପ୍ରତିଷ୍ଠିତ ୩୦ରୁ ଅଧିକ ଶିଳ୍ପ କେନ୍ଦ୍ରକୁ ବେଷ୍ଟନ କରି ଗଡ଼ିଉଠିଛି ସହରମାନ। କ୍ରମେ ଏଗୁଡ଼ିକର ସଂଖ୍ୟା ବଢ଼ି ବଢ଼ି ଚାଲିବ।

ସହରମାନଙ୍କରେ ଜନସଂଖ୍ୟାର ସାନ୍ଦ୍ରତା ଅଧିକ। ଯେଉଁଠାରେ ଜନସଂଖ୍ୟା ଯେତେ ବେଶି, ସେଠାରେ ଏହା ସେତେ ଅଧିକ। ଅତଏବ ସେଠାର ଜଳ ଓ ବାୟୁ ସେହି ଅନୁପାତରେ ଅଧିକ ପ୍ରଦୂଷିତ। ସେଥିପାଇଁ ବର୍ତ୍ତମାନ ବିଶ୍ୱର ୨୦ଟି ସର୍ବାଧିକ ବାୟୁ ପ୍ରଦୂଷିତ ସହରଗୁଡ଼ିକ ମଧ୍ୟରୁ ୧୧ଟି ହେଉଛି ଆମ ଦେଶର। ବିଗତ ବର୍ଷ (୨୦୨୦)ର ଆକଳନ ଅନୁସାରେ, ପାକିସ୍ତାନର ଲାହୋର ଏହି ତାଲିକାର ପ୍ରଥମ ସ୍ଥାନରେ ଥିବା ବେଳେ ଭାରତର ଗାଜିଆବାଦ ଦ୍ୱିତୀୟ, ଦିଲ୍ଲୀ ଏବଂ ନୂଆଦିଲ୍ଲୀ ଯଥାକ୍ରମେ ତୃତୀୟ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏଥି ପୂର୍ବରୁ ଦିଲ୍ଲୀର ସ୍ଥାନ ପ୍ରଥମ ଥିଲା।

ଏଗୁଡ଼ିକର ବାୟୁ ଅତ୍ୟନ୍ତ ଦୂଷିତ। ପ୍ରଚଳିତ ବାୟୁମାନ ଗଣନାଙ୍କ ଅନୁସାରେ ତାହା ୦(ଶୂନ)ରୁ ୫୦ ଭିତରେ ରହିବା ଖୁବ୍ ଉତ୍ତମ ଏବଂ ୫୧ରୁ ୧୦୦ ମଧ୍ୟରେ ସନ୍ତୋଷଜନକ। କିନ୍ତୁ ଏହାର ସୀମା ୧୦୧ରୁ ୨୦୦, ୨୦୧ରୁ ୩୦୦, ୩୦୧ରୁ ୪୦୦ ଏବଂ ୪୦୧ରୁ ୫୦୦ ବା ଅଧିକ ରହିଲେ ତାହାକୁ ଯଥାକ୍ରମେ ଖରାପ, ବେଶ୍ ଖରାପ, ଅତି ବେଶି ଖରାପ ଏବଂ ଭୟଙ୍କର ଭାବେ ଖରାପ ବୋଲି କୁହାଯାଏ। ଆମ ପ୍ରଦୂଷିତ ସହରମାନଙ୍କର ବାର୍ଷିକ ହାରାହାରି ବାୟୁ ପ୍ରଦୂଷଣ ସୂଚନାଙ୍କ ଖରାପରୁ ଅତି ଖରାପ ମଧ୍ୟରେ ଥାଏ। ସେଥିପାଇଁ ବାୟୁପ୍ରଦୂଷଣ ଜନିତ ଆୟୁ କ୍ଷୟ ଏବଂ ଅକାଳମୃତ୍ୟୁରେ ଏହା ବିଶ୍ୱରେ ଅଗ୍ରଗଣ୍ୟ।

ବାୟୁ ପ୍ରଦୂଷଣର ମାନ ନିରୂପଣ ଲାଗି ଯେଉଁ କେତୋଟି ଉପାଦାନ ବିଚାରକୁ ନିଆଯାଏ, ତାହା ହେଲା ବାୟୁରେ ଭାସମାନ ଦୁଇ ପ୍ରକାର କଣିକା (୨.୫ ମାଇକ୍ରୋ-ମିଟର କିମ୍ବା ତହିଁରୁ କମ୍ ଏବଂ ୧୦ ମାଇକ୍ରୋ ମିଟର କିମ୍ବା ତହିଁରୁ କମ୍ ବ୍ୟାସାର୍ଦ୍ଧ ବିଶିଷ୍ଟ। ଏଗୁଡ଼ିକୁ ଯଥାକ୍ରମେ ପିଏମ୍ ୨.୫ ଏବଂ ପିଏମ୍ ୧୦ ବୋଲି କୁହାଯାଏ। ପିଏମ୍ ଅର୍ଥ ହେଲା ପାର୍ଟିକ୍ୟୁଲେଟ ମ୍ୟାଟର। ଓଜୋନ୍, ଯବକ୍ଷାରଜାନ ଡାଇଅକ୍ସାଇଡ୍, ଗନ୍ଧକ ଡାଇଅକ୍ସାଇଡ୍ ଏବଂ କାର୍ବୋନ୍ ମନୋକସାଇଡ୍ ମଧ୍ୟରୁ ବାୟୁରେ ଭାସମାନ ସୂକ୍ଷ୍ମ କଣିକାଗୁଡ଼ିକ, ବିଶେଷକରି କ୍ଷୁଦ୍ରତମ ହୋଇଥିବା ପିଏମ୍ ୨.୫ ସବୁଠାରୁ ବିପଜ୍ଜନକ ବୋଲି ମନେକରାଯାଏ। କାରଣ ଏହା ଆମ ଫୁସ୍‌ଫୁସ୍‌ର ଗଭୀରତମ ପ୍ରଦେଶ ପର୍ଯ୍ୟନ୍ତ ପ୍ରବେଶ କରିପାରନ୍ତି ଏବଂ ସେଠାରେ ଜମା ହୋଇ ରହନ୍ତି। ଏପରିକି ଏଗୁଡ଼ିକ ଆମ ରକ୍ତସ୍ରୋତରେ ପ୍ରବେଶ କରିପାରନ୍ତି ଏବଂ ହୃଦ୍‌ବକ୍ଷ ତଥା ଶ୍ୱାସକ୍ରିୟାଜନିତ ସମସ୍ୟାର କାରଣ ହୋଇପାରନ୍ତି। ପୁନଶ୍ଚ ଏ ପ୍ରକାର କେତେକ କଣିକା କର୍କଟ ରୋଗକାରୀ ମଧ୍ୟ ହୋଇପାରନ୍ତି ବୋଲି ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା।

ଜାତିସଂଘର ଆକଳନ ଅନୁସାରେ ବାୟୁପ୍ରଦୂଷଣ ହେତୁ ଜାଗତିକ ଅକାଳ ମୃତ୍ୟୁ ଘଟୁଥିବା ପ୍ରାୟ ୭ ନିୟୁତ ଲୋକଙ୍କ ମଧ୍ୟରୁ ୧୬ରୁ ୧୭ଲକ୍ଷ ହେଲେ ଭାରତୀୟ। ପୁନଶ୍ଚ ଏଠାର ପ୍ରତି ୧୦୦୦ ଲୋକଙ୍କ ମଧ୍ୟରୁ ୧୧୬ଜଣ ଏହି କାରଣରୁ ଗୁରୁତର ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଅନ୍ୟପକ୍ଷରେ ବାୟୁ ପ୍ରଦୂଷଣକୁ ଯଦି 'ଉତ୍ତମ' ବା 'ସନ୍ତୋଷଜନକ' ସ୍ତରରେ ସୀମିତ ରଖାଯାଇପାରନ୍ତା, ତା'ହେଲେ ଜଣେ ଭାରତୀୟର ଆୟୁ ହାରାହାରି ୫.୩ ବର୍ଷ ପର୍ଯ୍ୟନ୍ତ ବଢ଼ିପାରନ୍ତା ବୋଲି ଏହା ସୂଚିତ କରିଛି। (ଦିଲ୍ଲୀରେ ସର୍ବାଧିକ ୯.୭ ବର୍ଷ ହେଲା ବେଳେ ଉତ୍ତରପ୍ରଦେଶରେ ୮.୦୬ ବର୍ଷ, ହରିୟାନାରେ ୮.୦୦ ବର୍ଷ, ପଶ୍ଚିମବଙ୍ଗରେ ୭.୧ ବର୍ଷ, ଓଡ଼ିଶାରେ ୪.୭ ବର୍ଷ ଏବଂ କର୍ନାଟକରେ ୨.୩ ବର୍ଷ ବଢ଼ିପାରନ୍ତା)। ସେହିପରି ନେପାଳ, ବାଂଲାଦେଶ, ସିଙ୍ଗାପୁର ଏବଂ ଚାଇନା କ୍ଷେତ୍ରରେ ଏ ଆୟୁ ବୃଦ୍ଧି ଯଥାକ୍ରମେ ୫.୦୬, ୫.୦୩, ୩.୭୫ ଏବଂ ୨.୬୪ ବର୍ଷ ହୁଅନ୍ତା।

ବାୟୁ ପ୍ରଦୂଷଣର ଏହିସବୁ ଭୟାବହତା କଥା ବିଚାରକୁ ନେଇ ଚଳିତବର୍ଷ (୨୦୨୧ ମସିହା) ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ତା'ର ୨୦୦୫ ମସିହାରେ ଏହାର ନିରାପଦ ମାତ୍ରା ରୂପେ ଜାରି କରିଥିବା ମାନରେ କେତେକ ପରିବର୍ତ୍ତନ ଆଣିଛି। ଉଦାହରଣ ସ୍ୱରୂପ ସେଥିରେ ବାୟୁରେ ପିଏମ୍ ୨.୫ର ମାତ୍ରା ୨୪ ଘଣ୍ଟାରେ ହାରାହାରି ୨୫ ମାଇକ୍ରୋଗ୍ରାମକୁ ନିରାପଦ ବୋଲି ଧରାଯାଉଥିଲା ବେଳେ ଏବେ ତାହାକୁ ୧୫ ମାଇକ୍ରୋଗ୍ରାମକୁ ହ୍ରାସ କରାଯାଇଛି। ଆମ ବିଭିନ୍ନ ସହରମାନଙ୍କରେ ଏହା ହାରାହାରି ୧୭ଗୁଣ ଅଧିକ। ଏଣୁ ଏହି ନୂତନ ନିରାପଦ ମାତ୍ରା ବିଚାରକୁ ନିଆଗଲେ ଆମ ସମଗ୍ର ଦେଶର ବାୟୁ ପ୍ରଦୂଷିତ ବୋଲି ସାବ୍ୟସ୍ତ ହେବ। ସାଧାରଣତଃ ଜୀବାସ୍ମ ଇନ୍ଧନ ବ୍ୟବହାରକାରୀ ବଡ଼ ବଡ଼ ଶିଳ୍ପ ଓ ଯାନବାହନ, ସଘନ କୃଷି, ଜୈବିକ ଇନ୍ଧନ ଦହନ ଆଦି ହେଲେ ବାୟୁ ପ୍ରଦୂଷଣ ସମସ୍ୟାର ମୁଖ୍ୟ କାରଣ। ଏଗୁଡ଼ିକର ସମାଧାନ ଧୀରେ ଧୀରେ ବାହାରିବାକୁ ଲାଗିଛି। ଆମେ ସେଗୁଡ଼ିକୁ ଗ୍ରହଣ କରି ବାୟୁପ୍ରଦୂଷଣର ଉତ୍ସଗୁଡ଼ିକୁ ସଙ୍କୁଚିତ କରିବା ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବା ଉଚିତ। ସହରୀକରଣକୁ ନିରୁତ୍ସାହିତ କରିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ।

**ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର**

# ବିଶ୍ୱାସ ମୂଳେ ଏ ଜଗତ



ଡ. ମନୋରଞ୍ଜନ ପ୍ରଧାନ

କୁହାଯାଏ ବିଶ୍ୱାସ ମୂଳେ ଏ ଜଗତ। ଜୀବନର ଅନେକ କାର୍ଯ୍ୟ ଓ ସିଂହ ଭାଗ ସମୟ ଅନ୍ୟ ଉପରେ ବିଶ୍ୱାସ ଅନୁସାରେ ହୋଇଥାଏ। ଯେପରି ଜଣେ ଡାକ୍ତରଙ୍କ ଉପରେ ଗଭୀର ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ନିଜ ଶରୀରକୁ ସମ୍ପୂର୍ଣ୍ଣ ସମର୍ପି ଦେଇଥାଏ ଅସହାୟ ରୋଗୀଟିଏ। କେବଳ ସେତିକି ନୁହେଁ, ଡାକ୍ତର ଯାହା ବି ପରାମର୍ଶ ଦିଅନ୍ତି ଓ ଔଷଧ ପ୍ରସ୍ତାବିତ କରନ୍ତି ବିଧି ପୂର୍ବକ ଅତ୍ୟନ୍ତ ବିଶ୍ୱାସର ସହ ସେବନ କରିଥାନ୍ତି। କାରଣ ରୋଗୀର ବିଶ୍ୱାସ ଯେ ଡାକ୍ତର ହେଉଛନ୍ତି ଦ୍ୱିତୀୟ ଈଶ୍ୱର ଏବଂ ସେ ଜୀବନ ଦିଅନ୍ତି କିନ୍ତୁ କାହା ଜୀବନ ସହ ଖେଳନ୍ତି ନାହିଁ। ଏହି ଆସ୍ଥା, ବିଶ୍ୱାସ ଓ ସମ୍ମାନବୋଧ ହିଁ ଡାକ୍ତରଙ୍କ ସବୁ ପରାମର୍ଶକୁ ଅକ୍ଷର ଅକ୍ଷରେ ପାଳନ କରିବାକୁ ରୋଗୀ ଓ ତାଙ୍କ ପରିବାରବର୍ଗଙ୍କୁ ପ୍ରୋତ୍ସାହନ ଦେଇଥାଏ।

ସେହିଭଳି ଛାତ୍ରୀଛାତ୍ର ଓ ମାତାପିତାମାନେ ଶିକ୍ଷକ ସମାଜକୁ ଭଗବାନଙ୍କ ଜୀବନ୍ତ ଅବତାର ବୋଲି ମାନିଥାନ୍ତି। ତେଣୁ ନିଜ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ପାଇଁ ମାଆବାପା ମାନେ ନିଜ ଭବିଷ୍ୟତଙ୍କୁ ବିଶ୍ୱାସର ସହ ଶିକ୍ଷକମାନଙ୍କୁ ସମର୍ପି ଦିଅନ୍ତି। ବିଦ୍ୟାର୍ଥୀଟି ମଧ୍ୟ ନିଜ ଶିକ୍ଷାଦାତାଙ୍କ ଉପରେ ଦୃଢ଼ ଆସ୍ଥା ପ୍ରକଟ କରିଥାଏ। ସେହିଭଳି ଦେଶର ଶାସନ ନିମନ୍ତେ ରାଜନେତା, ମନ୍ତ୍ରୀ ଓ ଅମଲାଙ୍କ ଉପରେ ବିଶ୍ୱାସ କରିଥାନ୍ତି ସାଧାରଣ ଜନତା। ନେତା ମାନଙ୍କର ନିର୍ବାଚନ ପ୍ରଚାର, ଦଳୀୟ ଇସ୍ତାହାର ଓ ବାଚନିକ ପ୍ରତିଶ୍ରୁତିକୁ ଭୋଟଦାତା ତଥା ଦେଶର ନାଗରିକମାନେ ଗ୍ରହଣ କରି ନିଜର ମୂଲ୍ୟବାନ ଭୋଟ ଦେଇଥାନ୍ତି। ସେହିଭଳି ହୋଟେଲରେ ଖାଇବା ବେଳେ ବ୍ୟକ୍ତିଟିଏ ହୋଟେଲ ମାଲିକ ଓ କର୍ମଚାରୀମାନଙ୍କୁ କୌଣସି ସନ୍ଦେହ ପ୍ରକଟ ନ କରି ଅତି ବିଶ୍ୱାସର ସହ ଭୋଜନ କରିଥାଏ। ଅର୍ଥାତ୍ ଆମ ଜୀବନକାଳ ଭିତରେ ଦୈନନ୍ଦିନ ଜୀବନର ଅନେକ କାର୍ଯ୍ୟ କେବଳ ଅନ୍ୟକୁ ବିଶ୍ୱାସ କରି ଆମେ ଜୀବନ ବିତାଇ ଥାଉ। ଯେମିତି ଦିନରାତି ହାଡ଼ଭଙ୍ଗା ପରିଶ୍ରମ କରି ଅର୍ଜନ କରୁଥିବା ପାରିଶ୍ରମିକକୁ ବ୍ୟାଙ୍କରେ ସମର୍ପି ଦେଉ କେବଳ ଗୋଟିଏ ପାସ୍‌ବୁକ୍ ଓ ସେଥିରେ ଲିଖିତ କେତୋଟି ସଂଖ୍ୟା ବା ଅକ୍ଷରକୁ ଦେଖି। ହେଲେ ଅନେକ ସମୟରେ ବିଶ୍ୱାସରେ ବିଷ ଦେବାକୁ ମଧ୍ୟ କେହି କେହି ପଛେଇ ନ ଥାନ୍ତି କେବଳ ନିଜର ସ୍ୱାର୍ଥକୁ ଚରିତାର୍ଥ କରିବା ନିମନ୍ତେ। ଏଭଳି ବିଶ୍ୱାସଘାତକତାର ପ୍ରତିଫଳନ ହେଉଛି ଚିଟ୍‌ଫଣ୍ଡ ଠକେଇ, ବ୍ୟାଙ୍କ ଘୋଟାଲା, ସମବାୟ ସମିତି ଅର୍ଥ ତୁଷାରପାତ, ରୋଗୀ ଚିକିତ୍ସା ନାମରେ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ କିଣାବିକା, ଅଯଥା ଟେଷ୍ଟ ଓ ଦାମୀ ଔଷଧ ଲେଖିବା, ମାର୍କ ଜାଲିଆତି ଇତ୍ୟାଦି।

ସତ କହିବାକୁ ଗଲେ ସକାଳେ ଉଠିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଆମେ କୌଣସି ନା କୌଣସି କାମରେ ଅନ୍ୟମାନଙ୍କୁ ବିଶ୍ୱାସ କରିଥାଉ ବିନା ସନ୍ଦେହ ଓ ସଙ୍କୋଚରେ। କିନ୍ତୁ ଆଜିକାଲି ଅନେକ କ୍ଷେତ୍ରରେ ଅବିଶ୍ୱାସ ଓ ବିଶ୍ୱାସଘାତକତାର ପଦଧ୍ୱନି ଦେଖିବାକୁ ମିଳୁଛି। ଭଗବାନ ଅବତାରୀ ଡାକ୍ତର ନିଜ ଅର୍ଥ ଲାଳସା ଓ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ନିମନ୍ତେ ରୋଗୀ ସହ ଛଳନା ଓ ପ୍ରବଞ୍ଚନା କରିବାକୁ ପଛାଉ ନାହିଁ କି ରକ୍ଷକ ଅବତାରୀ ପୋଲିସ କେବଳ ନିଜ ଅବାଞ୍ଛିତ ସୁଖ ଲାଳସାରେ ଭକ୍ଷକ ସାଜିବାକୁ ଲଜ୍ଜାବୋଧ କରୁନାହାନ୍ତି। ଶିକ୍ଷକ ରୂପକ ମଣିଷ ଗଢ଼ି ବିଶ୍ୱକର୍ମାମାନେ ନିଜ ହିତାହିତ ଜ୍ଞାନ ଭୁଲି ନିଜ ଛାତ୍ରୀଛାତ୍ରମାନଙ୍କର ସର୍ବନାଶ କରିବାକୁ ପଛାଉ ନାହାନ୍ତି। ସେହିଭଳି ବିଭିନ୍ନ କ୍ଷେତ୍ରରେ ଆଜି ଅବିଶ୍ୱାସର ବାତାବରଣ ସୃଷ୍ଟି ହୋଇଛି।

କିଛି ଦିନ ତଳେ ଏକ ବିଶ୍ୱସ୍ତରୀୟ ସଂସ୍ଥା 'ଇପ ସୋସ' ଦ୍ୱାରା ଲୋକଙ୍କ ବିଶ୍ୱାସକୁ ନେଇ ଏକ ସର୍ଭେ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା କେଉଁ ବୃତ୍ତିଧାରୀକୁ ଲୋକମାନେ ସର୍ବାଧିକ ଓ ସର୍ବନିମ୍ନ ବିଶ୍ୱାସ ଓ ଆସ୍ଥା ପ୍ରକଟ କରିଥାନ୍ତି। ଇପ୍‌ସୋସ (Ipsos)ଦ୍ୱାରା ପ୍ରକାଶିତ ଗ୍ଲୋବାଲ ଟ୍ରଷ୍ଟଓାର୍ଦି ଇନଡାକ୍ସ ଅନୁସାରେ ଡାକ୍ତର ମାନଙ୍କୁ ସବୁଠାରୁ ବିଶ୍ୱାସଯୋଗ୍ୟ ବ୍ୟକ୍ତି ଭାବରେ ଗ୍ରହଣ କରିଛନ୍ତି। ସର୍ଭେରେ ।ୟ ୬୪ ପ୍ରତିଶତ ଲୋକ ଡାକ୍ତରମାନଙ୍କୁ ବିଶ୍ୱାସଯୋଗ୍ୟ ବୃତ୍ତିଧାରୀ ଭାବରେ ଆସ୍ଥା ପ୍ରକଟ କରିଥିବା ବେଳେ ୧୦% ଲୋକ ସେମାନଙ୍କୁ ବିଶ୍ୱାସକୁ ନିଅନ୍ତି ନାହିଁ ବୋଲି ମତବ୍ୟକ୍ତ କରିଛନ୍ତି। ସେହିଭଳି ୫୧% ଲୋକ ବୈଜ୍ଞାନିକ, ୪୩% ଶିକ୍ଷକ, ୨୭% ସାଧାରଣ ଜନତା ଓ ୨୨% ସାମରିକ ସେବାଧାରୀଙ୍କ ଉପରେ ନିଜ ଆସ୍ଥା ଓ ବିଶ୍ୱାସ ଜାହିର କରିଥିବା କଥା ପ୍ରକାଶ କରିଛନ୍ତି। ସବୁଠାରୁ ବଡ଼ ଚିନ୍ତା ଓ ଉଦ୍‌ବେଗର ବିଷୟ ହେଉଛି ସର୍ଭେ ଅନୁସାରେ ଉତ୍ତରଦାତାମାନେ ସାମ୍ବାଦିକ, ବ୍ୟାଙ୍କ କର୍ମଚାରୀ, ସରକାରୀ ମନ୍ତ୍ରୀ ଓ ରାଜନେତାମାନଙ୍କ ଉପରେ ନିଜର ଅବିଶ୍ୱାସ ପ୍ରକଟ କରିଛନ୍ତି। ସର୍ଭେ ଅନୁସାରେ ବିଯୁକ୍ତ ୧୦% ଲୋକ ସାମ୍ବାଦିକମାନଙ୍କ ଉପରେ ବିଶ୍ୱାସ କରୁଥିବା ବେଳେ ବିଯୁକ୍ତ ୧୧% ଲୋକ ବ୍ୟାଙ୍କ କର୍ମଚାରୀ, ବିଯୁକ୍ତ ୩୯% ସରକାରୀ ମନ୍ତ୍ରୀ ଓ ବିଯୁକ୍ତ ୫୨% ଲୋକ ରାଜନେତାଙ୍କ ଉପରେ ବିଶ୍ୱାସ କରିଥାନ୍ତି ବୋଲି ମତ ଦେଇଛନ୍ତି। ସର୍ଭେ ମତାମତକୁ ବିଶ୍ଳେଷଣ କଲେ ସାମାଜିକ ସମ୍ପର୍କ ଓ ବିଶ୍ୱାସ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଧୀରେ ଧୀରେ ବିଭିନ୍ନ ବୃତ୍ତିଧାରୀଙ୍କ ଉପରେ ଅବିଶ୍ୱାସବୋଧ ସମାଜ ପାଇଁ ଶୁଭଙ୍କର ନୁହେଁ। ତେଣୁ ପ୍ରତ୍ୟେକ କର୍ମଜୀବୀ ନିଜ ନିଜ ପେସାଦାର ମନୋବୃତ୍ତି ଓ ଦାୟିତ୍ୱବୋଧ ଉପରେ ଗଭୀର ଭାବେ ଆତ୍ମ-ସମୀକ୍ଷା କରିବାର ବେଳ ଉପନୀତ। ନିଜ ବୃତ୍ତିଗତ ନୈତିକତା ଓ ଅନୁଶାସନ ଅନୁସାରେ ସେବାକାର୍ଯ୍ୟ ନ କରି ନିଜ ସ୍ୱାର୍ଥକୁ ଚରିତାର୍ଥ ପାଇଁ ଲାଳାୟିତ ହେଲେ ସମାଜରେ ଅବିଶ୍ୱାସର ବାତାବରଣ ସୃଷ୍ଟି ହେବ ଏବଂ ଦିନ ଆସିବ ସମାଜରେ ଅରାଜକତା ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ତେଣୁ ବେଳ ଥାଉଁ ସଜାଗ ହେବା ଅତ୍ୟନ୍ତ ଜରୁରୀ ମନେହୁଏ। ସମସ୍ତେ ମନେରଖିବା ଉଚିତ କାହାର ବିଶ୍ୱାସ ଭାଙ୍ଗିବା ସହଜ କିନ୍ତୁ ନିଜ ସୁକର୍ମ ଓ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଜରିଆରେ ଅନ୍ୟର ବିଶ୍ୱାସଭାଜନ ହେବା କାଠିକର ପାଠ। ତେଣୁ ନିଜ କର୍ମମୟ ଜୀବନ ହେଉ କି ବ୍ୟକ୍ତିଗତ ଜୀବନ ସବୁଠାରେ ବିଶ୍ୱାସ ସୃଷ୍ଟି କରିବା ଏକ ମହତ୍ କାର୍ଯ୍ୟ। ତେଣୁ କୁହାଯାଏ ବିଶ୍ୱାସେ ମିଳନ୍ତି ହରି।

**ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ, ଜୟପୁର, କୋରାପୁଟ, ମୋ:୯୪୩୭୯୧୪୮୧୮**

## ଏଇ ଭାରତରେ

ଦୁଃଖରେ ପଡ଼ିଲେ ମଣିଷ ଅନ୍ୟଠାରୁ ସହଯୋଗ ମାଗେ କିନ୍ତୁ ଅସହାୟ ପ୍ରାଣୀ ତାହା କରିପାରନ୍ତି ନାହିଁ। ସେମାନଙ୍କ ପାଖରେ କେହି ଜଣେ ପହଞ୍ଚି ସେମାନଙ୍କ ଦୁଃଖ ଓ ଯନ୍ତ୍ରଣା ଦୂର କରିଥାଏ, ଯାହା କରୁଛନ୍ତି ନମ୍ରତା ହଖୁ ଓ ତାଙ୍କ ପରିବାର। ଜମ୍ମୁର ଏହି ପରିବାର ରୋଗଗ୍ରସ୍ତ ଓ ଆହତ ପ୍ରାଣୀଙ୍କୁ ଉଦ୍ଧାର କରି ସେମାନଙ୍କ ସେବା କରୁଛନ୍ତି। ୨୮ ବର୍ଷ ହେବ ସେମାନେ ଏହା କରି ଆସୁଛନ୍ତି। କଶ୍ମୀର ଛାଡ଼ି ହଖୁ ପରିବାର ଜମ୍ମୁରେ ରହିବା ପରେ ତାଙ୍କ ଘରକୁ ପ୍ରାଣୀଙ୍କ ଆଶ୍ରୟସ୍ଥଳ କରିଦେଇଛନ୍ତି। ୧୯୯୩ରୁ ୨୦୧୮ ଯାଏ ପ୍ରାଣୀଙ୍କର ଚିକିତ୍ସା ଓ ଖାଦ୍ୟ ବାବଦ ସବୁ ଖର୍ଚ୍ଚ ବହନ କରିବା ପରେ ଏକ ଟ୍ରଷ୍ଟ ଗଠନ କରି ଅନ୍ୟମାନଙ୍କ ସାହାଯ୍ୟ ଲୋଡ଼ିଛନ୍ତି। ୪୦ ବର୍ଷୀୟା ନମ୍ରତା ହଖୁ ତାଙ୍କ ମାତା ଓ ପିତାଙ୍କ ଏହି କାର୍ଯ୍ୟରେ ଲାଗିପଡ଼ିଛନ୍ତି। ନମ୍ରତା ଏକ କମ୍ପ୍ୟୁଟର ସେଣ୍ଟରରେ କାର୍ଯ୍ୟ କରୁଥିଲେ, ହେଲେ ପ୍ରାଣୀଙ୍କ ଯତ୍ନ ପାଇଁ ସେ ତାହାକୁ ଛାଡ଼ି ଦେଇଛନ୍ତି। ପ୍ରାଣୀଙ୍କ ସେବା କରିବା ସକାଶେ ସେ ବିବାହ କରିନାହାନ୍ତି। ଜମ୍ମୁ ଆସିବା ପରେ ନମ୍ରତାଙ୍କ ମାତାପିତା ପ୍ରଥମେ ରାସ୍ତାରୁ ଆହତ କୁକୁରଙ୍କୁ ଉଦ୍ଧାର କରିବା ଆରମ୍ଭ କରିଦେଇଥିଲେ। ଏବେ ତାଙ୍କ ପାଖରେ ୩୪୦ଟି କୁକୁର, ମୃଗ, ବିଲେଇ, ଚିଲ, ମାଙ୍କଡ଼ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୫୦ କୁକୁର ଆଦୌ ଚାଲିପାରୁନାହାନ୍ତି। ହଖୁ ପରିବାର ପ୍ରତି ମାସରେ ମାଇଗ୍ରେଣ୍ଟ ରିଲିଫ୍ ଫଣ୍ଡ୍‌ରୁ ପାଖାପାଖି ୧୦,୦୦୦ ଟଙ୍କା ପାଉଛନ୍ତି। ତେବେ ପ୍ରାଣୀଙ୍କ ପାଇଁ ଅର୍ଥାଭାବ ପଡୁଛି। ଫଳରେ ନମ୍ରତା ତାଙ୍କ ମାଆ ଗହଣା ବିକ୍ରି କରିଦେଇଛନ୍ତି। ଏହାସହ ଲକ୍ଷାଧିକ ଟଙ୍କା ଋଣ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୯ ନଭେମ୍ବର ୧୯୯୬**

- ଆନ୍ଧ୍ରପ୍ରଦେଶ କୋନା ସୀମା ଅଞ୍ଚଳରେ ସଂଗଠିତ ସାମୁଦ୍ରିକ ଘୂର୍ଣ୍ଣିବାତ୍ୟାରେ ୧୫୦୦ ଲୋକଙ୍କ ମୃତ୍ୟୁ।
- କ୍ଷମତାର ଅପବ୍ୟବହାର କରି ନିଜର ବନ୍ଧୁବାନ୍ଧବ ଓ ଆତ୍ମୀୟଙ୍କୁ ଦିଲ୍ଲୀରେ ଦୋକାନଘର ଯୋଗାଇ ଦେଇଥିବା ଅଭିଯୋଗରେ ସୁପ୍ରିମ୍‌କୋର୍ଟ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶୀଲା କାଉଲଙ୍କୁ ୬୦ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## sudoku — Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 9 | | 7 | | 4 | | 1 |
| 7 | | 8 | | | | 6 | | |
| | 3 | | | | | | | 2 |
| | | 1 | | 5 | | | | |
| | | | | | 6 | 7 | | |
| 5 | 9 | 4 | | | 7 | | 6 | |
| | | | | 9 | | | | |
| | | 7 | | | | | 1 | |
| 8 | 1 | | | | | | 3 | 4 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 2 | 1 | 4 | 9 | 8 | 5 | 6 |
| 1 | 5 | 4 | 6 | 7 | 8 | 9 | 3 | 2 |
| 9 | 6 | 8 | 5 | 3 | 2 | 1 | 4 | 7 |
| 6 | 1 | 7 | 4 | 5 | 3 | 2 | 9 | 8 |
| 8 | 3 | 5 | 2 | 9 | 1 | 7 | 6 | 4 |
| 4 | 2 | 9 | 8 | 6 | 7 | 3 | 1 | 5 |
| 5 | 8 | 3 | 9 | 2 | 6 | 4 | 7 | 1 |
| 2 | 9 | 6 | 7 | 1 | 4 | 5 | 8 | 3 |
| 7 | 4 | 1 | 3 | 8 | 5 | 6 | 2 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ ଗଣମାଧ୍ୟମଠୁ ଦୂରେଇ ରହୁଛି

ମହାଶୟ,

ସମ୍ପ୍ରତି ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା କଳାହାଣ୍ଡି ମହାଲିଙ୍ଗ ସନ୍‌ସାଇନ କଲେଜର ମମିତା ମେହେର ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଓ ବଲାଙ୍ଗୀର ଜିଲାପାଳଙ୍କୁ ପରିବାରବର୍ଗ ଭେଟି ଦାବିପତ୍ର ଦେଇଛନ୍ତି। ହତ୍ୟାକାଣ୍ଡର ଟ୍ରାଏଲ ଫାଷ୍ଟଟ୍ରାକ କୋର୍ଟରେ କରାଯିବା ସହିତ ଅନ୍ୟାନ୍ୟ ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ଦାବି କରିଛନ୍ତି। ମମିତାଙ୍କ ଲାପ୍‌ଟପ, ପେନ୍‌ଡ୍ରାଇଭ ଓ ମୋବାଇଲ ଏବେ କେଉଁଠି ? ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ପୋଲିସ ଗିରଫ ଓ କୋର୍ଟ ଚାଲାଣ କରିବା ପରେ ୫ ଦିନିଆ ରିମାଣ୍ଡରେ ଆଣି କ୍ରାଇମ ରିକ୍ରିଏଶନ କରାଯିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ କରିଥିବା ଡେମୋର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। ଏହି ଭିଡିଓ ପ୍ରସ୍ତୁତ କଲାବେଳେ ଗଣମାଧ୍ୟମକୁ ନ ଡାକିବା ପୋଲିସର କାର୍ଯ୍ୟକଳାପ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। କଳାହାଣ୍ଡି ପୋଲିସ ମହିଳା ହଷ୍ଟେଲର ତାଲା ଭାଙ୍ଗି ହଷ୍ଟେଲ ଭିତରକୁ ଯାଇ ତଦନ୍ତ କରିବା ପରେ ପୋଲିସ ପ୍ରଶାସନ ଗ୍ରୀନ୍ ରୁମ୍ ବିଷୟରେ କିଛି ନ କହିବା ଆଲୋଚନାର ବିଷୟ ହୋଇଛି । ଗଣମାଧ୍ୟମକୁ ପୋଲିସ କେବଳ ଗୋବିନ୍ଦଙ୍କ ଗିରଫଦାରି ନେଇ ଥରେମାତ୍ର ସୂଚନା ଦେଇଥିବା ବେଳେ ଏବେ ଗଣମାଧ୍ୟମଠାରୁ ଦୂରେଇ ରହୁଛି।

**– ଦେବଦତ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଉତ୍ତୁଙ୍ଗ, ତୁଷାରାବୃତ ଅଚଞ୍ଚଳ ଶୀତଳ ଅତଳ
ଉପଶମ କରେ ଯେହୁ ବିଶ୍ୱର ବିରାଟ କାଳାନଳ
ହିମାଳୟ ଶୃଙ୍ଗ ସମ ସ୍ୱର୍ଶି ଉର୍ଦ୍ଧ୍ୱେ ଅସୀମ ନୀଳିମା
ଉଭା ତୁମେ ଏଥି ତଥା ତ୍ୟାଗ ତିତିକ୍ଷାର ଶେଷ ସୀମା।
–(ଜାଗ ଜାଗ ଗାନ୍ଧି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ନଭେମ୍ବର ୯/୨୦୨୧ Dhenkanal, Tuesday, November 9/ 2021








ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମହିଳା ବକ୍ସର ଏମ୍.ସି. ମେରୀକମ୍‌ଙ୍କୁ ପଦ୍ମବିଭୂଷଣ ପୁରସ୍କାରରେ ସମ୍ମାନିତ କରୁଛନ୍ତି। ପଦ୍ମଭୂଷଣ ପୁରସ୍କାର ସହ ମହିଳା ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ। ପଦ୍ମଶ୍ରୀରେ ସମ୍ମାନିତ ମହିଳା ଫୁଟବଲ ତାରକା ଓଇନମ୍ ବେମ୍‌ବେମ୍ ଦେବୀ, ଭାରତୀୟ ମହିଳା ହକି ଦଳର ଅଧିନାୟିକା ରାଣୀ ରାମପାଲ ଓ ତୀରନ୍ଦାଜ ତରୁଣଦୀପ ରାୟ।

# ଅନ୍‌ଲାଇନ ଚେସ୍: ଜୟାଦିତ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୮।୧୧ (କ୍ରୀଡ଼ା ପ୍ରତିନିଧି)**

ଏସ୍‌ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ୩୫ତମ ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କାତାରର ଦୋହାରେ ରହୁଥିବା ଜୟାଦିତ୍ୟ ଗନ୍ତାୟତ ଚାମ୍ପିୟନ ହୋଇଛନ୍ତି। ସେ ୬ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। କଟକର ସାଇ ସୌରଭ ଦାସ ୫.୫ ପଏଣ୍ଟ ସହିତ ରନର୍ସଅପ୍ ହୋଇଛନ୍ତି। ମନୀଷ ମିଶ୍ର ଓ ଭୀମସେନ ପଣ୍ଡା (ଉଭୟେ ୫



ଜୟାଦିତ୍ୟ ଗନ୍ତାୟତ

ପଏଣ୍ଟ ଲେଖାଏ) ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଗୌରବ ମହାନ୍ତି, ଆକୁଳ ବସ୍ତିଆ, ସାଇ ସମ୍ପ୍ରଦା ମହାନ୍ତି, ଆଦିତ୍ୟ ନାରାୟଣ ମହାନ୍ତି, ସୂର୍ଯ୍ୟାଂଶ ମହାକୁଡ଼, ମ୍ରିଗଙ୍କ ଶେଖର ଦାସ, ଜୀତେଶ ସାମଲ ଓ ଭିଭନ ପାଲିତ ପୁରସ୍କୃତ ହୋଇଛନ୍ତି। ଏସ୍‌ଆର ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

# ରାଜ୍ୟ ର୍‍ୟାଙ୍କିଙ୍ଗ୍ ସ୍ନୁକର ଚାମ୍ପିୟନଶିପ୍ ଆରମ୍ଭ

**ଭୁବନେଶ୍ୱର, ୮।୧୧ (କ୍ରୀଡ଼ା ପ୍ରତିନିଧି)**

ଅଲ୍ ଓଡ଼ିଶା ସିନିୟର ସ୍ନୁକର ର୍‍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍ ସୋମବାର କଟକ କ୍ଲବ ପରିସରରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୭ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ସୁଜିତ ଅଗ୍ରୱାଲ ୩-୨ରେ ସତ୍ୟଜ୍ୟୋତି ମହାନ୍ତିଙ୍କୁ ଏବଂ ଅମିୟ ରଞ୍ଜନ ନାୟକ ୩-୨ରେ ସମୀର ଅଲୀଙ୍କୁ ପରାସ୍ତ କରିଛନ୍ତି। ଆକାଶ ମହାପାତ୍ରଙ୍କ



ଅନୁପସ୍ଥିତି ଯୋଗୁ ଜିତେନ ଷଡ଼ଙ୍ଗୀ ୱାକଓଭର ପାଇଥିବାବେଳେ ଖାଲିଦ ସୁଲତାନ ବିପର୍ଯ୍ୟୟ ଘଟାଇ ପୂର୍ବତନ ରାଜ୍ୟ ଜୁନିୟର ସ୍ନୁକର ଚାମ୍ପିୟନ ଚିରାଗ ଆରୋରାଙ୍କୁ ୩-୨ରେ ହରାଇ ଦେଇଛନ୍ତି। ଅବିନାଶ ମହାପାତ୍ର ୩-୦ରେ ସାବ୍ୟସାଚୀ ପଟ୍ଟନାୟକଙ୍କୁ, ଅଶ୍ୱିନ ପଟ୍ଟନାୟକ ୩-୦ରେ ମିଶାଲ ସ୍ୱାଇଁଙ୍କୁ ଏବଂ କୁନାଲ ଅଗ୍ରୱାଲ ୩-୦ରେ ଚିରଞ୍ଜୀବ ସିଂଙ୍କୁ ପରାସ୍ତ କରିଛନ୍ତି।

# ମେକ୍ସିକୋ ସିଟି ଗ୍ରାଁ ପ୍ରି ଜିତିଲେ ଭର୍ଷ୍ଟାପେନ୍



**ମେକ୍ସିକୋ ସିଟି, ୮।୧୧ (ଏପି):** ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ମେକ୍ସିକୋ ସିଟି ଫର୍ମୁଲା ୱାନ ଗ୍ରାଁପ୍ରି ମୋଟର ରେସ୍ ଜିତିଛନ୍ତି। ମର୍ସିଡିଜ୍‌ର ଲୁଇସ୍ ହାମିଲଟନଙ୍କୁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଭର୍ଷ୍ଟାପେନ୍‌ଙ୍କ ଟିମ୍‌ମେଟ ସର୍ଗିଓ ପେରେଜ ପ୍ରଥମ ମେକ୍ସିକାନ ଡ୍ରାଇଭର ଭାବେ ଏହି ରେସ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଫଳାଫଳ ଦ୍ୱାରା ରେଡ୍‌ବୁଲ୍ ଟିମ୍ ଚାମ୍ପିୟନଶିପ୍‌ରେ ମର୍ସିଡିଜର ନିକଟତର ହୋଇପାରିଛି। ପୋଡିୟମ ସେରିମୋନି ବେଳେ ବିପୁଳ ଦର୍ଶକଙ୍କ ସମାଗମ ହୋଇଥିଲା। ସେମାନଙ୍କଠାରୁ 'ଓଲେ, ଓଲେ' ଶବ୍ଦ ଉଚ୍ଚାରଣରେ ଉତ୍ସବ ସ୍ଥଳ ପ୍ରକମ୍ପିତ ହୋଇଥିଲା। ସେତେବେଳ ପେରେଜଙ୍କ ପିତା ମେକ୍ସିକାନ ପତାକା ହଲାଇ ଖୁସିରେ ମସ୍‌ଗୁଲ ଥିବା ଲକ୍ଷ୍ୟ କରାଯାଇଥିଲା। ଚଳିତ ସିଜନରେ ଭର୍ଷ୍ଟାପେନ୍‌ଙ୍କ ଏହା ହେଉଛି ୮ମ ଫର୍ମୁଲା ୱାନ ଟାଇଟଲ। ଆଉ ୪ଟି ରେସ୍ ବାକି ଥିବା ବେଳେ ଚାମ୍ପିୟନଶିପ୍ ଟେବୁଲରେ ଭର୍ଷ୍ଟାପେନ୍ ୧୯ ପଏଣ୍ଟ ବ୍ୟବଧାନରେ ହାମିଲଟନଙ୍କୁ ପଛରେ ପକାଇଛନ୍ତି। ରବିବାର ରେସ୍‌ରେ ପିଏରେ ଗାସ୍‌ଲି (ଆଲ୍‌ଫା ଟାଉରି), ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), କାର୍ଲୋସ ସେଞ୍ଜ ଜୁନିୟର(ଫେରାରି), ସେବାଷ୍ଟିଆନ ଭେଟେଲ(ଆଷ୍ଟନ ମାର୍ଟିନ), କିମି ରାଇକୋନେନ (ଆଲ୍‌ଫା ରୋମିଓ), ଫର୍ନାଣ୍ଡୋ ଆଲୋଁସୋ (ଆଲ୍‌ପାଇନ୍) ଓ ଲାଣ୍ଡୋ ନୋରିସ (ମ୍ୟାକ୍‌ଲରେନ) ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିଲେ।

# ପ୍ରତିଭା ଚୟନ କରିବେ ଅନୁରାଧା

**ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି)**

ଅଲ୍ ଇଣ୍ଡିଆ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଏଆଇପିଏସ୍‌ଏସ୍‌ପିବି)ର ବାର୍ଷିକ ସାଧାରଣ ବୈଠକ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏ ଆ ଇ ପି ଏ ସ୍ ଏ ସ୍ ପି ବି ର କାର୍ଯ୍ୟକାରୀ ଉପସଭାପତି ସୁଭାଷ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିଶେଷ କରି ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ଉଚ୍ଚ ମାନର ଟ୍ରେନିଂ ସହ ଭବିଷ୍ୟତପାଇଁ ଗଢ଼ିତୋଳିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ୨୦୨୧-୨୨ ପାଇଁ ଏଆଇପିଏସ୍‌ଏସ୍‌ପିବିର ବାର୍ଷିକ ସ୍ପୋର୍ଟ୍ସ କ୍ୟାଲେଣ୍ଡର ମଧ୍ୟ ଚୂଡ଼ାନ୍ତ



ଅନୁରାଧା ବିଶ୍ୱାଳ

ହୋଇଥିଲା। କମିଟିର ସଦସ୍ୟଥିବା ଓଡ଼ିଶାର ହର୍ଡଲ୍ସ କୁଇନ୍ ଅନୁରାଧା ବିଶ୍ୱାଳ ନ୍ୟାଶନାଲ ଗେମ୍ସ କୋ-ଅର୍ଡିନେଟରଭାବେ ଯୋଗଦେଇ ନିଜ ମୂଲ୍ୟବାନ ମତ ରଖିଥିଲେ। ସେ ଜଣେ ଅଭିଜ୍ଞ ଆଥଲେଟ୍ ହୋଇଥିବାରୁ ତାଙ୍କୁ ଆଥଲେଟିକ୍ସ ପ୍ରତିଭା ଚୟନ ଦାୟିତ୍ୱ ଦିଆଯାଇଛି। ଆଗାମୀ ଦିନରେ ସେ ପ୍ରତିଭାସମ୍ପନ୍ନ ଆଥଲେଟ୍‌ଙ୍କୁ ଖୋଜି ବାହାର କରିବା ସହ ସେମାନଙ୍କୁ କିପରି ଉଚ୍ଚମାନର ପ୍ରଶିକ୍ଷଣ ଦିଆଯିବ ସେ ସମ୍ପର୍କରେ ସେ ସୁପାରିସ କରିବେ। ଏପରି ଏକ ଜାତୀୟ ସଂସ୍ଥାର ସଦସ୍ୟଥିବାରୁ ଖୁସି ଜାହିର କରିଛନ୍ତି ଅନୁରାଧା। ଏହା ଏକ ଭଲ କାର୍ଯ୍ୟକ୍ରମ। ଏହାଦ୍ୱାରା ଅର୍ଥ ଅଭାବ ପାଇଁ ହଜି ଯାଉଥିବା ପ୍ରତିଭାମାନେ ଉପକୃତ ହୋଇପାରିବେ। ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ଚୟନ କରିବା ଦାୟିତ୍ୱ ଦିଆଯାଇଥିବାରୁ ମୁଁ ବହୁତ ଖୁସି। ଏପରି ଏକ ସମ୍ମାନଜନକ ଦାୟିତ୍ୱ ମିଳିଥିବାରୁ ସେ ନିଜ ନିଯୁକ୍ତି ସଂସ୍ଥା ନାଲ୍‌କୋ ଏବଂ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।






# ରାଜ୍ୟସ୍ତରୀୟ ସବ୍‌ଜୁନିୟର ଖୋ ଖୋ ଚୟନ ଶିବିର

**ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟସ୍ତରୀୟ ଉପ କନିଷ୍ଠ ବାଳିକା ବାଳକ ଖୋ ଖୋ ଚୟନ ଶିବିର ଡେଲାଙ୍ଗ ସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟ, ମୁନିଦା ପରିସରରେ ଅନୁଷ୍ଠିତ ହାଇଯାଇଛି। ଏହି ଶିବିରରେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା କିଟ୍ ଉପଦେଷ୍ଟା ଅଧ୍ୟାପକ ଶଶାଙ୍କ ଚୂଡ଼ାମଣିଙ୍କ ତତ୍ତ୍ୱବଧାନରେ ଓଡ଼ିଶା ଖୋଖୋ ସଂଘ ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷୀକେଶ ବଳିୟାର ସିଂ ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ପ୍ରଶିକ୍ଷକ ବଟକୃଷ୍ଣ ଜେନା, ଓଡ଼ିଶା ଖୋ ଖୋ ସଂଘ କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥସାରଥି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶାରୀରିକ କ୍ରୀଡା ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଶିବିରରେ ରାଜ୍ୟର ୧୮ଟି ଜିଲାର ୧୪୪ ବାଳିକା, ବାଳକ ଖୋ ଖୋ ଖେଳାଳି ଯୋଗଦେଇ ସେମାନଙ୍କ କ୍ରୀଡା କୌଶଳ ପ୍ରତିପାଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ଜଣ ପୁରୁଷ ଓ ୧୨ ଜଣ ମହିଳା ଖେଳାଳିଙ୍କୁ ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ଚୟନ କରାଯାଇଥିଲା। ଏହି ଖେଳାଳିମାନେ ଆଗାମୀ ୨୩ ତାରିଖରେ ହିମାଚଳ ପ୍ରଦେଶରେ ଅନୁଷ୍ଠିତ ସର୍ବଭାରତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ ଓଡ଼ିଶା ଖୋ ଖୋ ସଂଘ ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ସୂଚନା ଦେଇଛନ୍ତି। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ରାଜ୍ୟ ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପ୍ରାକ୍ତନ ସମବାୟ ସମିତି ସଭାପତି ନବଘନ ପ୍ରଧାନ, ଅବସରପ୍ରାପ୍ତ କ୍ରୀଡା ପ୍ରଶିକ୍ଷକ ବଟକୃଷ୍ଣ ଜେନା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷୀକେଶ ବଳିୟାରସିଂ, ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଖୋ ଖୋ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ପ୍ରଥମ ମହିଳା ଖେଳାଳି ମନ୍ଦାକିନୀ ମାଝୀ ଓ ପ୍ରଥମ ପୁରୁଷ ଖେଳାଳି ସତ୍ୟଜିତ ସିଂ, ଖବରଦାତା ଦିବାକର ଷଡ଼ଙ୍ଗୀଙ୍କୁ ସମ୍ମାନିତ କରାଯାଇଥିଲା। ପରିବେଶବିତ୍ ବିଶ୍ୱଜିତ ପରିଡା ପରିବେଶ ସୁରକ୍ଷା ପାଇଁ ରାଜ୍ୟ ଖୋ ଖୋ ସଂଘ ସମ୍ପାଦକ ମିଶ୍ରଙ୍କୁ ଗାଟିଏ ବୃକ୍ଷ ଉପହାର ଦେଇଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ମିହିର କୁମାର ପରିଡା, ପ୍ରଭାସ ଭୁଜବଳ, ନୃସିଂହ ଜେନା, ସୁଶୀଲ ମୁକୁଟମଣି, ଭ୍ରମରବର ପ୍ରଧାନ, ସୁକାନ୍ତ କୁମାର ବିଶ୍ୱାଳ ଓ ବିଚିତ୍ରାନନ୍ଦ ଦଳାଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।




ଖୋ ଖୋ ଚୟନ ଶିବିରରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ନଭେମ୍ବର ୯/୨୦୨୧ (୮+୮ପୃଷ୍ଠା) | Dhenkanal, Tuesday, November 9/2021 | ପୃଷ୍ଠା-୯

# କଳାହାଣ୍ଡି, ନୂଆପଡ଼ାରେ ସ୍ମାର୍ଟ ହେଲ୍‌ଥ କାର୍ଡ

## ଉଭୟ ଜିଲାର ୧୬ ଲକ୍ଷ ଲୋକ ଉପକୃତ ହେବେ

- କଳାହାଣ୍ଡିରେ ୮୬୦ କୋଟି, ନୂଆପଡ଼ା ଜିଲାରେ ୪୮୦ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ନୂଆପଡ଼ା, କୋମନାରେ ୨ ମେଗା ପାଇପ ପାଣି ପ୍ରକଳ୍ପ ଉଦ୍‌ଘାଟିତ

ଭୁବନେଶ୍ୱର(ବ୍ୟୁରୋ)/ ଭବାନୀପାଟଣା(ସ୍ୱ.ପ୍ର.), ୮।୧୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କଳାହାଣ୍ଡି ଏବଂ ନୂଆପଡ଼ା ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଉଭୟ ଜିଲାର ପ୍ରାୟ ୧୬ ଲକ୍ଷ ଲୋକ ଏହି ସୁବିଧା ପାଇବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡିରେ ପ୍ରାୟ ୮୬୦ କୋଟି ଏବଂ ନୂଆପଡ଼ା ଜିଲାରେ ୪୮୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି।

ଭବାନୀପାଟଣା କୃଷିମହାବିଦ୍ୟାଳୟ (ଓୟୁଏଟି) ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, କଳାହାଣ୍ଡି ସବୁ କ୍ଷେତ୍ରରେ ବେଶ୍ ସଫଳତାର ସହିତ ଆଗେଇ ଚାଲିଛି। ଗତ ଜୁନ୍‌ରେ କଳାହାଣ୍ଡି ଆସି ସେ ଇନ୍ଦ୍ରାବତୀ ଲିଫ୍ଟ କେନାଲ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ ବୋଲି ମନେପକାଇ କହିଲେ, ଜିଲାର ୬୮ ପ୍ରତିଶତ ଜମିରେ ଜଳସେଚନ ସୁବିଧା ମିଳୁଛି। କଳାହାଣ୍ଡିର ଚାଷୀ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିପାରିଛନ୍ତି। ଜିଲାର ଧାନ ଉତ୍ପାଦନ ୭୪ ଲକ୍ଷ ଟନ୍‌ରେ ପହଞ୍ଚିଥିବା ବେଳେ, ମାଛ ଉତ୍ପାଦନରେ ଜାତୀୟ ପୁରସ୍କାର ପାଇଛି। କପା ଉତ୍ପାଦନରେ କଳାହାଣ୍ଡି ସାରା ରାଜ୍ୟରେ ପ୍ରଥମ ବୋଲି ପ୍ରକାଶ କରି କହିଥିଲେ ଯେ ଏ ବର୍ଷ କପା ପାଇଁ ବଜାରରେ ଭଲ ଦାମ୍ ମିଳୁଥିବାରୁ ଚାଷୀଙ୍କ ରୋଜଗାର ବଢ଼ିଛି। ସ୍ମାର୍ଟ ହେଲ୍‌ଥ କାର୍ଡ ଦ୍ୱାରା ରାଜ୍ୟର ୯୬ ଲକ୍ଷ ପରିବାରର ସାଢ଼େ ୩କୋଟି ଲୋକ ଉପକୃତ ହେବେ। ପ୍ରତିଟି ଜୀବନ ମୂଲ୍ୟବାନ। ସମସ୍ତେ ସମ୍ମାନର ସହ ବଞ୍ଚନ୍ତୁ। ଏହା ତାଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜିଲାରେ ଭିତ୍ତିଭୂମି କାମ ଖୁବ୍ ଦ୍ରୁତଗତିରେ ଜାରି ରହିଛି। ଜିଲାର ପ୍ରତି ଗାଁକୁ ପାଇପ ପାଣି ଯୋଗାଇ ଦେବାପାଇଁ ୨୫୦୦ କୋଟି ଟଙ୍କାର ପ୍ରକଳ୍ପ ଜାରି ରହିଛି। ବିଜୁ ଏକ୍ସପ୍ରେସ୍ ୱେ, ଭବାନୀପାଟଣା ବାଇପାସ୍, ଭବାନୀପାଟଣା-ରାୟଗଡ଼ା ରାସ୍ତା କାମ, ବିଭିନ୍ନ ଗ୍ରୀଡ୍ ସବ୍‌ଷ୍ଟେଶନ କାମ, କେଶିଙ୍ଗାରେ ବସ୍ତି ଲୋକଙ୍କ ଥଇଥାନ ଆଦି ବିକାଶମୂଳକ କାର୍ଯ୍ୟ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କଳାହାଣ୍ଡି ୟୁନିଭରସିଟି, କଳାହାଣ୍ଡି ସରକାରୀ ଇଞ୍ଜିନିୟରିଂ ☞ପୃଷ୍ଠା-୬



ଭବାନୀପାଟଣାସ୍ଥିତ ସରକାରୀ କୃଷି ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ମହିଳା ହିତାଧିକାରୀଙ୍କୁ ହେଲ୍‌ଥ ସ୍ମାର୍ଟ କାର୍ଡ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ, ଗୃହରାଷ୍ଟ୍ରମନ୍ତ୍ରୀ ଓ ୫-ଟି ସଚିବ।

# ଆଜି ଓଡ଼ିଶା ଆସୁଛନ୍ତି ଆନ୍ଧ୍ର ମୁଖ୍ୟମନ୍ତ୍ରୀ

- ସୀମା, ଭାଷା ଏବଂ ଜଳ ବିବାଦ ସମାଧାନ କଥା ଉଠାଇଲେ ଧର୍ମେନ୍ଦ୍ର
- କୋଟିଆ ପ୍ରସଙ୍ଗ ଉଠିବ ନା ନାହିଁ ସଭିଙ୍କ ନଜର

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡି ମଙ୍ଗଳବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସନ୍ଧ୍ୟାରେ ଲୋକସେବା ଭବନରେ ସାକ୍ଷାତ କରିବେ। ଏହି ଆଲୋଚନା ମାଧ୍ୟମରେ ୨ ରାଜ୍ୟ ମଧ୍ୟରେ ଥିବା ସୀମା, ଭାଷା ଓ ଜଳ ବିବାଦର ଆପୋସ ସମାଧାନର ବାଟ ବାହାରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି। ତେବେ ଆଲୋଚନା ସମୟରେ କୋଟିଆ ପ୍ରସଙ୍ଗକୁ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରନ୍ତୁ ବୋଲି ବିଭିନ୍ନ ସ୍ତରରୁ ଦାବି ଉଠିଛି।

ଧର୍ମେନ୍ଦ୍ର ସୋମବାର ଟୁଇଟ୍ କରି କହିଛନ୍ତି, ନବୀନଙ୍କୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ସାକ୍ଷାତ୍ କରିବା କାର୍ଯ୍ୟକ୍ରମ ରହିଥିବା ଗଣମାଧ୍ୟମରୁ ଜାଣିବାକୁ ପାଇଲି। ଏହି ବୈଠକରେ ସୀମା, ଭାଷା ଓ ଜଳ ବିବାଦ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇପାରେ। ସେହି ଦୃଷ୍ଟିରୁ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗତ ସେପ୍ଟେମ୍ବର ୨୨ରେ ସୀମା ବିବାଦ ଏବଂ ଗତ ଅକ୍ଟୋବର ୧ରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ଦୁଇଥର ସେ ଚିଠି ଲେଖିଥଲେ। ପରବର୍ତ୍ତୀ ସମୟରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସୀମା ବିବାଦ ବିଷୟରେ ଅବଗତ କରାଇଥିଲେ। ଗଣତନ୍ତ୍ରରେ ଆପୋସ ବୁଝାମଣା ଏବଂ ଆଲୋଚନା ମାଧ୍ୟମରେ ଅନେକ ବିବାଦର ସମାଧାନ ହୋଇପାରିଛି। ୨ ରାଜ୍ୟ ମଧ୍ୟରେ ସର୍ବୋଚ୍ଚ ରାଜନୈତିକ ସ୍ତରରେ ହେଉଥିବା ଆଲୋଚନା ମାଧ୍ୟମରେ ସୀମା, ଭାଷା ଓ ଜଳ ବିବାଦର ଆପୋସ ସମାଧାନର ବାଟ ବାହାରିବ ବୋଲି ଆଶା ଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୨ରେ ଓଡ଼ିଶା ସୀମାବର୍ତ୍ତୀ ଜିଲା କୋରାପୁଟ ଏବଂ ଗଜପତିରେ ସୃଷ୍ଟି ହୋଇଥିବା ସୀମା ବିବାଦର ଆପୋସ ସମାଧାନ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଥିଲେ। ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଧ୍ର ଏବଂ ଓଡ଼ିଶା ☞ପୃଷ୍ଠା-୬

# ବିଷାକ୍ତ ଫେଣରେ ଭର୍ତ୍ତି ଯମୁନା ନଦୀ

## ଦିଲ୍ଲୀରେ ବାୟୁ ପରେ ଜଳ ପ୍ରଦୂଷଣ ଉତ୍କଟ

ନୂଆଦିଲ୍ଲୀ, ୮।୧୧

ଦିଲ୍ଲୀ ସହର ଗତ କିଛିବର୍ଷ ହେବା ବିଶ୍ୱର ଅନ୍ୟତମ ସବୁଠୁ ପ୍ରଦୂଷିତ ସହର ଭାବେ ପରିଚିତ ହୋଇଆସିଥିବାବେଳେ ଦୀପାବଳି ପରେ ସ୍ଥିତି ଆହୁରି ଖରାପ ହୋଇଛି। ଏହା ସାଙ୍ଗକୁ ଦିଲ୍ଲୀରେ ପ୍ରବାହିତ ଯମୁନା ନଦୀ ଜଳ ପ୍ରଦୂଷଣ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ପ୍ରଦୂଷଣ ଯୋଗୁ ଯମୁନା ନଦୀ ବିଷାକ୍ତ ଫେଣରେ ଭର୍ତ୍ତି ହୋଇଯାଇଛି। ଏହା ନଦୀରେ ଭାସମାନ ବରଫ ଭଳି ଭ୍ରମ ସୃଷ୍ଟି କରିଛି। ଶିଳ୍ପ ଓ କଳକାରଖାନାଗୁଡ଼ିକରୁ ନିର୍ଗତ ହେଉଥିବା ବର୍ଜ୍ୟ ଜଳ ଯୋଗୁ ନଦୀରେ ଆମୋନିଆ ସ୍ତର ବୃଦ୍ଧି ପାଇଛି। ଯେଉଁଥିପାଇଁ ବିଷାକ୍ତ ଫେଣ ସୃଷ୍ଟି ହୋଇଥିବା କୁହାଯାଉଛି। ଆମୋନିଆ ବୃଦ୍ଧି ଯୋଗୁ ଦିଲ୍ଲୀର ବିଭିନ୍ନ ଅଞ୍ଚଳକୁ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ସୋମବାର ଛଟ୍ ପୂଜାର ପ୍ରଥମ ଦିନ ଥିବାବେଳେ ବହୁସଂଖ୍ୟାରେ ଲୋକେ ଯମୁନାର ଏହି ବିଷାକ୍ତ ଫେଣଭର୍ତ୍ତି ପାଣିରେ ବୁଡ଼ ପକାଇଥିବା ଦେଖାଯାଇଛି। ଛଟ୍ ପୂଜାରେ ଯମୁନାରେ ବୁଡ଼ ନ ପକାଇବା ପାଇଁ ଚଳିତ ବର୍ଷ ଦିଲ୍ଲୀ ☞ପୃଷ୍ଠା-୬



ଛଟ୍ ପୂଜା ଅବସରରେ ୨ ଶ୍ରଦ୍ଧାଳୁ ଫେଣ ଭର୍ତ୍ତି ଯମୁନା ନଦୀରେ ବୁଡ଼ ପକାଉଛନ୍ତି।

# ୨ ମନ୍ତ୍ରୀଙ୍କୁ ଅଣ୍ଡାମାଡ଼



ଭବାନୀପାଟଣା/ରୂପ୍ରାରୋଡ଼, ୮।୧୧(ସ୍ୱ.ପ୍ର./ଡି.ଏନ୍.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କଳାହାଣ୍ଡି ଗସ୍ତ କରି ଫେରିଛନ୍ତି। ଭବାନୀପାଟଣା କୃଷି ମହାବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡ ବଣ୍ଟନ କରିଛନ୍ତି। ସ୍ମାର୍ଟ କାର୍ଡ ବଣ୍ଟନ କରିବାକୁ ଜିଲାର ବିଭିନ୍ନ ବ୍ଲକକୁ ଯାଇଥିବା ମନ୍ତ୍ରୀମାନେ ବିରୋଧୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଭବାନୀପାଟଣାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଡବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ଫେରିବାବେଳେ ନର୍ଲାଠାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁଙ୍କ ଗାଡ଼ି ଉପରକୁ ଭାଜପା ଓ କଂଗ୍ରେସ କର୍ମୀ ଅଣ୍ଡାମାଡ଼ କରିଥିଲେ। ସେହିପରି କଲମପୁର ବ୍ଲକକୁ ସ୍ମାର୍ଟ କାର୍ଡ ବାଣ୍ଟିବାକୁ ଯାଇଥିବା ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ କଳାପତାକା ପ୍ରଦର୍ଶନ କରାଯିବା ସହ ଭାଜପା କର୍ମୀମାନେ ତାଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିଥିଲେ। ସେହିପରି ଜିଲାର କର୍ଲାମୁଣ୍ଡା, କେସିଙ୍ଗା, କୋକସରା ବ୍ଲକକୁ ସ୍ମାର୍ଟ କାର୍ଡ ବାଣ୍ଟିବା ପାଇଁ ଆସି ମନ୍ତ୍ରୀ ପ୍ରେମାନନ୍ଦ ନାଏକ, ଅରୁଣ ସାହୁ, ରଘୁନନ୍ଦନ ଦାସଙ୍କୁ ବିଭିନ୍ନ ସ୍ଥାନରେ କଳାପତାକା ପ୍ରଦର୍ଶନ କରାଯାଇଥିଲା।

# ପାହାଡ଼ ପାଲଟୁଛି ପୋଖରୀ

ଯାଜପୁର ଅଫିସ/ ଜେନାପୁର,(ଡି.ଏନ.ଏ.),୮।୧୧

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଅନେକ ଖାଦାନରୁ ଅନୁମତିଠାରୁ ପ୍ରାୟ ୧୦୦ ଗୁଣ ଅଧିକ କଳାପଥର ଉତ୍ତୋଳନ ହେଉଥିବାରୁ ପାହାଡ଼ ଏବେ ପୋଖରୀର ରୂପ ନେଇଛି। ଲିଜ୍‌ଧାରୀଙ୍କ ଧାର୍ଯ୍ୟ ସମୟସୀମା ସରିବା ପରେ ଉକ୍ତ ଗାତକୁ ପୋତିବା ନିୟମ ରହିଥିଲେ ହେଁ ପରିତ୍ୟକ୍ତ ଭାବେ ଛଡ଼ାଯାଉଛି। ଫଳରେ ଉକ୍ତ ପୋଖରୀଗୁଡ଼ିକରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଜୀବଜନ୍ତୁଙ୍କ ଜୀବନ ବିପଦରେ ପଡ଼ିଛି। ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଅଧୀନ ବାଘୁଆ ପାହାଡ଼ର ୩ ନମ୍ବର ଖାଦାନ ପୋଖରୀରେ ପଡ଼ି ସୋମବାର ସକାଳେ ଶ୍ୟାମସୁନ୍ଦରପୁର ଗ୍ରାମର ବିଦ୍ୟାଧର ମହାରଣା (୭୫)ଙ୍କ ଜୀବନ ଯାଇଛି। ବିଦ୍ୟାଧର ଶୌଚ ପାଇଁ ଯାଇଥିବା ସମୟରେ ହଠାତ୍ ଗୋଡ଼ ଖସିଯିବାରୁ ପାହାଡ଼ର ୩୦ ଫୁଟ ତଳ ପାଣିକୁ ସେ ଖସି ପଡ଼ିଥିଲେ। ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟାଧରଙ୍କ ମୃତଦେହକୁ ଜବତ କରିଥିଲେ। ଗତ ୩୧ ତାରିଖରେ ରାହାଡ଼ପୁର ପାହାଡ଼ରେ ଥିବା ଏକ ପୋଖରୀରେ ପଡ଼ି ଏକ ବାଛୁରି ଗୁରୁତର ଆହତ ହୋଇଥିଲା। ରାଜସ୍ୱ ବିଭାଗ ଅଧିକାରୀମାନଙ୍କ ଖାମଖିଆଲ ମନୋଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ବାଘୁଆ ପାହାଡ଼ ଖାଦାନରେ ଥିବା ପୋଖରୀ।

- ବିସ୍ଫୋରକ ବ୍ୟବହାର ଥମୁନି
- ମରୁଛନ୍ତି ସାଧାରଣ ଲୋକ

ଧର୍ମଶାଳା ତହସିଲ ଅଞ୍ଚଳରେ ଉତ୍କୃଷ୍ଟ ମାନର କଳାପଥର ଭରିରହିଛି। ଏହିସବୁ କଳାପଥର ପାହାଡରୁ ଯଦି ଉପଯୁକ୍ତ ଭାବେ ରାଜସ୍ୱ ଆଦାୟ ହୋଇଥାନ୍ତା, ତେବେ ରାଜ୍ୟ ସରକାରଙ୍କ ଏକ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ବାର୍ଷିକ ଦରମା ପୂରଣ ହୋଇପାରନ୍ତା ବୋଲି କୁହାଯାଏ। ଆରୁଆ, କୋହ୍ଲା, ଯାବରା, ବାଜଗାଟି, ଚାରିଗୋଠ, ରାହାଡ଼ପୁର, ଡଙ୍କାରୀ, ଚଢ଼େଇଧରା, ବିଛାଖଣ୍ଡି, ଅଞ୍ଜିରା, ବାଘୁଆ, ଲୁଣିବର ଆଦି ପାହାଡ଼ରେ ଗତ ୨୦ ବର୍ଷର ବେଆଇନ ଲୁଟ ସମେତ ପରିବେଶଗତ କ୍ଷତି ପାଇଁ ହାଇକୋର୍ଟ ସମେତ ଏନ୍‌ଜିଟି କେତେଜଣ ଅଧିକାରୀଙ୍କୁ ଦାୟୀ କରି ଆସିଛନ୍ତି। ହେଲେ ଅଧିକାରୀମାନେ ଏହି ଦୁର୍ନୀତି ଜାଲରୁ କୌଶଳରେ ମୁକ୍ତି ପାଇଯାଉଛନ୍ତି। ପଥର ଖାଦାନରେ ମୁଖ୍ୟତଃ ୱାଗନ ଡ୍ରିଲିଂର ବ୍ୟବହାର କରାଯାଇଥାଏ। ଜନବସତିଠାରୁ ୫୦୦ ମିଟର ଦୂରତା ମଧ୍ୟରେ ୱାଗନ ଡ୍ରିଲିଂ ନ କରିବାକୁ ସରକାରୀ ଭାବେ ନିଷିଦ୍ଧ କରାଯାଇଛି। କିନ୍ତୁ ଲୋକଙ୍କ ଜୀବନଜୀବିକାକୁ ଭ୍ରୂକ୍ଷେପ ନ କରି ପଥର ବ୍ୟବସାୟୀମାନେ ୱାଗନ ଡ୍ରିଲିଂ କରିଚାଲିଛନ୍ତି। ଫଳରେ ଅଞ୍ଚଳରେ ମୃଦୁ ଭୂମିକମ୍ପ ଭଳି ସ୍ଥିତି ସୃଷ୍ଟି ହେଉଛି। ନିକଟରେ ତହସିଲ ପ୍ରଶାସନ ପକ୍ଷରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ରଫାଦଫା କରାଯାଇ ସେହି ମାମଲାକୁ ଚପାଇ ଦିଆଯାଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏହି ବିସ୍ଫୋରଣ ଯୋଗୁ ପାହାଡ଼ରେ ☞ପୃଷ୍ଠା-୬

# ସିଡିଏସ୍‌ଏଲ୍‌ର ୪ କୋଟି ନିବେଶକଙ୍କ ଡାଟା ଚୋରି

## ଅଭିଯୋଗକୁ ଖଣ୍ଡନକଲା କମ୍ପାନୀ





ନୂଆଦିଲ୍ଲୀ,୮।୧୧

ସେଣ୍ଟ୍ରାଲ ଡିପୋଜିଟୋରି ସର୍ଭିସ ଲିମିଟେଡ୍(ସିଡିଏସ୍‌ଏଲ୍)ର ସହଯୋଗୀ କମ୍ପାନୀ ସିଡିଏସ୍‌ଏଲ୍ ଭେଞ୍ଚର୍ସ ଲିମିଟେଡ୍ (ସିଭିଏଲ୍)ର ୪ କୋଟି ଭାରତୀୟ ନିବେଶକଙ୍କ ଡାଟା ଲିକ୍ ଘଟଣା ସାମ୍ନାକୁ ଆସିଛି। ଚୋରି ଡାଟା ମଧ୍ୟରେ ନିବେଶକଙ୍କ ନାମ, ଫୋନ୍ ନମ୍ବର, ଇ-ମେଲ୍ ଠିକଣା, ପାନ୍, ଆୟର ସ୍ତର, ପିତା ଏବଂ ଅଭିଭାବକଙ୍କ ନାମ ଏବଂ ଜନ୍ମ ଠିକଣା ପ୍ରମୁଖ ରହିଛି। ୧୦ ଦିନ ମଧ୍ୟରେ ପ୍ରାୟ ୨ ଥର ଏଭଳି ଘଟଣା ଘଟିଥିବା ସାଇବର ନିରାପତ୍ତା ପରାମର୍ଶଦାତା ଷ୍ଟାର୍ଟଅପ୍ ସାଇବର ଏକ୍ସ୯ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦାବି କରାଯାଇଛି। ସିଡିଏସ୍‌ଏଲ୍ ଏକ ଡିପୋଜିଟୋରି ସଂସ୍ଥା ହୋଇଥିବା ବେଳେ ସିଡିଏସ୍‌ଏଲ୍ ଭେଞ୍ଚର୍ସ ଲିମିଟେଡ୍ ଏକ ନୋ ୟୋର କଷ୍ଟମର (କେୱାଇସି) ପଞ୍ଜୀକୃତ କରୁଥିବା ଏଜେନ୍ସି ଭାବେ କାମ କରୁଛି। ଉଭୟ କମ୍ପାନୀ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି) ପଞ୍ଜୀକୃତ।

ସିଷ୍ଟମର ସମସ୍ୟାକୁ ଦ୍ରୁତ ଭିତ୍ତିରେ ସମାଧାନ କରାଯାଇଛି ବୋଲି ସିଡିଏସ୍‌ଏଲ୍ କହିଛି। ତେବେ ସାଇବର ଏକ୍ସ୯ ପକ୍ଷରୁ କୁହାଯାଇଛି, ଅକ୍ଟୋବର ୧୯ରେ ଏଭଳି ଘଟଣା ସମ୍ପର୍କରେ ପ୍ରଥମେ ଉକ୍ତ କମ୍ପାନୀକୁ ଅବଗତ କରାଯାଇଥିଲା। ଏହାକୁ ଠିକ୍ କରିବା ଲାଗି ସିଡିଏସ୍‌ଏଲ୍ ଏବଂ ସିକ୍ୟୁରିଟି ଡିପୋଜିଟୋରିକୁ ପ୍ରାୟ ୭ ଦିନ ସମୟ ଲାଗିଛି। ଏହାକୁ ଆହୁରି ଶୀଘ୍ର ଠିକ୍ କରାଯାଇପାରିଥାନ୍ତା ବୋଲି ସାଇବର ଏକ୍ସ୯ ପକ୍ଷରୁ କୁହାଯାଇଛି। ଏଭଳି ଡାଟା ଚୋରି ମାମଲାକୁ ସର୍ଟ ଇନ୍ ଏବଂ ଏନ୍‌ସିଆଇଆଇପିସି ଭଳି ସରକାରୀ ଏଜେନ୍ସିଗୁଡ଼ିକ ସ୍ୱୀକାର କରିଥିବା ସାଇବର ଏକ୍ସ୯ର ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ପାଠକ କହିଛନ୍ତି। ତେବେ ଏ ସମ୍ପର୍କରେ ସିଡିଏସ୍‌ଏଲ୍‌ର ମତାମତ ଲୋଡ଼ାଯାଇଥିବା ବେଳେ ଡାଟା ଚୋରି ଭଳି କୌଣସି ଘଟଣା ସାମ୍ନାକୁ ଆସି ନାହିଁ ବୋଲି କମ୍ପାନୀ ସ୍ପଷ୍ଟୀକରଣ ଦେଇଛି।

ସିଡିଏସ୍‌ଏଲ୍ ପକ୍ଷରୁ କୁହାଯାଇଛି, ସିଭିଏଲ୍ ୱେବ୍‌ସାଇଟରେ ଡାଟା ଚୋରି ନେଇ ପ୍ରୟାସ ସମ୍ପର୍କରେ ଆଲର୍ଟ ଆସିଥିଲା। ନିରାପତ୍ତା ପ୍ରସଙ୍ଗକୁ ଧ୍ୟାନରେ ରଖି ଦ୍ରୁତ ଭିତ୍ତିରେ ଏହାର ସମାଧାନ କରାଯାଇଛି। ସିଡିଏସ୍‌ଏଲ୍ ଏବଂ ସିଭିଏଲ୍ ଉଭୟ ସେବି ନିକଟରେ ପଞ୍ଜୀକୃତ ହୋଇଥିବା ବେଳେ ☞ପୃଷ୍ଠା-୬

# ଦ୍ୱନ୍ଦ୍ୱ ଦୂର କରିପାରୁନି ତଦନ୍ତ

## ମମିତା ମେହେର ହତ୍ୟାକାଣ୍ଡକୁ ମାସେ ପୂରିଲା

ବଲାଙ୍ଗୀର ଅଫିସ, ୮।୧୧

କଳାହାଣ୍ଡି ଜିଲା କେସିଙ୍ଗା ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣାକୁ ମାସେ ପୂରିଛି। ଏହି ହତ୍ୟାକାଣ୍ଡକୁ ନେଇ ରାଜ୍ୟ ରାଜନୀତି ଏବେବି ସରଗରମ ରହିଥିଲେ ମଧ୍ୟ ତଦନ୍ତ ଦିଗରେ ବିଶେଷ କିଛି ନୂଆ ଦେଖିବାକୁ ମିଳିନାହିଁ। ଏହି ବହୁଚର୍ଚ୍ଚିତ ଯୋଜନାବଦ୍ଧ ହତ୍ୟା ଘଟଣାରେ ମହାଲିଙ୍ଗ ଘରୋଇ ସ୍କୁଲ ପରିଚାଳନା କମିଟି ସଭାପତି ତଥା ମାଲିକ ଗୋବିନ୍ଦ ସାହୁ ଏବଂ ତାଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡୀ ଓରଫ୍ ରାଧେଙ୍କୁ ହିଁ ପୋଲିସ ଅଭିଯୁକ୍ତ ଦର୍ଶାଇଛି। ଏହି ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏଭଳିକି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କ ସହ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଘନିଷ୍ଠ ସମ୍ପର୍କକୁ ନେଇ ବିରୋଧୀ ଦଳ ଅନେକ ପ୍ରଶ୍ନ ଉଠାଉଥିଲେ ମଧ୍ୟ ପୋଲିସ ସେ ଦିଗରେ କୌଣସି ତଦନ୍ତ କରୁ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଯଥାସମ୍ଭବ ଏହି ହତ୍ୟାକାଣ୍ଡ ଘଟଣାରେ ରାଧେ, ଗୋବିନ୍ଦଙ୍କୁ ହିଁ ଅଭିଯୁକ୍ତ ଦର୍ଶାଇ ତଦନ୍ତକୁ ଏ ପର୍ଯ୍ୟନ୍ତ ସୀମିତ ରଖିଛି।

ପୋଲିସକୁ ହତ୍ୟାକାଣ୍ଡରେ ଏଯାବତ୍ ୭୦ଟି ପ୍ରମାଣ ମିଳିଥିବା କୁହାଯାଉଛି। ତେବେ ଏହି ହତ୍ୟାକାଣ୍ଡ ପଛର ଗୁମର ଖୋଲିବାରେ ଏ ପର୍ଯ୍ୟନ୍ତ ସଫଳ ହୋଇନାହିଁ। କେଉଁ ନିର୍ଦ୍ଦିଷ୍ଟ କାରଣକୁ ନେଇ ଗୋବିନ୍ଦ ମମିତାଙ୍କୁ ଅପହରଣ କରି ହତ୍ୟା କଲେ ସେ ସମ୍ପର୍କରେ ପୋଲିସ ବିଶେଷ କିଛି କହୁନାହିଁ। ଗୋବିନ୍ଦଙ୍କ ପରକୀୟା ପ୍ରୀତି ପ୍ରଘଟ ହେବା ଭୟରୁ ଏଭଳି ହତ୍ୟାକାଣ୍ଡ କରାଯାଇଥିବା ପୋଲିସ କହୁଥିଲେ ମଧ୍ୟ ସେ ପରକୀୟା ପ୍ରୀତି ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଉନାହିଁ।



ମମିତା ମେହେରଙ୍କ ଫାଇଲ ଫଟୋ

ଗୋବିନ୍ଦଙ୍କ ପରକୀୟା ପ୍ରୀତିର କେଉଁ ତଥ୍ୟ ମମିତା ଜାଣିଥିଲେ ଏବଂ ତାହା ପ୍ରଘଟ ହେଲେ ତାଙ୍କର କ'ଣ ଅସୁବିଧା ହୋଇଥାନ୍ତା ତାହାକୁ ନେଇ ପୋଲିସ ଅଧିକ କିଛି କହୁନାହିଁ। ଉକ୍ତ ପରକୀୟା ପ୍ରୀତି ସହ ଅନ୍ୟ କୌଣସି ବ୍ୟକ୍ତିଙ୍କର ସମ୍ପର୍କ ରହିଥିଲା କି ନାହିଁ ତାହା ରହସ୍ୟ ଘେରରେ। ଇତିମଧ୍ୟରେ ଏକମାସ ବିତିଯାଇଥିଲେ ମଧ୍ୟ ମମିତା ହତ୍ୟାକାଣ୍ଡ ଉପରୁ ସମ୍ପୂର୍ଣ୍ଣ ପର୍ଦ୍ଦା ହଟାଇବାରେ ପୋଲିସ ସଫଳ ହୋଇ ନାହିଁ। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ବିରୋଧୀ ଦଳମାନେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଏବଂ ବହିଷ୍କାର ଦାବି କରି ଆନ୍ଦୋଳନ ଜାରି ରଖିଛନ୍ତି। ବିରୋଧୀ ଦଳଗୁଡିକ ଘଟଣାର ସିବିଆଇ ଏବଂ ହାଇକୋର୍ଟ ମନିଟରିଂରେ ଏସ୍‌ଆଇଟି ତଦନ୍ତ ଦାବି କରୁଥିଲେ ମଧ୍ୟ ରାଜ୍ୟ ସରକାର ଏଦିଗରେ ବିଶେଷ ଆଗ୍ରହ ଦେଖାଇ ନାହାନ୍ତି। ଅନ୍ୟପକ୍ଷେ ମମିତାଙ୍କ ବାପା ସୁଚନ୍ଦ୍ର ମେହେର ଏବଂ ବଡବାପା କୌଶିକ ମେହେର ଏକ ଭିଡିଓ ବର୍ତ୍ତାରେ ପୋଲିସ ତଦନ୍ତରେ ସେମାନେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ଅଛନ୍ତି ବୋଲି କହିବା ସହ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ମିଳୁ ବୋଲି ଦାବି କରିଛନ୍ତି। ଏଭଳିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ସେମାନଙ୍କ ଭରସା ଥିବା କହିଛନ୍ତି। ☞ପୃଷ୍ଠା-୬

# ପରିସ୍ଥିତି ଅଣାୟତ୍ତ, ପୋଲିସର ପାଣିମାଡ଼

- ଡିଆଇଜି ଅଫିସ ଘେରିଲା ଭାଜପା ଯୁବମୋର୍ଚ୍ଚା
- ବିଧାୟକଙ୍କ ସହ ୧୫ରୁ ଅଧିକ ଗିରଫ

ସମ୍ବଲପୁର,୮।୧୧(ବ୍ୟୁରୋ)

ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଏବଂ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ସୋମବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ଅଫିସ ଘେରାଉ କରାଯାଇଥିଲା। ଏଠାରେ ପ୍ରାୟ ୨ଘଣ୍ଟା ଧରି ଭାଜପା କର୍ମୀ ଓ ପୋଲିସ ମଧ୍ୟରେ ଖଣ୍ଡଯୁଦ୍ଧ ଲାଗିରହିଥିଲା। କେତେବେଳେ ଦଉଡି ବ୍ୟାରିକେଡ୍‌କୁ ଟଣାଟଣି ତ କେତେବେଳେ ବାଉଁଶ ବ୍ୟାରିକେଡ୍ ଭାଙ୍ଗିବା ଭଳି ଘଟଣା ଦେଖିବାକୁ ମିଳିଥିଲା। ଆନ୍ଦୋଳନକାରୀ ତାର ବ୍ୟାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କଲାବେଳେ ପାଲିସ ସହ ଧସ୍ତାଧସ୍ତି ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ଶେଷରେ ପାଣିମାଡ଼ କରିଥିଲା। ହେଲେ ଆନ୍ଦୋଳନକାରୀ ପଛକୁ ହଟି ନ ଥିଲେ। ପାଣିକୁ ସାମନା କରି ଆଗକୁ ବଢ଼ିଥିଲେ। ଏହି ସମୟରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ପରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କୁ ପୋଲିସ ଉଠାଇ ନେଇ ଗାଡ଼ିରେ ବସାଇଥିଲା। ଏହାକୁ ନେଇ ଯୁବ କର୍ମୀମାନେ ପୋଲିସ ଗାଡ଼ି ଆଗରେ ଶୋଇ ପଡିଥିଲେ। ପ୍ରାୟ ଅଧଘଣ୍ଟା ଧରି ପାଣିମାଡ଼ ପରେ ପରିସ୍ଥିତି ସାମାନ୍ୟ ଶାନ୍ତ ପଡିଥିଲା। ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ଜିଲା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝିଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କୁ ପୋଲିସ ଗିରଫ କରି ଟାଉନ ଥାନାକୁ ନେଇଥିଲା। ପରେ ବ୍ୟକ୍ତିଗତ ଜମାନତରେ ସେମାନଙ୍କୁ ଛାଡି ଦିଆଯାଇଥିଲା।

ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ କହିଛନ୍ତି, ମମିତା ଘଟଣାରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରହିଥିବାରୁ ତାଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରାଯାଉ। ଏହାସହ ନିରପେକ୍ଷ ତଦନ୍ତ ପାଇଁ ସିବିଆଇକୁ ଦାୟିତ୍ୱ ଦିଆଯାଉ। ସରକାର ଘଟଣାକୁ ଚପାଇଦେବାକୁ ଉଦ୍ୟମ କରିଥିଲେ। ବିରୋଧ ହେବାରୁ ଏକ ସପ୍ତାହ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ। ହେଲେ ଘଟଣାର ସମ୍ପୂର୍ଣ୍ଣ ରହସ୍ୟ ପୋଲିସ ଖୋଲିପାରୁ ନାହିଁ। ଏହା ବିରୋଧରେ ଆଗକୁ ଆନ୍ଦୋଳନ ଜାରି ରହିବ। କଚେରିସ୍ଥିତ ଭାଜପା କାର୍ଯ୍ୟାଳୟରୁ ଏକ ବିଶାଳ ରାଲି ବାହାରି ଡିଆଇଜି ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ପୋଲିସ ପୂର୍ବରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରିଥିଲା। ୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି କହିଛନ୍ତି, ବିକ୍ଷୋଭ ଚାଲିଥିବା ସମୟରେ ଆନ୍ଦୋଳନକାରୀ ବ୍ୟାରିକେଡ୍ ଭାଙ୍ଗି ଭିତରକୁ ଯିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବାଧ୍ୟ ହୋଇ ପୋଲିସ ପାଣି ମାଡ଼ କରିଥିଲା। ଘଟଣାରେ ୧୫ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଥିଲା।


ଡିଆଇଜି ଅଫିସ ସମ୍ମୁଖରେ ଆନ୍ଦୋଳନକାରୀଙ୍କୁ ପୋଲିସ ପାଣିମାଡ଼ କରୁଛି ।

# ମଞ୍ଚରେ ନବୀନଙ୍କ ସହ ଦିବ୍ୟଶଙ୍କର

ଭବାନୀପାଟଣା,୮।୧୧(ସ୍ୱ.ପ୍ର.)

ମହାଲିଙ୍ଗ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟାକାଣ୍ଡ ଘଟଣାକୁ ନେଇ ବିବାଦୀୟ ହୋଇପଡ଼ିଥିବା ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ବିରୋଧୀ ଦଳଙ୍କ ତୀବ୍ର ବିରୋଧ ସତ୍ତ୍ୱେ ମଧ ମନ୍ତ୍ରୀ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ସହିତ ବସିବା ସହ ଭାଷଣ ବି ଦେଇଥିଲେ। ଦିବ୍ୟଶଙ୍କର ତାଙ୍କ ଭାଷଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ୧୯୭୦ ପର୍ଯ୍ୟନ୍ତ କଳାହାଣ୍ଡିର ସ୍ଥିତି କ'ଣ ଥିଲା, ୧୯୭୦ରୁ ୨୦୦୦ ପର୍ଯ୍ୟନ୍ତ ଜିଲାର ସ୍ଥିତି କ'ଣ ହେଲା ଏବଂ ୨୦୦୦ ପରେ ନବୀନ ପଟ୍ଟନାୟକଙ୍କ ଶାସନ କାଳରୁ କ'ଣ ହୋଇଛି, ତା'ର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ କଳାହାଣ୍ଡି ଜିଲାର ବହୁ ବିକାଶ ହୋଇଥିବା ସେ କହିଥିଲେ। ହେଲେ ସେ ମମିତା ହତ୍ୟାକାଣ୍ଡ ଓ ମହାଲିଙ୍ଗ ସମ୍ପର୍କରେ ମୁହଁ ଖୋଲି ନ ଥିଲେ। ଅନ୍ୟପଟେ ମନ୍ତ୍ରୀ ମିଶ୍ରଙ୍କ ବିରୋଧରେ ଅଭିଯୋଗ ଆସିଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଯେଉଁଭଳି ଭାବେ ତାଙ୍କୁ ମଞ୍ଚରେ ନିଜ ସହିତ ବସାଇଲେ, ତାହା ଜନସାଧାରଣଙ୍କ ଭାବାବେଗକୁ ଆଘାତ ଦେଇଛି ବୋଲି ଭାଜପାର ନେତାମାନେ କହିଛନ୍ତି।


ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

# ସ୍ମାର୍ଟ କାର୍ଡ ବାଣ୍ଟିବାକୁ ଆସି ମନ୍ତ୍ରୀ ହଟହଟା

ଭବାନୀପାଟଣା/କର୍ଲାମୁଣ୍ଡା/ କେସିଙ୍ଗା/ କୋକସରା,୮।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ଭବାନୀପାଟଣା କୃଷି ମହାବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) କାର୍ଡ ବଣ୍ଟନ କରିଛନ୍ତି। ଏହି ସମୟରେ ତାଙ୍କ ସହ ମଞ୍ଚରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଦେଖିବାକୁ ମିଳିଥିଲା। ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ମିଶ୍ରଙ୍କ ନାଁରେ ଅଭିଯୋଗ ରହିଥିବାରୁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରିବା ଓ ଘଟଣାର ସିବିଆଇ ତଦନ୍ତ ଦାବି କରୁଥିବା ବିରୋଧୀ ଭାଜପା ଓ କଂଗ୍ରେସ ଏ ଦୃଶ୍ୟ ଦେଖି ଆହୁରି ତାତି ଯାଇଛନ୍ତି। ଫଳରେ ସ୍ମାର୍ଟ କାର୍ଡ ବଣ୍ଟନ କରିବାକୁ ଜିଲାର ବିଭିନ୍ନ ବ୍ଲକକୁ ଯାଇଥିବା ମନ୍ତ୍ରୀମାନେ ବିରୋଧୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। କର୍ଲାମୁଣ୍ଡାରେ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାଏକ ସ୍ମାର୍ଟ କାର୍ଡ ବାଣ୍ଟିବାକୁ ଆସିଥିବାବେଳେ ସେଠାରେ ଭାଜପା ଓ କଂଗ୍ରେସ କର୍ମୀମାନେ ବିରୋଧ କରିଥିଲେ । ଏହାସତ୍ତ୍ୱେ ମନ୍ତ୍ରୀ ବ୍ଲକ କାର୍ଯ୍ୟାଳୟ ପରିସରରେ କାର୍ଡ ବାଣ୍ଟୁଥିବା ବେଳେ ବିରୋଧୀମାନେ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ସେହିପରି କେସିଙ୍ଗାରେ ବିରୋଧର ସମ୍ମୁଖୀନ ହୋଇଥିଲେ କୃଷି ମନ୍ତ୍ରୀ ଅରୁଣ ସାହୁ। ସେ କାର୍ଡ ବାଣ୍ଟୁଥିବାବେଳେ ଭାଜପା କର୍ମୀମାନେ ସଭାସ୍ଥଳକୁ ଧସେଇ ପଶିଆସିଥିଲେ। ପୋଲିସ ସହିତ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ପୋଲିସ ଭାଜପା କର୍ମୀଙ୍କୁ ସଭାସ୍ଥଳରୁ ଉଠାଇ ନେଇଥିଲେ। କୋକସରା ବ୍ଲକକୁ ସ୍ମାର୍ଟ କାର୍ଡ ବାଣ୍ଟିବାକୁ ଯାଇଥିବା ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ କଳାପତାକା ଦେଖାଇଥିଲେ।


କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ବିରୋଧୀ ଦଳ କର୍ମୀମାନେ ଫାଟକରେ ତାଲା ପକାଇ ଦେଇଥିଲେ।

## ଯୋଗୀଙ୍କ ବିରୋଧରେ ନିର୍ବାଚନ ଲଢ଼ିବେ ଚନ୍ଦ୍ରଶେଖର ଆଜାଦ



ଲକ୍ଷ୍ନୌ, ୮।୧୧

ଆଗାମୀ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଦଳିତ ନେତା ଚନ୍ଦ୍ରଶେଖର ଆଜାଦ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ପ୍ରାର୍ଥୀ ହେବେ ବୋଲି ସୋମବାର ଘୋଷଣା କରିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନ ବେଳେ ସେ ବାରାଣସୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଲଢ଼ିବା ଲାଗି ଘୋଷଣା କରିଥିଲେ। ସେତେବେଳେ ତାଙ୍କର କୌଣସି ଦଳ ନ ଥିବାରୁ ସେ ପରେ ନିଷ୍ପତ୍ତିରୁ ଓହରିଯାଇଥିଲେ। ଏଥର ସେ ଆଜାଦ ସମାଜ ପାର୍ଟି ନାମରେ ଦଳ ଗଠନ କରିଛନ୍ତି ଓ ଉକ୍ତ ଦଳରୁ ପ୍ରାର୍ଥୀ ହେବାକୁ ଯାଉଛନ୍ତି। ସେ ବିରୋଧୀ ଭୋଟ ବିଭାଜନ କରିବା ପରିବର୍ତ୍ତେ ବିଏସ୍‌ପି ନେତ୍ରୀଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିବେ ବୋଲି କହିଛନ୍ତି।

# ସବୁଠି ତାତିଲେ ବିରୋଧୀ

- ଶିଶୁଭବନ ଛକରେ ଭାଜପାର ବିରୋଧ
- ଯୋଗଦେଲେନି ବସନ୍ତ, ପ୍ରଦୀପ୍ତ
- ଏୟାରପୋର୍ଟ ଛକରେ କଳାପତାକା ପ୍ରଦର୍ଶନ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ଥମିବାର ନାଁ ଧରୁନି ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ବିରୋଧୀଙ୍କ ବିରୋଧ। ଏହି ଘଟଣାରେ ବିରୋଧୀ ଭାଜପା ଓ କଂଗ୍ରେସ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଏବଂ ସିବିଆଇ ତଦନ୍ତ ଦାବି ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ, ବିକ୍ଷୋଭ ସାଙ୍ଗକୁ ପ୍ରତିବାଦ ସଭା, ଅଣ୍ଡାମାଡ଼ ଜାରି ରଖିଛନ୍ତି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଲାଗି ସୋମବାର କଳାହାଣ୍ଡି ଗସ୍ତ କରିଥିବା ବେଳେ ମଞ୍ଚରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଦେଖିବାକୁ ମିଳିଥିଲା। ମନ୍ତ୍ରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଥିବାବେଳେ ମୁଖ୍ୟମନ୍ତ୍ରୀ ତାଙ୍କୁ ମଞ୍ଚରେ ସ୍ଥାନଦେବା ଘଟଣାକୁ ବିରୋଧୀ ସେମାନଙ୍କ ସ୍ୱର ଶାଣିତ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତକୁ ବିରୋଧକରି ଭାଜପା ପକ୍ଷରୁ ଭୁବନେଶ୍ୱରଠାରେ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ନବୀନ ନିବାସ ଆଡ଼କୁ ଯାଉଥିବା ସମୟରେ ଶିଶୁଭବନ ଛକଠାରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଆନ୍ଦୋଳନକାରୀଙ୍କୁ ଅଟକାଇବା ଲାଗି ପୋଲିସ ସେଠାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରିଥିଲା। ହେଲେ ଭାଜପା କର୍ମୀ ପ୍ରଥମ ସ୍ତର ସୁରକ୍ଷା ବ୍ୟବସ୍ଥାକୁ ପାରହେବା ପରେ ପୋଲିସ ସହିତ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା। ପୋଲିସ ସେଠାରୁ ଅନେକ କର୍ମୀଙ୍କୁ ଉଠାଇ ନେଇଥିବା ବେଳେ ବହୁ କାର୍ଯ୍ୟକର୍ତ୍ତା ସେଠାରେ ଧାରଣାରେ ବସିଛନ୍ତି। ଭାଜପା କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ନାରାବାଜି ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଅନ୍ୟପଟେ ଏୟାରପୋର୍ଟ ଛକରେ ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାପତାକା ପ୍ରଦର୍ଶନ କରାଯାଇଥିଲା। କଳାପତାକା ପ୍ରଦର୍ଶନ କରୁଥିବା ଭାଜପା କର୍ମୀଙ୍କୁ ପୋଲିସ ଉଠାଇନେଇଥିଲା।

ସେହିପରି କଂଗ୍ରେସ ମଧ୍ୟ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ମଞ୍ଚରେ ବସାଇବା ନେଇ ସରକାରଙ୍କୁ ଟାର୍ଗେଟ କରିଛି। ଏହା ମୁଖ୍ୟମନ୍ତ୍ରୀଙ୍କ ଠିକ୍ ନିଷ୍ପତ୍ତି ନୁହେଁ ବୋଲି କହି ସମାଲୋଚନା କରିବା ସହ ଆସନ୍ତା ୧୨ ତାରିଖରେ ଓଡ଼ିଶା ବନ୍ଦ ନେଇ ଦେଇଥିବା ଡାକରା କଥାକୁ ଦୋହରାଇଛନ୍ତି। ସେପଟେ ମନ୍ତ୍ରୀଙ୍କୁ ମଞ୍ଚରେ ସ୍ଥାନ ମିଳିବା ପରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଏବଂ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ସେହି କାର୍ଯ୍ୟକ୍ରମରେ ଯୋଗଦେଇନାହାନ୍ତି। ଏହି ଘଟଣାରେ ଭାଜପା ଓ କଂଗ୍ରେସ ଆଗକୁ ଆନ୍ଦୋଳନ ଆହୁରି ଜୋର୍‌ଦାର କରିବେ ବୋଲି ସୂଚିତ କରିଛନ୍ତି। ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂହଦେଓ କହିଛନ୍ତି, କିଛିଦିନ ତଳେ ସେ ମମିତାଙ୍କ ପରିବାର ଲୋକଙ୍କୁ ଭେଟିବା ପାଇଁ ଯାଇଥିଲେ। ତାଙ୍କ ପରିବାର ଲୋକଙ୍କ ପକ୍ଷରୁ ଦୋଷୀଙ୍କୁ ଉଚିତ ଦଣ୍ଡ ମିଳିବା କଥା କୁହାଯାଉଥିଲା। ହେଲେ ଏବେ ମମିତାଙ୍କ ପରିବାର ଲୋକଙ୍କ ଉପରେ ସରକାର ଚାପ ପକାଉଥିବା ସେ ଅଭିଯୋଗ କରିଛନ୍ତି।



ଭୁବନେଶ୍ୱର ଶିଶୁଭବନ ଛକଠାରେ ଭାଜପା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି।

# 'ମମିତା ହତ୍ୟା ଘଟଣାକୁ ବାଟବଣା କରୁଛି ବିଜେଡି'

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ପୂର୍ବରୁ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ରାଜ୍ୟ ସରକାର ନାରୀ ନିର୍ଯାତନା ପ୍ରତି ସମ୍ବେଦନଶୀଳ ଥିବା କଥା କହି ଦୁଇଟି ଭିଡିଓ ଦେଖାଇ ସଫେଇ ଦେଇଥିଲେ। ଏହାକୁ କଂଗ୍ରେସ ହାସ୍ୟାସ୍ପଦ କହିବାସହ ମମିତା ମେହେର ହତ୍ୟା ମାମଲାକୁ ବିଜେଡି ବାଟବଣା କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛି। ସୋମବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି, ବିଜେଡି ନାରୀ ବିରୋଧୀ ନୁହେଁ ବୋଲି ଯେତେ ଦେଖାଇବାକୁ ଚେଷ୍ଟା କଲେ ମଧ୍ୟ ରାଜ୍ୟବାସୀ ଏହାକୁ କେବେ ବି ବିଶ୍ୱାସ କରିବେ ନାହିଁ। ଟିକିରି ଘଟଣା ଉପରେ ଆଧାରିତ ପ୍ରଥମ ଭିଡିଓରେ ଷଡ଼ଯନ୍ତ୍ରକାରୀ ନେତ୍ରାନନ୍ଦ ଦଣ୍ଡସେନା ଦଣ୍ଡ ପାଇବା ଘଟଣାକୁ ନେଇ ବିଜେଡି ଡିଣ୍ଡିମ ପିଟୁଛି। କିନ୍ତୁ ଉକ୍ତ ଘଟଣାରେ ମୃତ୍ୟୁକାଳୀନ ଜମାନବନ୍ଦୀରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନୀଳ ଜିନ୍ ପ୍ୟାଣ୍ଟ ପିନ୍ଧା ଯୁବକଙ୍କୁ ଏବେ ସୁଦ୍ଧା ତଦନ୍ତକାରୀ ଦଳ ଧରିବାରେ ସଫଳ ହୋଇନାହିଁ। ଦ୍ୱିତୀୟ ଭିଡ଼ିଓରେ କୁନ୍ଦୁଲି ଘଟଣାର ତଦନ୍ତରେ ବାହାବା ନେବା ପାଇଁ ଚେଷ୍ଟା କରୁଥିବା ବିଜେଡି ଏହି ଘଟଣାରେ କେତେଜଣ ଅପରାଧୀଙ୍କୁ ଗିରଫ କରିବାରେ ସଫଳ ହୋଇଛି? ଏଥିସହିତ ପିପିଲି ଗଣବଳାତ୍କାର ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା କ୍ରାଇମବ୍ରାଞ୍ଚ ତଥ୍ୟ ପ୍ରମାଣ ଯୋଗାଇବାରେ ବିଫଳ ହେବାରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ପୁନଶ୍ଚ କଂଗ୍ରେସ ବ୍ରହ୍ମଗିରି ରେବେଣା ନୂଆଗାଁ ଆୟୁଷ ଡାକ୍ତରାଣୀ ମାଧବିଲତା ମୃତ୍ୟୁ ଘଟଣା ଉଠାଇଛି। ତେବେ ବିଜେଡି ଗଙ୍ଗା ଯିବା କଥା କହୁଛି, ଗୋରୁ ମାରିବା କଥା କହୁନାହିଁ ବୋଲି କହି ମିଶ୍ର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି।


ନିଶିକାନ୍ତ ମିଶ୍ର

## ମୁଖ୍ୟମନ୍ତ୍ରୀଙ୍କ ସହ ୨ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ଭବାନୀପାଟଣା/କୋକସରା, ୮।୧୧(ସ୍ୱ.ପ୍ର./ଡି.ଏନ.ଏ.)

ମମିତା ମେହେର ହତ୍ୟାକାଣ୍ଡ ନେଇ କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରିଛି। ଜୁନାଗଡରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେରଙ୍କ ନେତୃତ୍ୱରେ କୁଶପୁତ୍ତଳିକା ଦାହ କରାଯାଇଥିଲା। କୋକସରାରେ ଭାଜପା ପକ୍ଷରୁ କୋକେଇ ଯାତ୍ରା କରାଯିବା ସହ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

# ରାଜ୍ୟପାଳଙ୍କୁ ଭେଟିଲା ଯୁବ କଂଗ୍ରେସ

- ୧୦ରୁ ଦିଲ୍ଲୀରେ ବିକ୍ଷୋଭ, ଧାରଣା, ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ମମିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଯୁବ କଂଗ୍ରେସ ରାଜଭବନ ସମ୍ମୁଖରେ ଚଳାଇଥିବା ୪୮ ଘଣ୍ଟିଆ ଅହୋରାତ୍ର ଧାରଣା ସୋମବାର ଶେଷ ହୋଇଛି। ଏଥିସହ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସ ନେତା ତଥା ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡଙ୍ଗୀ, ରାଜ୍ୟ ଓବିସି ସେଲ ମୁଖ୍ୟ ଜ୍ଞାନରଞ୍ଜନ ବେଉରା, ରଶ୍ମିରେଖା ମହାପାତ୍ର, ଅଲେଖ ସାମଲ, ବିକ୍ରମ ପଣ୍ଡା, ରାଜ୍ୟ ଯୁବ କଂଗ୍ରେସ ଆଇନ ସେଲ ମୁଖ୍ୟ ଆଦିତ୍ୟ ପ୍ରସାଦ ପରିଡ଼ା, ମହମ୍ମଦ ଅଲିମ, ସତ୍ୟପ୍ରିୟ ସାମଲ, ବୀରେନ ଦଳେଇ, ଶ୍ରୀବତ୍ସ ରଥ, ଜ୍ଞାନରଞ୍ଜନ ରାଉତ, ଆର୍ଯ୍ୟବୀର ଲେଙ୍କା, ସର୍ବଜିତ ପଟ୍ଟନାୟକ, ବସନ୍ତ କୁମାର ପାଢ଼ୀ, ବିଜୟରାଜ ପାଣିଗ୍ରାହୀ, ଆଶୁତୋଷ ଲେଙ୍କା, ବିଶ୍ୱଜିତ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

ଏହି ଅବସରରେ ଲେଙ୍କା କହିଛନ୍ତି, ମମିତା ମେହେରଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବା ପାଇଁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼େଇ କରିବ। ନବୀନ ସରକାର କିମ୍ବା ତାଙ୍କର କୌଣସି କ୍ଷମତାଧାରୀ ମନ୍ତ୍ରୀ ତଥା ନେତା ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇ ପାରିବେ ନାହିଁ। ଏହି ଘଟଣାର ଉପଯୁକ୍ତ ତଦନ୍ତ ଓ ଦୋଷୀଙ୍କୁ କଠୋର ଦଣ୍ଡ ପ୍ରଦାନ ପର୍ଯ୍ୟନ୍ତ ଯୁବ କଂଗ୍ରେସ ଆନ୍ଦୋଳନ ଜାରି ରଖିବ। ତେଣୁ ୯ ତାରିଖ ମଙ୍ଗଳବାର ଯୁବ କଂଗ୍ରେସ ପକ୍ଷରୁ ଦିଲ୍ଲୀ ଚଲୋ ଡାକରା ଦିଆଯାଇଛି। ଶତାଧିକ ଯୁବ କଂଗ୍ରେସ କର୍ମୀ ଦିଲ୍ଲୀ ଯାଇ ୧୦ ତାରିଖରେ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରିବେ। ୧୧ ତାରିଖରେ ଯନ୍ତରମନ୍ତରଠାରେ ଗଣଧାରଣା ଦିଆଯିବ। ରାଷ୍ଟ୍ରପତିଙ୍କୁ ଭେଟି ମାମଲାର ସମ୍ବେଦନଶୀଳତା ଓ ପୋଲିସ ପ୍ରଶାସନର ନିଷ୍କ୍ରିୟତା ସମ୍ପର୍କରେ ଅବଗତ କରାଯାଇ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଲେଙ୍କା ସୂଚନା ଦେଇଛନ୍ତି।


ଯୁବ କଂଗ୍ରେସ ପକ୍ଷରୁ ସୋମବାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଇ ଫେରୁଛନ୍ତି।

# 'ଦିବ୍ୟଶଙ୍କରଙ୍କୁ ମଞ୍ଚରେ ବସାଇବା ମୁଖ୍ୟମନ୍ତ୍ରୀଙ୍କ ଭୁଲ୍ ନିଷ୍ପତ୍ତି'

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଦର୍ଶାଇ ବିରୋଧୀ ତାଙ୍କର ବହିଷ୍କାର ଓ ଗିରଫ ଦାବି କରୁଛନ୍ତି। ଏଥିପାଇଁ ସେମାନେ ରାଜ୍ୟ ସରକାରଙ୍କୁ ବାରମ୍ବାର ଘେରିବା ସହ ବିଭିନ୍ନ ସ୍ଥାନରେ ନେତା ଓ ମନ୍ତ୍ରୀଙ୍କୁ ଅଣ୍ଡାମାଡ଼, କଳାପତାକା ଦେଖାଇ ତୀବ୍ର ବିରୋଧ କରୁଛନ୍ତି। ଏପରିସ୍ଥଳେ ସୋମବାର କଳାହାଣ୍ଡିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ମଞ୍ଚରେ ବସାଇବାକୁ ନେଇ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି।

ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ତଥା ଦଳର ମୁଖପାତ୍ର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି, ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ସମ୍ପୃକ୍ତିକୁ ନେଇ ସାରା ରାଜ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ମୁଖ୍ୟମନ୍ତ୍ରୀ ଭବାନୀପାଟଣା ସହରରେ ପୋଲିସ ଛାଉଣୀ ଭିତରେ ମିଶ୍ରଙ୍କୁ ପାଖରେ ବସାଇଛନ୍ତି। ପୁଣି ମନ୍ତ୍ରୀଙ୍କ ଭାଷଣ ପରେ ମୁଖ୍ୟମନ୍ତ୍ରୀ ତାଳିମାରି ଓଡ଼ିଶାବାସୀ ଓ ମା' ଭଉଣୀଙ୍କୁ ଯେଭଳି ଉପହସିତ କରିଛନ୍ତି, ତାହା ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ଆଗାମୀ ୧୨ ତାରିଖ ଶୁକ୍ରବାର ଏହାର ଉତ୍ତର ରଖିବ କଂଗ୍ରେସ। ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି କଂଗ୍ରେସ ଦଳ ପକ୍ଷରୁ ଉକ୍ତଦିନ ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୬ ଘଣ୍ଟିଆ 'ଓଡ଼ିଶା ବନ୍ଦ' ପାଳନ କରାଯିବ ବୋଲି ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି।

# ପରିବେଶଗତ ଅନୁମତି ପାଇଁ ପ୍ରସ୍ତୁତି

## ବୈତରଣୀ ବାମପାର୍ଶ୍ୱରେ କଂକ୍ରିଟ କାନ୍ଥ ନିର୍ମାଣ ପ୍ରସଙ୍ଗ

ଯାଜପୁର ଅଫିସ,୮।୧୧

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀର ବାମପାର୍ଶ୍ୱରେ କଂକ୍ରିଟ ୱାଲ୍ ନିର୍ମାଣ ନେଇ ବିବାଦ ସୃଷ୍ଟି ହୋଇଛି। ଏହି କଂକ୍ରିଟ୍ ୱାଲ୍ ଦ୍ୱାରା ଭଦ୍ରକ ଜିଲାର କେତେକ ଅଞ୍ଚଳକୁ ବନ୍ୟା ଆଶଙ୍କା ଅଧିକ ରହିଥିବା ଦର୍ଶାଇ ଭଣ୍ଡାରିପୋଖରୀ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ପକ୍ଷରୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ଏକ ମାମଲା ରୁଜୁ ହୋଇଥିଲା। ଆବଶ୍ୟକ ପରିବେଶଗତ ଅନୁମତି ଆଣି କଂକ୍ରିଟ ୱାଲ୍ ନିର୍ମାଣ କରାଯାଇପାରିବ ବୋଲି ଏନ୍‌ଜିଟି ପକ୍ଷରୁ ରାୟ ପ୍ରକାଶ ପାଇଛି। ଏହାପରେ ଜଳ ସମ୍ପଦ ବିଭାଗ ପରିବେଶଗତ ଅନୁମତି ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହି କ୍ରମରେ ଅନୁସଚିବ ରବୀନ୍ଦ୍ରନାଥ ଚିନାରା ଉକ୍ତ ମାମଲା ଉପରେ ତୁରନ୍ତ ପରୀକ୍ଷାନିରୀକ୍ଷା କରି ଏକ ତଥ୍ୟଭିତ୍ତିକ ରିପୋର୍ଟ ଦାଖଲ କରିବାକୁ ଚିଫ୍ ଇଞ୍ଜିନିୟର ଓ ବେସିନ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ୫।୧୦।୨୦୨୧ରେ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟିର ଆବାହକ ଅକ୍ଷୟ କୁମାର ତ୍ରିପାଠୀ ଓ ଅନ୍ୟମାନେ ଅଭିଯୋଗ ପତ୍ର ଜରିଆରେ ଉକ୍ତ କଂକ୍ରିଟ ୱାଲ୍ ନିର୍ମାଣ ସମ୍ପୂର୍ଣ୍ଣ ଭୁଲ ବୋଲି ଦର୍ଶାଇଥିଲେ। ପ୍ରାୟ ୮ କିମି ଲମ୍ବ ଏହି ୱାଲ୍ ନିର୍ମାଣ କରିବାକୁ ୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବୈତରଣୀ ଆଖୁଆପଦା ଆନିକଟ ଡାହାଣ ପାର୍ଶ୍ୱକୁ ଲଗାଇ କଂକ୍ରିଟ ୱାଲ୍ ନିର୍ମାଣ କରିବାକୁ ହୀନ ପ୍ରୟାସ ଚାଲିଛି। ଏହାବ୍ୟତୀତ ବୈତରଣୀ ନଦୀଶଯ୍ୟାରେ ବେଆଇନ ଭାବେ ଅନେକ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ଫଳରେ ନଦୀ ବନ୍ୟାଜଳର ପ୍ରାକୃତିକ ପ୍ରବାହ ବାଧାପ୍ରାପ୍ତ ହୋଇଛି। ଏହି ୱାଲ୍ ନିର୍ମାଣ ହେଲେ ବନ୍ୟା ସମୟରେ ବୈତରଣୀ ୫ କିମି ପ୍ରସ୍ଥ ସ୍ଥାନ ବଦଳରେ ମାତ୍ର ୭୦୦ ରୁ ୧୦୦୦ ମିଟର ମଧ୍ୟରେ ଜଳ ପ୍ରବାହିତ ହେବ। ଫଳରେ ବୈତରଣୀ ନଦୀ ବାମପାର୍ଶ୍ୱରେ ଗତିପଥ ବଦଳାଇ ସମ୍ପୂର୍ଣ୍ଣ ଭାବେ ଭଣ୍ଡାରିପୋଖରୀ ଓ ଭଦ୍ରକ ମଧ୍ୟରେ ପାଣି ପ୍ରବାହିତ ହେବ। ଅନ୍ୟପକ୍ଷେ ବୈତରଣୀ ନଦୀର ଯାଜପୁରଠାରେ ୨୧୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣାଧୀନ ବ୍ୟାରେଜ୍ ମଧ୍ୟ ମନୁଷ୍ୟକୃତ ବିପର୍ଯ୍ୟୟର ଆଉ ଏକ କାରଣ ହୋଇ ଠିଆ ହେବ। ଏଥିଯୋଗୁ ଭଦ୍ରକ ଜିଲାର ଭଣ୍ଡାରିପୋଖରୀ, ଧାମନଗର, ତିହିଡି ଓ ଚାନ୍ଦବାଲି ବ୍ଲକର ଜନସାଧାରଣଙ୍କ ପାଇଁ ବିପତ୍ତିକୁ ଆମନ୍ତ୍ରଣ କରାଯାଉଛି। ଏହାବାଦ୍ ବେଆଇନ ବାଲି ଉତ୍ତୋଳନ ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଜଗନ୍ନାଥପ୍ରସାଦ ବାଲି ସୈରାତ୍ ପାଚେରି ଭାବେ ସୁରକ୍ଷା ଦେଇ ଆସିଥାଏ। ଏଥିଯୋଗୁ ୨୦୦୦ ମସିହାରୁ ଏହି ବାଲି ସୈରାତକୁ ନିଲାମ ନ ଦେବାକୁ ବିରୋଧ ହୋଇ ଆସୁଛି। ନିଲାମଧାରୀ ଏନେଇ ହାଇକୋର୍ଟର ମଧ୍ୟ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏହି ବାଲିଘାଟକୁ ନିଲାମ ନ କରିବା ସହ ନିଲାମଧାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଅର୍ଥରାଶିକୁ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଚଳିତବର୍ଷ ଏହି ବାଲି ଉତ୍ସକୁ ନିଲାମ ଦିଆଯାଇଛି। ତେଣୁ ଉକ୍ତ ବାଲିଘାଟ ନିଲାମ ବାତିଲ, ବୈତରଣୀ ବାମପାର୍ଶ୍ୱ କଂକ୍ରିଟ୍ ୱାଲ୍ ନିର୍ମାଣକୁ ବନ୍ଦ, ନଦୀପଠାରେ ବନ୍ୟାଜଳର ପ୍ରାକୃତିକ ପ୍ରବାହକୁ ଅବରୋଧ କରୁଥିବା ନିର୍ମାଣାଧୀନ ପ୍ରକଳ୍ପକୁ ବନ୍ଦ କରିବାକୁ କମିଟି ପକ୍ଷରୁ ଦାବି ହୋଇଥିଲା। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଆରଆଣ୍ଡବି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ବୈତରଣୀ ନଦୀର ବାମ ପାର୍ଶ୍ୱରେ କଂକ୍ରିଟ ୱାଲ(ନଦୀବନ୍ଧ) ନିର୍ମାଣ କରାଗଲେ ଭଦ୍ରକ ଜିଲାବାସୀଙ୍କର କୌଣସି କ୍ଷତି ହେବ ନାହିଁ। ପ୍ରାକୃତିକ ବନ୍ୟା ଜଳ ମଧ୍ୟ ଠିକ୍ ଭାବେ ପ୍ରବାହିତ ହେବ। ତେବେ ପରିବେଶଗତ ଅନୁମତି ଆଣିଲା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।


ବୈତରଣୀ ବାମ ପଟରେ ନିର୍ମାଣାଧୀନ କଂକ୍ରିଟ ପାଚେରି।

## ସଂକ୍ଷେପରେ

### ମାଓବାଦୀଙ୍କ ଦ୍ୱାରା ଅପହୃତ ଗ୍ରାମବାସୀ ଘରକୁ ଫେରିଲେ

**ମାଲକାନଗିରି, ୮।୧୧ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ବଟେର ଗ୍ରାମରୁ ଶନିବାର ରାତିରେ ୫ ଜଣ ଗ୍ରାମବାସୀଙ୍କୁ ମାଓବାଦୀମାନେ ଅପହରଣ କରିନେଇଥିଲେ। ସେମାନଙ୍କୁ ସୋମବାର ସେମାନେ ଛାଡିଦେଇଛନ୍ତି। ଫଳରେ ଅପହୃତ ୫ ଗ୍ରାମବାସୀ ସୋମବାର ନିଜ ଘରକୁ ଫେରିଆସିଛନ୍ତି। ଏହି ଗ୍ରାମବାସୀଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀମାନେ ଘରୁ ଜୋରଜବରଦସ୍ତ ଅପହରଣ କରିନେଇ କେଉଁଆଡ଼େ ଚାଲିଯାଇଥିଲେ। ସେମାନଙ୍କୁ ଛାଡ଼ିଦେବା ପାଇଁ ପରିବାର ଲୋକେ, ଗ୍ରାମବାସୀଙ୍କ ସମେତ ସର୍ବ ଆଦିବାସୀ ସମାଜ ମାଓବାଦୀ ସଙ୍ଗଠନକୁ ଅନୁରୋଧ କରିଥିଲେ।

### ୩୯୧ କେଜି ଗଞ୍ଜେଇ ଜବତ, ୨ ଗିରଫ


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

**ଆର.ଉଦୟଗିରି,୮।୧୧(ଡି.ଏନ.ଏ.):** ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ପୋଇପଦର ଗ୍ରାମ ନିକଟରେ ରବିବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ୩୯୧ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଉକ୍ତ ଗ୍ରାମର ଜୋସେଫ୍ ରଇତ ଏବଂ ମୋହନ ମାଝୀ। ରବିବାର ଥାନା ଏସ୍‌ଆଇ ହେମନ୍ତ କୁମାର ସେଠୀ ରାତି ପାଟ୍ରୋଲିଂ କରୁଥିବା ସମୟରେ ପୋଇପଦର ଗ୍ରାମର କିଛି ଦୂରରେ ଦୁଇଜଣ ଅଭିଯୁକ୍ତ କେତୋଟି ଅଖା ଭର୍ତ୍ତି ଜିନିଷ ଉପରେ ବସିଥିଲେ। ସେମାନେ ପୋଲିସକୁ ଦେଖି ଦୌଡ଼ି ପଳାଇବାକୁ ଉଦ୍ୟମ କରି ଧରାପଡ଼ିଥିଲେ। ଯାଞ୍ଚ କରିବାରୁ ଅଖାରୁ ୩୯୧ କେଜି ୮୮୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଏ ନେଇ ସ୍ଥାନୀୟ ଥାନାରେ ନଂ. ୧୪୦/୨୧ରେ ମାମଲା ରୁଜୁ ହୋଇଛି।

# ୪ ବିଇଓଙ୍କୁ କାରଣ ଦର୍ଶାଅ ନୋଟିସ

ବାରିପଦା ଅଫିସ,୮।୧୧

ମୟୂରଭଞ୍ଜ ଜିଲାରେ ଚାଲିଥିବା ହାଇସ୍କୁଲ ରୂପାନ୍ତରଣ ଯୋଜନାର ଅଗ୍ରଗତି ସମ୍ପର୍କରେ ଅନୁଷ୍ଠିତ ବୈଠକରେ ଅନୁପସ୍ଥିତ ଥିବା ୪ ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ)ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଜିଲା ଶିକ୍ଷାଧିକାରୀ ନବ କିଶୋର ଗିରିଙ୍କ ପତ୍ର ସଂଖ୍ୟା ୧୧୬୨୩/୬।୧୧।୨୧ରୁ ଏହି ସୂଚନା ମିଳିଛି। ୨ଦିନ ମଧ୍ୟରେ ଅନୁପସ୍ଥିତ ରହିବା ନେଇ ସନ୍ତୋଷ ଜନକ ଉତ୍ତର ଦେଇ ନ ପାରିଲେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ବିନୀତ ଭରଦ୍ୱାଜ କହିଛନ୍ତି। ଜିଲାର ୬୦ଟି ହାଇସ୍କୁଲର ନବକଳେବର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଆସନ୍ତା ୧୮ତାରିଖରେ ଏକକାଳୀନ ସମସ୍ତ ହାଇସ୍କୁଲ ପ୍ରଥମ ପର୍ଯ୍ୟାୟରେ ଲୋକାର୍ପିତ ହେବାକୁ ଯାଉଛି। ଏନେଇ ୬ତାରିଖରେ ଜିଲାପାଳ ଭରଦ୍ୱାଜଙ୍କ ଅଧକ୍ଷତାରେ ଜିଲା ଶିକ୍ଷାଧିକାରୀଙ୍କ ସହିତ ୨୬ଜଣ ବିଇଓଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଶୁକ୍ଳି ବିଇଓ ଜଗନମୋହନ ବେହେରା, ବଡ଼ସାହିର ଝାଡ଼େଶ୍ୱର ଭୂୟାଁ, କପ୍ତିପଦାର ଶିବାନନ୍ଦ ଧଡ଼ା ଓ ରାସଗୋବିନ୍ଦପୁର ବିଇଓ ସତୀଶ ଚନ୍ଦ୍ର ମହାପାତ୍ର ଅନୁପସ୍ଥିତ ରହିଥିଲେ। କାର୍ଯ୍ୟର ରୂପରେଖ ଓ ପ୍ରସ୍ତୁତି ସମ୍ପର୍କରେ ସେମାନଙ୍କଠାରୁ କୌଣସି ସୂଚନା ମିଳି ନ ପାରିବାରୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ।

# ରେଳମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର,୮।୧୧

ଓଡ଼ିଶାରେ ରେଲୱେ ପକ୍ଷରୁ କରାଯାଉଥିବା ବିଭିନ୍ନ ଭିତ୍ତିଭୂମି ଓ ପ୍ରକଳ୍ପ ସାଙ୍ଗକୁ ସୁରକ୍ଷା ଓ ଅନ୍ୟାନ୍ୟ ବିଷୟ ଉପରେ ସୋମବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ାଠାରେ ଦକ୍ଷିଣ ପୂର୍ବ ରେଳପଥ ଏବଂ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଅର୍ଚ୍ଚନା ଜୋଷୀଙ୍କ ସମେତ ଦକ୍ଷିଣ ପୂର୍ବ ରେଳପଥ, ପୂର୍ବତଟ ରେଳପଥ ଏବଂ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥର ବହୁ ବରିଷ୍ଠ ଅଧିକାରୀ ଉକ୍ତ ବୈଠକରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ନାଉରି ନାୟକ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏବଂ କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାୟକ ଓ ବ୍ରଜରାଜନଗରର ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ପ୍ରମୁଖ ଉକ୍ତ ବୈଠକରେ ଉପସ୍ଥିତ ରହି ରେଳମନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।

ବୈଠକରେ ଓଡ଼ିଶା ରେଳପଥର ଭିତ୍ତିଭୂମି ସାଙ୍ଗକୁ ଅନେକ ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ବ୍ୟାପକ ଚର୍ଚ୍ଚା କରାଯାଇଥିଲା। ସେହିଭଳି ରେଳମନ୍ତ୍ରୀ ମଧ୍ୟ ସୁରକ୍ଷା ପ୍ରସଙ୍ଗରେ ଗୁରୁତ୍ୱାରୋପ କରିବା ସହିତ ଦକ୍ଷିଣ ପୂର୍ବ ଓ ପୂର୍ବତଟ ରେଳପଥର ପରିସୀମା ମଧ୍ୟରେ ଯାତ୍ରୀଙ୍କ ସୁବିଧାରେ ଉନ୍ନତି ଆଣିବା ପାଇଁ ଅନେକ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ଚାଲୁରହିଥିବା ସମସ୍ତ ରେଳ ପ୍ରକଳ୍ପ ଠିକ୍ ସମୟରେ ଶେଷ ହେବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।


ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ମହାପ୍ରବନ୍ଧକ ଅର୍ଚ୍ଚନା ଯୋଶୀଙ୍କ ସମେତ ଅନ୍ୟ ଅତିଥିମାନେ।

# ପ୍ରଭୁ ବଳଭଦ୍ରଙ୍କ ହରିହର ବେଶ



ପୁରୀ ଅଫିସ, ୮।୧୧

ଶ୍ରୀମନ୍ଦିରରେ ସୋମବାର ପ୍ରଭୁ ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ପ୍ରଭୁ ବଳଭଦ୍ରଙ୍କୁ ହରିହର ବେଶରେ ସଜ୍ଜିତ କରିଥିଲେ। ପ୍ରଭୁ ବଳଭଦ୍ର ବାମପାର୍ଶ୍ୱରେ କଳା ଓ ଡାହାଣ ପାର୍ଶ୍ୱରେ ଧଳା ରଙ୍ଗ ବସ୍ତ୍ର ପରିଧାନ ସହ ୩୨ରୁ ଊର୍ଦ୍ଧ୍ୱ ପ୍ରକାର ସୁବର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇଥିଲେ। ବଳଭଦ୍ରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବାବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରକଟିତ ହୋଇଥାଏ। ଶାସ୍ତ୍ରରେ ହରି ଓ ହର ଅଭିନ୍ନ ବୋଲି ଉଲ୍ଲେଖ ରହିଛି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶରେ ଦର୍ଶନ ଦେଇଥିଲେ। ସୂଚନାଯୋଗ୍ୟ, ଦୀପାବଳି ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ପଡୁଥିବା ସୋମବାରରେ ପ୍ରଭୁ ବଳଭଦ୍ରଙ୍କ ହରିହର ବେଶ ଅନୁଷ୍ଠିତ ହୋଇଥାଏ।

# ଦୁର୍ଘଟଣାରେ ଦମ୍ପତି ମୃତ, ଜଣେ ଗୁରୁତର

ମାଲକାନଗିରି/କୋରୁକୋଣ୍ଡା, ୮।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୁଣ୍ଡା ବ୍ଲକ ଅନ୍ତର୍ଗତ ଏମ୍‌ଭି-୩୬ ମୁଖ୍ୟ ରାସ୍ତାରେ ଏକ ଟ୍ରକ୍ ଓ ବାଇକ ମଧ୍ୟରେ ସୋମବାର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଦମ୍ପତିଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏମ୍‌ଭି-୩୬ ଗ୍ରାମର ଦୀପକ ବିଶ୍ୱାସ(୫୦), ତାଙ୍କ ସ୍ତ୍ରୀ ସିପ୍ରା ବିଶ୍ୱାସ (୪୨)। ଗୁରୁତର ମହିଳା ଜଣକ ହେଲେ ସାଧନା ଦାସ (୩୩)। ଖବରପାଇ ଘଟଣାସ୍ଥଳରେ ବାଲିମେଳା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଖବରରୁ ଜଣାପଡ଼ିଛି ଟ୍ରକ୍ (ଓଆର୍୧୦ଜି-୦୯୪୫) ମାଲକାନଗିରିରୁ ବାଲିମେଳା ଅଭିମୁଖେ ଯାଉଥିବା ବେଳେ ବାଇକଟି ମାଲକାନଗିରି ଆସୁଥିଲା। ଏହିସମୟରେ ଏମ୍‌ଭି-୩୬ ମୁଖ୍ୟ ରାସ୍ତାରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍‌ରେ ଥିବା ୩ଜଣଙ୍କ ମଧ୍ୟରୁ ଦୀପକ ଓ ସିପ୍ରାଙ୍କ ମୃତ୍ୟୁ ହୋଇଯାଇଥିଲା। ସାଧନା ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତ ଦମ୍ପତିଙ୍କ ମୃତଦେହ ଗ୍ରାମବାସୀ ରାସ୍ତା ଉପରେ ରଖିଥିବା ଜଣାପଡିଛି।

# ଭୟରେ ନାଥପୁର ଗାଁ ପୁରୁଷଶୂନ୍ୟ

- ସାତପଡ଼ାରେ ବୋମାମାଡ଼ ଘଟଣା
- ୩ ଅଟକ, ୩୬ ବୋମା ଜବତ
- ଘଟଣାସ୍ଥଳ ପରିଦର୍ଶନ କଲେ ବିଧାୟକ

ପୁରୀ ଅଫିସ/ବ୍ରହ୍ମଗିରି,୮।୧୧(ଡି.ଏନ୍.ଏ.)

ପୁରୀ ଜିଲା ବ୍ରହ୍ମଗିରି ଥାନା ସାତପଡ଼ା ଅଞ୍ଚଳର ନାଥପୁର ଗ୍ରାମରେ ରବିବାର ଏକ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଜମି ବିବାଦକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ତୁହାକୁ ତୁହା ବୋମାମାଡ଼ ସହ ଗୁଳିଗୋଳା ବର୍ଷଣ ହୋଇଥିଲା। ୩ଘଣ୍ଟାର ସଂଘର୍ଷ ଭିତରେ ହୋଇଥିବା ବୋମାମାଡ଼ରେ ୩୦ବିସ୍ଥାପିତ ପରିବାରଙ୍କ ଘର ଭସ୍ମୀଭୂତ ହୋଇଯାଇଥିଲା। ଏହି ଲୋମଟାଙ୍କୁରା ଘଟଣାରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୁରୁତର ହୋଇଥିଲେ। ଖବରପାଇ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହ ୩ ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଶେଷରେ ଗୁରୁତରଙ୍କୁ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏଭଳି ଏକ ଲୋମହର୍ଷଣକାରୀ ଘଟଣାର କେନ୍ଦ୍ରବିନ୍ଦୁ ଥିଲା ସାମାନ୍ୟ ଏକ ସରକାରୀ ଗୋଚରଜମି। ତେବେ ଏହି ଘଟଣାକୁ ନେଇ ସୋମବାର ପୋଲିସ ଗ୍ରାମରେ ଜୋରଦାର ଯାଞ୍ଚ କରୁଥିବାବେଳେ ଭୟରେ ଗାଁ ସମ୍ପୂର୍ଣ୍ଣ ପୁରୁଷଶୂନ୍ୟ ହୋଇପଡ଼ିଛି। ୨ ଗୋଷ୍ଠୀର ଅଧିକାଂଶ ପୁରୁଷ ଆତ୍ମଗୋପନ କରି ରହିଛନ୍ତି। ଅନ୍ୟପଟେ ପୋଲିସ ବିଭିନ୍ନ ଜାଗାରେ ଚଢ଼ାଉ କରି ୩ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବାବେଳେ ବୋମାମାଡ଼ ହୋଇଥିବା ବିଭିନ୍ନ ଜାଗାରୁ ପ୍ରାୟ ୩୬ଟି ବୋମାକୁ ଜବତ କରିଛି। ତେବେ ଏହି ବୋମାଗୁଡ଼ିକୁ ପୋଲିସ ଟିମ୍ ପକ୍ଷରୁ ଯାଞ୍ଚ କରି ନିଷ୍କ୍ରିୟ କରାଯାଇଛି। ସେହିଭଳି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ହୋଇଥିବା ପରିବାରଙ୍କୁ ଭେଟି ଆଲୋଚନା କରିବା ସହ ଏଭଳି ଘଟଣା ଭିଆଇଥିବା ଲୋକଙ୍କୁ ଖୁବ୍‌ଶୀଘ୍ର ଧରିବା ପାଇଁ ପୋଲିସକୁ କହିଛନ୍ତି। ଅନ୍ୟପଟେ ନିଜ ଜମିକୁ ସୁରକ୍ଷା ଦେବାକୁ ନାଥପୁର ଗ୍ରାମର ୩୫ ମୌଜାର ଅଧିବାସୀମାନେ ମେଳି ବାନ୍ଧିବାରେ ପ୍ରସ୍ତୁତ ହେଉଛନ୍ତି। ଘଟଣାସ୍ଥଳରେ ଶାନ୍ତି ଫେରାଇ ଆଣିବା ପାଇଁ ଜିଲା ପ୍ରଶାସନ ଉଦ୍ୟମ ଚଳାଇଛି। ଏପରିକି ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ କୁମାର ବଡଜେନା, ଏସ୍‌ଡିପିଓ କିଶୋର କୁମାର ମୁଣ୍ଡ, ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ କୁମାର ଶତପଥୀ ଓ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ଏଥିସହ ଗ୍ରାମର ପ୍ରତିଛକରେ ପୋଲିସ ମୁତୟନ କରାଯାଇଛି। ଅନ୍ୟପଟେ ୨ ଗୋଷ୍ଠୀ ପକ୍ଷରୁ ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଛି।

ସୂଚନା ମୁତାବକ, ନାଥପୁର ନିକଟରେ ରହିଛି ସ୍ଥାନୀୟ ୩୫ ମୌଜାର ଏକ ଗୋଚର ଜମି। ଏହି ଜମିରେ କୃଷ୍ଣପ୍ରସାଦ ବ୍ଲକ ବ୍ରହ୍ମପୁର ଗ୍ରାମର ୩୦ ଦଳିତ ପରିବାର ଗ୍ରାମ ବିବାଦରୁ ଚାଲି ଆସି ଆଶ୍ରୟ ନେଇଥିଲେ। ଉକ୍ତ ୩୫ ମୌଜା ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ କିଛିଦିନ ସମୟ ମାଗି ରହିଥିଲେ। କିନ୍ତୁ ସେଠାରେ ସ୍ଥାୟୀ ଭାବେ ରହିବାର ଯୋଜନା କରିବାରୁ ରବିବାର ୩୫ ମୌଜାରୁ କେତେଜଣ ମୁରବୀ ସେମାନଙ୍କ ସହ ଆଲୋଚନା ପାଇଁ ଯାଇଥିବା ସମୟରେ ଏହି ଦଳିତ ପରିବାର ସଦସ୍ୟମାନେ ବିରୋଧ କରି ଟେକାପଥର ସହ ବୋମାମାଡ କରିଥିଲେ। ଫଳରେ ଜଣେ ମୁରବୀ ଗୁରୁତର ହେବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧିପାଇ ବୋମା ଓ ଗୁଳିମାଡ ହୋଇଥିଲା। ଏହି ଘଟଣାରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା।


ପୋଡ଼ିଯାଇଥିବା ଘର।


ଘର ପୋଡ଼ି ଛାରଖାର ହୋଇଯାଇଥିବାରୁ ମହିଳାମାନେ କାନ୍ଦୁଛନ୍ତି।

### ଏମାନେ କ'ଣ କୁହନ୍ତି...

➤ଘଟଣାକୁ ପୋଲିସ ଗୁରୁତର ସହ ନେଇ ୫ପ୍ଲାଟୁନ ପୋଲିସ ସହ ଅତିରିକ୍ତ ଏସ୍‌ପି ମୁତୟନ ରହିଛନ୍ତି। ଏପରିକି ୨ଟି ସ୍ୱତନ୍ତ୍ର ଟିମ ଗଠନ କରାଯିବା ସହ ବମ୍ବ ଏକ୍ସପର୍ଟ ସ୍କ୍ୱାଡ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି। ବୋମାମାଡ଼ ପରେ ସେଠାରୁ ଧ୍ୱଂସାବଶେଷକୁ ସଂଗ୍ରହ କରାଯାଇଛି।

- କନୱର ବିଶାଲ ସିଂ, ଏସ୍‌ପି

➤ଏହି ଘଟଣାକୁ ନେଇ ମୁଁ ଦୁଃଖିତ। ଏହି ଘଟଣାର ସମାଧାନ ପାଇଁ ଅନେକଥର ଚେଷ୍ଟା କରିଛି। ତଥାପି ସମାଧାନ ହୋଇପାରୁ ନାହିଁ। ଘଟଣାପରେ ବିପନ୍ନଙ୍କୁ ଭେଟି ସମସ୍ୟା ବୁଝିବା ସହ ଯଥାଶୀଘ୍ର ସମାଧାନ ପାଇଁ ପ୍ରଶାସନ ସହ ଆଲୋଚନା କରିବି।

- ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର,ବିଧାୟକ

➤ଏଠାରେ ରହୁଥିବା ଦଳିତ ପରିବାରଙ୍କ ଗ୍ରାମ ବିବାଦର ସମାଧାନ ପାଇଁ ଆମେ ବାରମ୍ବାର ପ୍ରଶାସନ ଏବଂ ତାଙ୍କ ସହିତ ଆଲୋଚନା କରି ବିଫଳ ହୋଇଛୁ। ସେମାନଙ୍କର ଗୋଟିଏ ଜିଦ୍ ଟିଲିକା ଉପରେ ତାଙ୍କର ଅଧିକାରକୁ ପ୍ରଶାସନ ଲିଖିତ ଆକାରରେ ଦେଉ। କିନ୍ତୁ ସରକାରଙ୍କ ନିୟମ ଅନୁଯାୟୀ, ଯାହାର ନିଜ ଭିଟାମାଟିରେ ଘରଡ଼ିହ, ବଗାୟତ ଆଦି ରହିଛି। ସେମାନେ ଅନ୍ୟସ୍ଥାନରେ ରହି ପାରିବେନି କି ତାଙ୍କୁ ସରକାରଙ୍କ କୌଣସି ସହାୟତା ମିଳିବନି। ତେଣୁ ଏହା ଶାନ୍ତିପୂର୍ଣ୍ଣ ଭାବେ ଭାଇଚାରାରେ ସମାଧାନ ହେଉ।

- କେଳୁଚରଣ ଜେନା, ୩୫ ମୌଜାର କାର୍ଯ୍ୟକାରୀ ସଦସ୍ୟ

➤ପରିସ୍ଥିତି ନିୟନ୍ତ୍ରଣ ଓ ଶାନ୍ତିରକ୍ଷା ପାଇଁ ଆମେ ଉଦ୍ୟମ ଜାରିରଖିଛୁ। ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇଦେଇଛୁ। ପରିସ୍ଥିତିରେ ସୁଧାର ଆସିଲେ ସେମାନଙ୍କ ସମ୍ପର୍କରେ ଜିଲା ପ୍ରଶାସନ ଯାହା ନିଷ୍ପତ୍ତି ନେବ ତାହା କାର୍ଯ୍ୟକାରୀ ହେବ।

- କାହ୍ନୁଚରଣ ଘଡାଇ, ତହସିଲଦାର

➤ଆମେ ଏଠାରେ ଦୀର୍ଘଦିନ ରହିଛୁ। ୩୫ ମୌଜାର ଲୋକେ ଅଚାନକ ରବିବାର ଅତର୍କିତ ଆକ୍ରମଣ କରିବା ସହ ଘରେ ନିଆଁ ଲଗେଇ ଦେଲେ। କୌଣସି ଜିନିଷ ଆମେ ଉଦ୍ଧାର କରିପାରିନୁ। ଆମର ୨ଜଣ ଲୋକଙ୍କ ସହିତ ଏକ ୩ ବର୍ଷର ପିଲା ନିଖୋଜ ଅଛି।

-ସଖୀ ପାହାଣ, ବିସ୍ଥାପିତ, ବ୍ରହ୍ମପୁର

# ୧୫ ଡିଗ୍ରୀ ତଳେ ୭ ସହର

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ରାଜ୍ୟରେ ହାଲୁକା ଶୀତ ଅନୁଭୂତ ହେଉଛି। କେତେକ ଅଞ୍ଚଳରେ ପାରଦ ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡାରେ ସର୍ବନିମ୍ନ ତାପମାତ୍ରା ୧୪.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝର ୧୩.୫, ଭବାନୀପାଟଣା ୧୪.୨, କୋରାପୁଟ ୧୨, ଫୁଲବାଣୀ ୧୧.୫, ଟିଟିଲାଗଡ଼ ୧୪.୫, ସୋନପୁର ୧୪.୮ ଏବଂ ଦାରିଙ୍ଗବାଡିରେ ୧୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ସପ୍ତାହରେ ଶୀତ ଆହୁରି ବଢିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।



## ଆଜି କ'ଣ କେଉଁଠି

- ମେଗା ଏସ୍ଏଚ୍ଜି ସମନ୍ୱୟ ମେଳା। ସ୍ଥାନ- ଗାନ୍ଧୀମାର୍ଗ ସରସ୍ୱତୀ ଶିଶୁ ମନ୍ଦିର। ସମୟ- ମଧ୍ୟାହ୍ନ ୧୨ଟା ୩୦।

## ସଂକ୍ଷେପରେ

### ଚୋରା କାଠ ଜବତ, ୨ ଗିରଫ

**ଖମାର,୮।୧୧(ଡି.ଏନ.ଏ.):** ଦେବଗଡ ବନଖଣ୍ଡ ଖମାର ବନାଞ୍ଚଳ ଇଞ୍ଜିଡ଼ ଦେବାହଳି ଠାରେ ରବିବାର ରାତି ୧୧ଟାରେ ବନ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ଏକ ଚୋରା କାଠ ବୋଝେଇ ଅଟୋ (ନଂ. ଓଡି୧୯ଏନ-୬୯୮୪) ଜବତ କରିଛି। ଏଥିସହ ଏଥିରେ ସମ୍ପୃକ୍ତି ଅଭିଯୋଗରେ ପାଣ୍ଡବ ଗଡନାୟକ ଓ ଦୟାନିଧି ସାହୁଙ୍କୁ ଗିରଫ କରାଯାଇଛି। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଖମାର ବନାଞ୍ଚଳ ଅଧିକାରୀ ଚନ୍ଦ୍ର ଶେଖର ଗଡନାୟକ ପ୍ରକାଶ କରିଛନ୍ତି। ଖମାର ଡେପୁଟି ରେଞ୍ଜର ଭାରତୀ କପର୍ଦାର, ବନପାଳ ପ୍ରଦୀପ କୁମାର ଶତପଥୀ, କର୍ମଚାରୀ ଗୀତା ଶବର, ବୀଣାପାଣି ଭୋଇ ପ୍ରମୁଖ ଚଢ଼ାଉ କରିଥିଲେ।

### ଗଣ୍ଡଗୋଳ ଘଟଣାରେ ୩ ଗିରଫ

**ଅନୁଗୋଳ ଅଫିସ, ୮।୧୧:** ଅନୁଗୋଳ ସଦର ଥାନା କୁଶାସିଂହା ଗ୍ରାମରେ ଗତ ୪ ତାରିଖ ବିଳମ୍ବିତ ରାତିରେ ଘରେ ପଶି ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ସଦର ଥାନା ଅଧିକାରୀ ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କୁଶାସିଂହା ଗ୍ରାମର ବିପ୍ରବର ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏ ନେଇ ତାଙ୍କ ପୁଅ ବିକାଶ ବେହେରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୭୦୭/୨୧ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କାଠି ଫେରାର ଥିବାବେଳେ ନୂଆମୌଜାର ଆଶିଷ ନାଏକ, ଛେଣ୍ଡିପଦା ଥାନା କୋଶଳା ଗ୍ରାମର ଗୋବିନ୍ଦ ବେହେରା ଓ ସୁଜିତ କଅଁରଙ୍କୁ ଗିରଫ କରାଯାଇଛି।

### ଏଆଇଡିଏସ୍ଓ ଦେଲା ସମର୍ଥନ

**ଅନୁଗୋଳ ଅଫିସ, ୮।୧୧:** ଜିଲା ଖଣିଜ ପାଣ୍ଠିରୁ ଅନୁଗୋଳ ଜିଲାରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ପୁନଃ ନିଯୁକ୍ତି ଦାବିରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪ ଦିନ ହେଲା ଅହୋରାତ୍ର ଅନଶନରେ ବସିଛନ୍ତି। ପ୍ରଶାସନ ସେମାନଙ୍କ ଦାବି ସମ୍ପର୍କରେ ଅବଗତ ଥିଲେ ମଧ ଉଦାସୀନତା ପ୍ରକାଶ କରୁଥିବା ଡିଏସ୍ଓ ଜିଲା ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନାରାୟଣ ନାୟକ ପ୍ରମୁଖ ଅଭିଯୋଗ କରିବା ସହ ଆନ୍ଦୋଳନସ୍ଥଳକୁ ଆସି ସମର୍ଥନ ଜଣାଇନ୍ତି। ତୁରନ୍ତ ଶିକ୍ଷକମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ କର୍ମକର୍ତ୍ତାମାନେ ଦାବି କରିଛନ୍ତି।

### ଚିହ୍ନଟ ହେଲେନି ପଜିଟିଭ୍

**ଅନୁଗୋଳ ଅଫିସ, ୮।୧୧:** ଅନୁଗୋଳ ଜିଲାରୁ ସୋମବାର କୌଣସି କରୋନା ପଜିଟିଭ ଚିହ୍ନଟ ହୋଇନାହାନ୍ତି। ଫଳରେ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୪୫୫ରେ ସ୍ଥିର ଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ଦିନକରେ ଜିଲାରୁ କେହି କରୋନାରୁ ସୁସ୍ଥ ହୋଇ ନ ଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଅବକାରୀ ଚଢ଼ାଉ, ୨ ଗିରଫ

**ବଇଣ୍ଡା,୮।୧୧(ଡି.ଏନ.ଏ.):** ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମରେ ସୋମବାର ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୩୬ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ କଦଳୀମୁଣ୍ଡା ଗ୍ରାମର ତରା ବେହେରା, ସଦାନନ୍ଦ ବେହେରାଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକ, ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି ଚଢାଉ କରିଥିଲେ।

### ବିଲରେ ନବଜାତ ଶିଶୁ ମୃତଦେହ

**ବଇଣ୍ଡା,୮।୧୧(ଡି.ଏନ.ଏ.):** ଠାକୁରଗଡ ଥାନା ମଇମୁରା ପୋଖରୀ ନିକଟରେ ଥିବା ଏକ ବିଲରେ ନବଜାତ ଶିଶୁର ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଛି। ଶିଶୁ ଜନ୍ମପରେ କେହି ସେଠାରେ ମୃତ ଅବସ୍ଥାରେ ଫିଙ୍ଗି ଦେଇଥିବା ଗ୍ରାମବାସୀ କହିଛନ୍ତି। କେତେଜଣ ଗାଈ ଚରାଳି ଏହା ଦେଖି ଖବର ଦେବା ପରେ ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ହେଲେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ଆଉଟସୋର୍ସିଂ କର୍ମଚାରୀଙ୍କ ସହ ଅବିଚାର

**ଅନୁଗୋଳ ଅଫିସ, ୮।୧୧**

ଅନୁଗୋଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀଙ୍କ ସହ କରାଯାଉଛି ପାତରଅନ୍ତର। ସ୍ଥାୟୀଙ୍କୁ ନିୟମିତ ଦରମା ଦିଆଯାଉଥିବା ବେଳେ ଆଉଟସୋର୍ସିଂ କର୍ମଚାରୀଙ୍କୁ ଅବହେଳା ଏବେ ଅସନ୍ତୋଷର କାରଣ ହୋଇଛି। ଗତ ୪ ମାସ ହେଲା ସେମାନଙ୍କୁ ପ୍ରାପ୍ୟ ମିଳି ନ ଥିବା ଅଭିଯୋଗ ହେଉଛି। ହେଲେ ଏ ନେଇ ମୁହଁ ଖୋଲିଲେ ଚାକିରିରୁ ଛଟେଇ ପାଇଁ ଧମକ ଦିଆଯାଉଥିବା କେତେଜଣ କର୍ମଚାରୀ କହିଛନ୍ତି।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ଉପଖଣ୍ଡ ମେଡିକାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶତାଧିକ ଆଉଟସୋର୍ସିଂ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଷ୍ଟାଫନର୍ସ, ଲାବ ଟେକ୍ନିସିଆନ୍, ୱାର୍ଡ ଆଟେଣ୍ଡାଣ୍ଟ, ରେଡିଓଗ୍ରାଫର ଓ ଫାର୍ମାସିଷ୍ଟ ଭଳି ପଦବୀରେ ସେମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନେ ନିୟମିତ ରୋଗୀସେବା ଜାରି ରଖିଥିଲେ ମଧ ଦରମା ଠିକ୍ ଭାବେ ମିଳୁ ନ ଥିବାରୁ ଅନେକ ସମୟରେ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପାର୍ବଣ ପୂର୍ବରୁ ରାଜ୍ୟ ସରକାର ସ୍ଥାୟୀ କର୍ମଚାରୀଙ୍କୁ ବେତନ ଦେଲେ। ମହଙ୍ଗା ଭତ୍ତା ବୃଦ୍ଧି କଲେ। ହେଲେ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ଦରମା ମିଳିଲା ନାହିଁ। ବହୁ କର୍ମଚାରୀ ୪ ମାସ ହେବ ଦରମା ପାଇ ନ ଥିଲେ ମଧ ମେଡିକାଲ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଉନାହାନ୍ତି। ଅନ୍ୟପକ୍ଷରେ କେତେଜଣ କର୍ମଚାରୀ ନିୟମିତ କାର୍ଯ୍ୟରେ ଯୋଗ ନ ଦେଇ କେବଳ ହାଜିରା ପକାଇ ଦରମା ଉଠାଉଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ଠିକା ସଂସ୍ଥାର କେତେଜଣ କର୍ମଚାରୀ ଏପରି କରୁଥିବା ଜଣାପଡ଼ିବା ପରେ ଡିଏମ୍ଏଫ୍ ପାଣ୍ଠିରୁ ନିଯୁକ୍ତ ଆଉଟସୋର୍ସିଂ କର୍ମଚାରୀଙ୍କ ଉପସ୍ଥାନ ଯାଞ୍ଚ କରାଯାଇଥିଲା। ସେହିପରି ମେଡିକାଲରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଦରମା ଟଙ୍କାକୁ ନେଇ ସୁଧ କାରବାରରେ ଲଗାଯାଉଥିବା ଚର୍ଚ୍ଚା ଏବେ ଜୋରଧରିଛି। କେତେଜଣ କର୍ମଚାରୀଙ୍କ କହିବା ଅନୁଯାୟୀ, ସେମାନଙ୍କ ଦରମା ଟଙ୍କା ମାସ ମାସ ଧରି ବିଭିନ୍ନ ବାଟରେ ଲଗାଯାଉଛି। ଏ ନେଇ ବିରୋଧର ସ୍ୱର ଉଠିଲେ ଦୁଇମାସର ଦରମା ଦେଇ କାମ ଚଳାଇ ନିଆଯାଉଛି। ଏଣେ ଅର୍ଥାଭାବର ଶିକାର ହେଉଥିବା ଆଉଟସୋର୍ସିଂ କର୍ମଚାରୀମାନେ ଘୋର ଅର୍ଥାଭାବର ସମ୍ମୁଖୀନ ହେଉଛନ୍ତି। ଟଙ୍କା ଦେଇ ନ ପାରିବାରୁ ଭଡ଼ା ଘର ମାଲିକଙ୍କ ରୋଷର ଶିକାର ହେବାକୁ ପଡୁଛି। ତେବେ ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି, ଡିଏମ୍ଏଫ୍ ପାଣ୍ଠିରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଟଙ୍କା ଆସିଲେ ତାହା ଏହି କର୍ମଚାରୀଙ୍କୁ ପ୍ରଦାନ କରାଯାଇଥାଏ। କିନ୍ତୁ ଟଙ୍କା ନ ଆସିବାରୁ କର୍ମଚାରୀଙ୍କୁ ନିୟମିତ ଦରମା ପ୍ରଦାନ କରାଯାଇପାରୁ ନାହିଁ।



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ।

- ୪ ମାସ ହେବ ମିଳିନି ଦରମା
- ଅଭିଯୋଗ କଲେ ଦିଆଯାଉଛି ଛଟେଇ ଧମକ
- ଜିଲା ମୁଖ୍ୟ ଚିକିତ୍ସାଳୟରେ ବଢ଼ୁଛି ଅସନ୍ତୋଷ

### ନିୟମିତ ଦରମା ନେଇ ଆଲୋଚନା ହୋଇଛି



"ଆଉଟସୋର୍ସିଂ କର୍ମଚାରୀମାନଙ୍କୁ କିଭଳି ଠିକ୍ ସମୟରେ ଦରମା ପ୍ରଦାନ କରାଯିବ, ସେ ନେଇ ବୈଠକରେ ଆଲୋଚନା ହୋଇଛି। ଏ ନେଇ ଅଭିଯୋଗ ଆସିଲେ ତୁରନ୍ତ ତାହାର ସମାଧାନ କରାଯାଇଛି। ଆକାଉଣ୍ଟକୁ ଟଙ୍କା ଯାଉଥିଲେ ମଧ ଏହା ଚେକ୍ କରୁ ନ ଥିବା କର୍ମଚାରୀ ଦରମା ପାଉ ନ ଥିବା କହୁଛନ୍ତି।

-ଡାକ୍ତର ତ୍ରିଲୋଚନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ

### ରୋଗୀ ସେବା ଉପରେ ପ୍ରଭାବ ପଡ଼ିବ



"କୋଭିଡ୍ ସମୟରେ ମେଡିକାଲରେ ସେବା ଯୋଗାଉଥିବା କର୍ମଚାରୀମାନଙ୍କୁ ଅଧିକ ଦରମା ଦେବାର ଆବଶ୍ୟକତା ରହିଛି। ହେଲେ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ଠିକ୍ ଭାବେ ଦରମା ଦିଆ ନ ଯିବା ଘୋର ଅନ୍ୟାୟ। ଏହାଦ୍ୱାରା ଚିକିତ୍ସାଳୟ ଗୁଡ଼ିକରେ ରୋଗୀ ସେବା ବ୍ୟାହତ ହେବା ଆଶଙ୍କା ରହିଛି।

-ବିଶ୍ୱରଞ୍ଜନ ପଟ୍ଟନାୟକ, ବୁଦ୍ଧିଜୀବୀ

## ସଙ୍ଗଠନ ସୁଦୃଢ଼ କରିବାକୁ ପରାମର୍ଶ

**ଅନୁଗୋଳ ଅଫିସ, ୮।୧୧**

ଅନୁଗୋଳ ଜିଲା ଭାଜପା ଯୁବମୋର୍ଚ୍ଚାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଜିଲା ଯୁବମୋର୍ଚ୍ଚା ସଭାପତି ସୁଦୀପ୍ତ ସ୍ୱାଇଁଙ୍କ ଅଧକ୍ଷତାରେ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଦୀପକ ଗୋଛାୟତ ଏବଂ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଯୋଗଦେଇ ମମିତା ମେହେରଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା, ଯୁବମୋର୍ଚ୍ଚା ଜିଲା ପ୍ରଭାରୀ ଯଯାତି ପଟ୍ଟନାୟକ, କୃଷକ ମୋର୍ଚ୍ଚା ଜିଲା ସଭାପତି ବିଜୟ ମାଝି, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଚନ୍ଦ୍ରକାନ୍ତ ଧଳ, ସିଦ୍ଧାର୍ଥ ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବମୋର୍ଚ୍ଚା ସଙ୍ଗଠନକୁ ଜିଲାରେ ସୁଦୃଢ଼ କରିବା ପାଇଁ ଯୁବମୋର୍ଚ୍ଚା ସଭାପତି ପରାମର୍ଶ ଦେଇଥିଲେ। ମୋର୍ଚ୍ଚା ସାଧାରଣ ସମ୍ପାଦକ ସମୀର ପରିଡ଼ା ଓ ମୁଖପାତ୍ର ପୁରୁଷୋତ୍ତମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ଚନ୍ଦ୍ରଚୂଡ଼ ବିଶ୍ୱାଳ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଚନ୍ଦ୍ରକାନ୍ତ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୋ'ରୁମ୍‌ରୁ ଚୋରି ଗାଡ଼ି ଜବତ

**ଅନୁଗୋଳ ଅଫିସ, ୮।୧୧**

ଅନୁଗୋଳ ପଞ୍ଚମହଲାସ୍ଥିତ ଶୁଭଲକ୍ଷ୍ମୀ ମୋଟର୍ସ ଶୋ' ରୁମ୍ ଗୋଦାମରୁ ୪ଟି ନୂଆ ମୋଟରସାଇକେଲ ଚୋରି ଘଟଣାରେ ପୋଲିସକୁ ସଫଳତା ମିଳିଛି। ପୋଲିସ ୩ଟି ଗାଡ଼ି ଜବତ କରିବା ସହ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଆଉ ଗୋଟିଏ ଗାଡ଼ିକୁ ଠାବ କରାଯାଇପାରି ନ ଥିବାବେଳେ ଦୁଇଜଣ ଫେରାର ଥିବା ଥାନା ଅଧିକାରୀ ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଗତ ୨ ତାରିଖରେ ଶୋ' ରୁମ୍ ମ୍ୟାନେଜର ନଇମ୍ ମହମ୍ମଦ ଚୋରି ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୭୦୦/୨୧ରେ ମାମଲା ରୁଜୁ କରିବା ସହ ଘଟଣାର ତନାଘନା ଚଳାଇ ସଦରଥାନା ବାଉଁଶଳୀ ଗ୍ରାମର ପ୍ରକାଶ ନାଏକ ଓ ନୂଆମୌଜାର ଆଶିଷ ନାଏକଙ୍କୁ ଗିରଫ କରିଥିଲା।



୩ ଗାଡ଼ି ଜବତ ସହ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି।

## ସହାୟତା ଆଳରେ ୩୫ ହଜାର ନେଇଗଲେ

**ଅନୁଗୋଳ ଅଫିସ, ୮।୧୧**

### ରୋଗୀଙ୍କ ସମ୍ପର୍କୀୟଙ୍କୁ ପୁଣି ଟାର୍ଗେଟ

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଜଣେ ରୋଗୀଙ୍କୁ ସହାୟତା ଆଳରେ ତାଙ୍କ ସମ୍ପର୍କୀୟଙ୍କଠାରୁ ଠକଜଣକ ୩୫ ହଜାର ଟଙ୍କା ସୋମବାର ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଏ ନେଇ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଦେବଗଡ଼ ଜିଲା ରିଆମାଳ ଥାନା ତାରଙ୍ଗ ଗ୍ରାମର ପବିତ୍ର ବେହେରା ୫ ଦିନ ହେଲା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ନିକଟରେ ସ୍ତ୍ରୀ ନନ୍ଦିନୀ ବେହେରା ଓ ଝିଅ ରହି ସହାୟତା କରୁଛନ୍ତି। ରିଆମାଳ ଥାନା ବେଗୁନିଆନାଳିର ସମ୍ପର୍କୀୟ କେଶବ ବେହେରା ପବିତ୍ରଙ୍କ ଚିକିତ୍ସା କଥା ବୁଝିବାକୁ ମେଡିକାଲକୁ ଆସିଥିଲେ। ସେ ନିକଟସ୍ଥ ଏକ ପଇଡ଼ ଦୋକାନ ପାଖରେ ଛିଡ଼ା ହୋଇଥିବାବେଳେ ଠକ ଜଣକ ତାଙ୍କ ପାଖକୁ ଆସି ଜଣେ ସରପଞ୍ଚଙ୍କ ପରିଚିତ ବୋଲି କହିବା ସହ ପବିତ୍ରଙ୍କ ଲେବର କାର୍ଡରେ ୨ ଲକ୍ଷ ଟଙ୍କା ଆସିଥିବା ସୂଚନା ଦେଇଥିଲେ। ଏ ନେଇ ଆଧାରକାର୍ଡ ଆବଶ୍ୟକ ବୋଲି କହିବାରୁ କେଶବ ଆଧାରକାର୍ଡ ନେଇ ଆସିବାକୁ ନନ୍ଦିନୀଙ୍କୁ କହିଥିଲେ। ଆଧାରକାର୍ଡ ଆଣି ନନ୍ଦିନୀ ପହଞ୍ଚିବା ପରେ ଖର୍ଚ୍ଚ ଲାଗିବ କହି ସମ୍ପୃକ୍ତ ଠକ ନନ୍ଦିନୀଙ୍କଠାରୁ ୧୦ ହଜାର ଟଙ୍କା ମାଗି ନେଇଥିଲେ। ଏହାପରେ ଠକ ଜଣକ ନନ୍ଦିନୀଙ୍କୁ ସାଙ୍ଗରେ ନେଇ ଲେବର ଅଫିସ୍‌କୁ ଯାଇଥିଲେ। କେଶବଙ୍କୁ ଇଣ୍ଡଷ୍ଟ୍ରିଆଲ ଛକରେ ଆଣି ଛାଡ଼ିଥିଲେ। ପରେ ମେଡିକାଲ ଫେରିବା କହି ବାଟରେ ନନ୍ଦିନୀଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ୨୫ ହଜାର ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏସ୍ଆଇ ସତ୍ୟ ରଞ୍ଜନ ଲେଙ୍କା ମେଡିକାଲକୁ ଯାଇ ଘଟଣାର ତଦନ୍ତ କରିଛନ୍ତି।



ମେଡିକାଲରେ ରୋଗୀଙ୍କ ସମ୍ପର୍କୀୟଙ୍କ ଠାରୁ ପୋଲିସ ତଥ୍ୟ ସଂଗ୍ରହ କରୁଛି।

## ବେଆଇନ ମୋରମ୍ ଚାଲାଣ, ଟ୍ରାକ୍ଟର ଜବତ

**ବଇଣ୍ଡା,୮।୧୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସାନହୁଲା ଅଞ୍ଚଳରୁ କିଛିଦିନ ହେବ ସରକାରୀ ଜମିରୁ ଏକ ଠିକାସଂସ୍ଥା ବେଆଇନ ଭାବେ ମୋରମ ଚାଲାଣ କରୁଥିବାବେଳେ ସୋମବାର ଆଠମଲ୍ଲିକ ତହସିଲ ସ୍ୱତନ୍ତ୍ର ଟିମ୍ ଚଢାଉ କରିଛି। ଏହି ସମୟରେ ମୋରମ ଚୋରାରେ ନେଉଥିବା ଏକ ଟ୍ରାକ୍ଟର ଜବତ କରାଯାଇଛି। ଏଥିସହ ୧୫ ହଜାର ୧୦୫ ଟଙ୍କା ଜରିମାନା ଆଦାୟ ହୋଇଛି। ଚଢାଉ ସମୟରେ ଆଉ ଏକ ଟ୍ରାକ୍ଟର ଓ ଜେସିବି ଘଟଣାସ୍ଥଳରୁ ଠିକାସଂସ୍ଥା କର୍ମଚାରୀମାନେ ନେଇ ପଳାଇଛନ୍ତି। ଘଟଣାରୁ ଜଣାପଡିଛି, ସାନହୁଲା ଅଞ୍ଚଳରୁ କିଛିମାସ ହେବ ଏକ ଠିକାସଂସ୍ଥା ୨ ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନ ଦ୍ୱାରା ସରକାରୀ ଜମିରୁ ବେଆଇନ ଭାବେ ମୋରମ ଚାଲାଣ କରୁଥିବା ସମ୍ପର୍କରେ ଆଠମଲ୍ଲିକ ତହସିଲ ଅଫିସରେ ଅଭିଯୋଗ ହୋଇଥିଲା। ପରେ ସ୍ୱତନ୍ତ୍ର ଟିମ୍‌ର ପାଇକସାହି ଆର୍ଆଇ ପଦନ ନାୟକ, କନ୍ତପଡା ଆର୍ଆଇ ଗୋପ ବେହେରା, ଠାକୁରଗଡ ଆର୍ଆଇ ଧ୍ରୁବଚରଣ ନାୟକ, ସାନହୁଲା ଆରଆଇ ବାସୁଦେବ ପ୍ରଧାନ ଚଢାଉ କରିଥିଲେ।

## ଶ୍ରେଣୀଗୃହ କାର୍ଯ୍ୟ ତଦାରଖ

**ବଇଣ୍ଡା,୮।୧୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ନିର୍ମାଣ କରାଯାଉଛି। ୫–ଟି ଅଧୀନରେ ଉକ୍ତ ବିଦ୍ୟାଳୟ ଗୃହ ନିର୍ମାଣ କରାଯାଉଥିବାବେଳେ ସୋମବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ବିଦ୍ୟାଳୟକୁ ଯାଇ କାର୍ଯ୍ୟ ତଦାରଖ କରିଥିଲେ। ଏପରିକି ସରକାରଙ୍କ ନିୟମ ଅନୁସାରେ କାର୍ଯ୍ୟ କରିବା ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶ୍ରେଣୀଗୃହ ଯାଞ୍ଚ କରିଥିବା ବେଳେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ପୁଣି ୨୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ବିଧାୟକ ପ୍ରକାଶ କରିଥିଲେ। ଏଥିରେ ସରପଞ୍ଚ ଜଳଧର ସାହୁ, ବିଜେଡି ନେତା ସନ୍ତୋଷ ପ୍ରଧାନ, ଆଇନଜୀବୀ ଉଗ୍ରସେନ ସେଠୀ, ୱାର୍ଡମେମ୍ବର ସୁବାସ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଚତମ୍ବା ପ୍ରମୁଖ ଉପସ୍ଥିତ ଥିଲେ। ହାଇସ୍କୁଲରେ ପାନୀୟ ଜଳ ଯୋଗାଣରେ ସମସ୍ୟା ଥିବା ପ୍ରଧାନଶିକ୍ଷୟିତ୍ରୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ବିଦ୍ୟାଳୟ ଶ୍ରେଣୀଗୃହ କାର୍ଯ୍ୟ ବିଧାୟକ ତଦାରଖ କରୁଛନ୍ତି।

## ପାତରଅନ୍ତର କରୁଛି ଅବକାରୀ ବିଭାଗ

**ଆଠମଲ୍ଲିକ,୮।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଇଚାଲିଥିବା ବେଳେ ଅବକାରୀ ବିଭାଗର ପତରଅନ୍ତର ମନୋଭାବ କାରଣରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ପାଉଚ ମଦ ଜବତ କରୁ ନ ଥିବାବେଳେ କେବଳ ମହୁଲି ମଦ ରାନ୍ଧୁଥିବା ଓ ବିକୁଥିବା ଲୋକଙ୍କୁ ଟାର୍ଗେଟ୍ କରୁଥିବା ଚର୍ଚ୍ଚା ହେଉଛି। ଏହି କାରଣରୁ ଦୁଇ ଦିନତଳେ ନଅଗାଁ ପଞ୍ଚାୟତ ଦୁଧିଆନାଳି ଗ୍ରାମ ଚଡକାନାଳଠାରେ ଚଢ଼ାଉ କରିବାକୁ ଯାଇଥିବା ଅବକାରୀ କର୍ମଚାରୀଙ୍କୁ ସମ୍ପୃକ୍ତ ଗ୍ରାମବାସୀ ଅଟକ ରଖିଥିବା କୁହାଯାଉଛି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଆଠମଲ୍ଲିକ ସମେତ ଏହାର ଆଖପାଖ ଅଞ୍ଚଳରେ ଚୋରା ଦେଶୀ ମଦ କାରବାର ଜୋର୍ ଧରିଛି। କିନ୍ତୁ ଯଉଁ ସ୍ଥାନରେ ପାଉଚ ମଦ ବିକ୍ରି ହେଉଛି ସେଠାରେ ଅବକାରୀ ବିଭାଗ ଚଢ଼ାଉ କରୁନାହିଁ। କିନ୍ତୁ ଚୋରା ମହୁଲି ମଦ ବିକ୍ରି କରୁଥିବା ବେପାରୀଙ୍କୁ ଧରି ଜେଲ୍ ପଠାଯାଉଛି। ଦେଶୀ ମଦ ଭାଟି ମ୍ୟାନେଜରଙ୍କ ପ୍ରରୋଚନାରେ ପଡ଼ି ଅବକାରୀ ବିଭାଗ କର୍ମଚାରୀ ଏପରି କରୁଛନ୍ତି। ଆଠମଲ୍ଲିକ ଦୈନିକ ବଜାର, ମୁଖ୍ୟ ରାସ୍ତା ପାର୍ଶ୍ୱରେ ପାଉଚ ମଦ ବେପାର ଚାଲିଥିଲେ ମଧ ଅବକାରୀ ବିଭାଗ ଆଖିବୁଜି ଦେଇଛି। ଏ ସମ୍ପର୍କରେ ଅବକାରୀ ବିଭାଗ ଉପ ନିରୀକ୍ଷକ ପ୍ରଫୁଲ୍ଲ ପତି କହିଛନ୍ତି, ପାଉଚ ମଦରୁ ସରକାରଙ୍କୁ ରାଜସ୍ୱ ମିଳୁଥିବାରୁ ଏହି ବେପାରୀଙ୍କୁ ଧରାଯାଉନି।

## ଏନ୍‌ଟିପିସିର ପ୍ରତିଷ୍ଠା ଦିବସ

**କଣିହାଁ,୮।୧୧(ଡି.ଏନ.ଏ.)**

କଣିହାଁ ଏନ୍‌ଟିପିସିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଶ୍ରୀନିବାସ ରାଓ ଏନ୍‌ଟିପିସିର ଗୌରବମୟ ଯାତ୍ରା ତଥା ୪୭ ବର୍ଷ ମଧ୍ୟରେ ରାଷ୍ଟ୍ର ନିର୍ମାଣରେ ଅବଦାନ ଉପରେ ଆଲୋକପାତ କରିଥିଲେ। ଏଥିସହିତ ମହାମାରୀ କରୋନା ସମୟରେ ଏନ୍‌ଟିପିସି ଦେଶକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ଦେଇଛି। ନିକଟସ୍ଥ ଅଞ୍ଚଳର ବିକାଶରେ ଏବଂ ସିଏସ୍ଆର୍, ପରିବେଶ, ନିରାପତ୍ତା, ମାନବସମ୍ବଳ ବିକାଶ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଏନ୍‌ଟିପିସିର ଭୂମିକା ବିଷୟରେ ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଏନ୍‌ଟିପିସି ଏବଂ ସିଆଇଏସ୍ଏଫର ବରିଷ୍ଠ ଅଧିକାରୀ, ବିଭିନ୍ନ ୟୁନିୟନ, ଆସୋସିଏଶନ, କର୍ମଚାରୀମାନେ ଉପସ୍ଥିତ ଥିଲେ।



ମୁଖ୍ୟ ଅତିଥି ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

## ବ୍ଲକ ଘେରାଉ, କୁଶପୁତ୍ତଳିକା ଦାହ

**ଅନୁଗୋଳ ଅଫିସ, ୮।୧୧**

ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଇସ୍ତଫା ଦାବିରେ ସୋମବାର ଅନୁଗୋଳ ଜିଲାର ସମସ୍ତ ୮ ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଛି। ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଅନୁଗୋଳ ବ୍ଲକ ଘେରାଉ କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀଙ୍କୁ କଠୋର ଦଣ୍ଡ ନ ମିଳିବା ପର୍ଯ୍ୟନ୍ତ ଭାଜପା ରାଜ୍ୟ ସରକାରଙ୍କ ବିରୋଧରେ ପ୍ରତିବାଦ ଜାରି ରଖିବ ବୋଲି ବିକ୍ଷୋଭରେ ସାମିଲ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଜିଲା ଉପସଭାପତି ଚୌଧୁରୀ ପ୍ରଧାନ ଓ ଅମିୟ ତ୍ରିପାଠୀ, ବିଜୟ ମାଝି, ବିଭିନ୍ନ ମଣ୍ଡଳ ସଭାପତି ପ୍ରଦୀପ ରାଉତ, ଅମୂଲ୍ୟ ପ୍ରଧାନ, ସଂଘମିତ୍ରା ପ୍ରଧାନ, ସରିତା ମିଶ୍ର, ବିଶ୍ୱଜିତ୍ ମିଶ୍ର, ଗୋପାଳକୃଷ୍ଣ ଦାସ, ବିଭୀଷଣ ସାହୁ ଓ ସମୀର ପରିଡାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

ସେହପରି ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭବାନୀ ଶଙ୍କର ଜ୍ୟୋତିଷରାୟଙ୍କ ନେତୃତ୍ୱରେ ପ୍ରତିବାଦ କରାଯାଇଥିଲା। ପରେଶ ଦେଓ, ସଂକୀର୍ତ୍ତନ ମେଣ୍ଡୁଲି, ସୁଶାନ୍ତ ପ୍ରଧାନ, ନିରାକାର ଭୁକ୍ତା, ଇଜରାଇଲ ଖାନ ପ୍ରମୁଖ ଉପସ୍ଥିତ ଥିଲେ। କଣିହାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ମହିଳା ନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ଅଶୋକ ମହାନ୍ତି, ସୁବୋଧ ପାଣି, ଦେବେନ୍ଦ୍ର ବାରିକ, ସୁଶାନ୍ତ ସାମଲ ପ୍ରମୁଖ ବିକ୍ଷୋଭ କରିଥିଲେ। କିଶୋରନଗର ଭାଜପା ପକ୍ଷରୁ ଜିଲା ଉପସଭାପତି ଅଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ବ୍ଲକ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ହୃଦାନନ୍ଦ ପ୍ରଧାନ, ଅର୍ଜୁନ ପାଣ୍ଡେ, ରତ୍ନାକର ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡ଼ନାୟକଙ୍କ ନେତୃତ୍ୱରେ କର୍ମୀମାନେ ବ୍ଲକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଗସ୍ତି ବେହେରା, ମଦନ ମୋହନ ଗଡନାୟକ ପ୍ରମୁଖ ଯୋଗ ଦେଇଥିଲେ।




ଅନୁଗୋଳ ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି।

ପ୍ରଥମ ପୃଷ୍ଠାରୁ

## କଳାହାଣ୍ଡି, ନୂଆପଡ଼ାରେ...

କଲେଜ, ସରକାରୀ କୃଷି ମହାବିଦ୍ୟାଳୟ ଆଜି ଜିଲାର ପିଲାମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। କଳାହାଣ୍ଡିରେ ୧୦୦ ଆସନବିଶିଷ୍ଟ ସରକାରୀ ମେଡିକାଲ କଲେଜର ନିର୍ମାଣ କାମ ଖୁବ୍‌ଶୀଘ୍ର ଶେଷ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଟୁକୁନି ସାହୁ, ଶକ୍ତି ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କଳାହାଣ୍ଡିର ରୂପାନ୍ତର ଉପରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ।

ସେହିପରି ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ୍‌ରେ ନୂଆପଡ଼ା ଜିଲାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରି କହିଛନ୍ତି, ଜିଲାର ପ୍ରାୟ ୧.୭୩ ଲକ୍ଷ ଲୋକ ଏହି ସୁବିଧା ପାଇବେ। ନୂଆପଡ଼ା ସହିତ ରାଜ୍ୟର ୧୦ ଜିଲା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛି। ସେହିପରି ଭଲ ପିଇବା ପାଣି ହେଉଛି ନୂଆପଡ଼ାର ଗୋଟିଏ ବଡ଼ ଆବଶ୍ୟକତା। ତାହାକୁ ପୂରଣ କରିବା ପାଇଁ ଜିଲାର ସବୁ ବ୍ଲକ୍, ଗାଁ ଓ ପଡ଼ାକୁ ପାଇପ ପାଣି ଯୋଗାଇ ଦେବା ପାଇଁ କାମ ଜାରି ରହିଛି। ନୂଆପଡ଼ା ଓ କୋମନା ପାଇଁ ଦୁଇଟି ମେଗା ପାଇପ ପାଣି ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଜିଲାର ୮୦ ପ୍ରତିଶତ ଲୋକ ଭଲ ପିଇବା ପାଣି ପାଇପାରିବେ ବୋଲି ସେ କହିଛନ୍ତି।

ନୂଆପଡ଼ା ମିନି ଷ୍ଟାଡିୟମ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ଅନୁରୋଧରେ ଖରିଆରର ଇଭାନଜେଲିକାଲ ହସ୍ପିଟାଲକୁ ବିଏସ୍‌କେୱାଇରେ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଦ୍ୱାରା ଜିଲାର ଲୋକମାନେ ଏହି ହସ୍ପିଟାଲରେ ସ୍ମାର୍ଟ କାର୍ଡ ଜରିଆରେ ଚିକିତ୍ସା ସୁବିଧା ପାଇପାରିବେ। ନୂଆପଡ଼ାର ଚାଷୀମାନଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ନୂଆପଡ଼ା ନୂଆ ପରିଚୟ ନେଇ ଆଗକୁ ବଢୁଛି। ନୂଆପଡ଼ାର ଚାଷୀମାନେ ଫସଲର ବିବିଧକରଣ, ଜୈବସାର ଓ କୀଟନାଶକ ଉପରେ ଗୁରୁତ୍ୱ ଦେଉଛନ୍ତି। ଚାଷୀମାନଙ୍କ ରୋଜଗାର ବଢିବା ସହିତ ଲାଭ ମଧ୍ୟ ହେଉଛି। ନୂଆପଡ଼ା ବ୍ଲକ ସାଲିନା ଗାଁର ମୋହନ ଶବର ନାମକ ଜଣେ ବ୍ୟକ୍ତିଙ୍କର ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କର ଦେଢ ଏକର ଜମି ଆଜି ସାଢେ ଚାରି ଏକରରେ ପହଞ୍ଚିଲାଣି। ପରିବା ଚାଷରେ ତାଙ୍କର ରୋଜଗାର ମଧ୍ୟ ଭଲ ହେଉଛି। ସେ ଆଜି ସମସ୍ତଙ୍କ ପାଇଁ ପ୍ରେରଣା। ସରକାରଙ୍କ ବିଭିନ୍ନ ଯୋଜନାର ସୁଯୋଗ ନେବାକୁ ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ଓ ଖରିଆର ବିଧାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ନୂଆପଡ଼ାର ବିକାଶ ଉପରେ ଆଲୋକପାତ କରିଥିଲେ।

## ଆଜି ଓଡ଼ିଶା...

ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଓ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରିବାକୁ ଜଗନଙ୍କୁ ପ୍ରସ୍ତାବ ଦେଇଥିଲେ। ସେହିପରି ଅକ୍ଟୋବର ପହିଲାରେ ମଧ୍ୟ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନ୍ୟ ଏକ ପୃଥକ୍ ଚିଠି ଲେଖି ଆନ୍ଧ୍ରପ୍ରଦେଶର ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକରେ ଓଡ଼ିଆ ଭାଷାଭିତ୍ତିକ ଶିକ୍ଷା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ। ବିଶେଷତଃ ଓଡ଼ିଶା-ଆନ୍ଧ୍ର ସୀମାରେ ଥିବା ଗାଁର ସଂଖ୍ୟାଲଘୁ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ବ୍ୟକ୍ତିଗତ ସ୍ତରରେ ହସ୍ତକ୍ଷେପ କରନ୍ତୁ ଏବଂ ତ୍ୱରିତ ପଦକ୍ଷେପ ନେଇ ଉଭୟ ରାଜ୍ୟ ମଧ୍ୟରେ ବୁଝାମଣା କରିବାକୁ ଅନୁରୋଧ କରିଥିଲେ। ଏତଦବ୍ୟତୀତ କେନ୍ଦ୍ରମନ୍ତ୍ରୀ ଅନେକ ସମୟରେ ନବୀନଙ୍କୁ ମଧ୍ୟ ଓଡ଼ିଶା ଓ ଆନ୍ଧ୍ର ସୀମା ବିବାଦର ସମାଧାନ ପାଇଁ ବ୍ୟକ୍ତିଗତ ସ୍ତରରେ ପଦକ୍ଷେପ ନେବାକୁ ସେ ବାରମ୍ବାର ଅନୁରୋଧ କରିଛନ୍ତି। ୨୦୧୮ ଏପ୍ରିଲ ୯ ରେ ମଧ୍ୟ କୋରାପୁଟ ଜିଲା ଗସ୍ତରେ ଯାଇ କୋଟିଆ ଗ୍ରାମର ଲୋକଙ୍କ ସହ ସାକ୍ଷାତ୍ ଆଲୋଚନା କରି ସେତେବେଳେ ରାଜ୍ୟ ସରକାରଙ୍କୁ ଆପୋସ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ ସେ ପରାମର୍ଶ ଦେଇଥିବା ଧର୍ମେନ୍ଦ୍ର କହିଛନ୍ତି।

## ବିଷାକ୍ତ ଫେଣରେ...

ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଡିଡିଏମ୍‌ଏ) ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇଥିଲା। ବୁଡ଼ ପକାଇବା ପାଇଁ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ ହୋଇଥିଲା। ଏହା ସତ୍ତ୍ୱେ ବହୁସଂଖ୍ୟାରେ ଲୋକେ ଯମୁନାରେ ବୁଡ଼ ପକାଇଛନ୍ତି। ଯମୁନାକୁ ପ୍ରଦୂଷଣମୁକ୍ତ କରିବା ଲାଗି ଦିଲ୍ଲୀ ସରକାର ୯ ସୂତ୍ରୀ କାର୍ଯ୍ୟଯୋଜନା କାର୍ଯ୍ୟକାରୀ କରିଥିଲେ। ଏହା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇ ନ ଥିବାରୁ ଶାସକ ଆମ୍ ଆଦ୍‌ମୀ ପାର୍ଟିକୁ ବିରୋଧୀ ଦଳ ସମାଲୋଚନା କରିଛନ୍ତି।

## ପାହାଡ଼ ପାଲଟୁଛି...

୨୦୦ରୁ ୩୦୦ ଫୁଟ ପର୍ଯ୍ୟନ୍ତ ଗାତ ସୃଷ୍ଟି ହେଉଛି। ଏଥିରେ ଆମୋନିଆ, ପଟାସ, ଗନ ପାଉଡ଼ର ପ୍ରଭୃତି ରାସାୟନିକ ଦ୍ରବ୍ୟ ଭର୍ତ୍ତି କରି ମେଶିନ ସାହାଯ୍ୟରେ ୱାଗନ ଡ୍ରିଲିଂ ହେଉଛି। ଗୋଟିଏ ୱାଗନ ଡ୍ରିଲିଂରେ ପ୍ରାୟ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ୩ ଲକ୍ଷ ଟନ ପଥର ଉତ୍ତୋଳନ କରାଯାଉଛି। ତାହାକୁ ନିକଟସ୍ଥ ୧୯ଟି ମେଗାକ୍ରଶରରେ ଚିପ୍ସ କରାଯାଇ ବଜାରରେ ବିକ୍ରି ହେଉଛି। ୱାଗନ ଡ୍ରିଲିଂ ପାଇଁ ରାଜ୍ୟ ବାହାରୁ ବିଶାରଦ ଆସୁଛନ୍ତି। ସରକାରୀ ଭାବେ ଶର୍ଟ ହୋଲ୍ ଡ୍ରିଲ୍ ଓ ଲଙ୍ଗ୍ ହୋଲ୍ ଡ୍ରିଲ କରିବାକୁ ନିୟମ ରହିଛି। ଖଣି ବିଭାଗ ଏଥିପାଇଁ ଅନୁମତି ମଞ୍ଜୁର କରିଥାଏ। ଲଙ୍ଗ୍ ହୋଲ୍ ଡ୍ରିଲରେ ସର୍ବାଧିକ ୬ ମିଟର ପର୍ଯ୍ୟନ୍ତ ଗାତ କରିହୁଏ। ଶର୍ଟ ହୋଲ ଡ୍ରିଲ୍‌ରେ ୧ରୁ ଦେଢ଼ ମିଟର ଗାତ ଖୋଲି ଡ୍ରିଲିଂ କରିବାକୁ ନିୟମ ରହିଛି। କିନ୍ତୁ ଏହିସବୁ ନୀତି ନିୟମକୁ ନ ମାନି ଭୂତଳ ଜଳସ୍ତର ପର୍ଯ୍ୟନ୍ତ ଗାତ ଖୋଲି ଡ୍ରିଲିଂ କରାଯାଉଛି। ଫଳସ୍ୱରୂପ କେବଳ ଡଙ୍କାରୀ ନୁହେଁ, ମଧୁପୁରଗଡ଼, କୁକୁଡ଼ାଖାଲି, ଭୁବନପୁର, ପନ୍ତୁରୀ, ରଗଡ଼ିପସି, ଚଢ଼େଇଧରା, ପଇତରା, ଦୌଲତପୁର, ଗୋଗରସରା, ବରଡ଼ା, ଝଟିଆପଡ଼ା, କୁରିକଣା, ବାଟିଯୋଡ଼ା, ବାରମାଣ, ଚଡ଼କମରା, ସାହାଣିଡ଼ିହ, ଅଣ୍ଟିଆ, କମାଗଡ଼, ଭରତପୁର, ପଚ୍ଛୁଖୁଣ୍ଟି, ଇଚ୍ଛାପୁର, ବେଢ଼ା ପ୍ରଭୃତି ଗ୍ରାମବାସୀ ଏଥିଯୋଗୁ ପ୍ରଭାବିତ ହେଉଛନ୍ତି।

## ଦ୍ୱନ୍ଦ୍ୱ ଦୂର...

ଅଭିଯୁକ୍ତ ଗୋବିନ୍ଦଙ୍କ ସହ ମମିତା କେବେ ରାୟପୁର ଯାଇନାହାନ୍ତି। ଏଣୁ ତାଙ୍କ ଝିଅର ଚରିତ୍ର ସଂହାର କରା ନ ଯାଉ କି ଏହି ଘଟଣାକୁ ନେଇ ରାଜନୀତି କରା ନ ଯାଉ ବୋଲି ଭିଡିଓ ବାର୍ତ୍ତାରେ ସୁଚନ୍ଦ୍ର କହିଛନ୍ତି। ଅନ୍ୟପକ୍ଷରେ ମମିତାଙ୍କ ପରିବାର ଉପରେ ସରକାରଙ୍କ ତରଫରୁ ଚାପ ରହିଥିବା ସୁନ୍ଦରଗଡ ଏମ୍‌ପି ତଥା ବରିଷ୍ଠ ଭାଜପା ନେତା ଜୁଏଲ ଓରାମ ଅଭିଯୋଗ କରିଛନ୍ତି।

ଏକ ମାସ ପରେ ମଧ୍ୟ ମମିତା ହତ୍ୟା ଘଟଣାକୁ ନେଇ ସ୍ୱଷ୍ଟ ଚିତ୍ର ମିଳୁନାହିଁ। ଅଭିଯୁକ୍ତ ଗୋବିନ୍ଦ ଟିଟିଲାଗଡ ବାରାକ୍‌ରୁ ଫେରାର ହେବା, ୪୦ ଘଣ୍ଟା ପରେ ଧରାପଡିବା, ୫ ଦିନିଆ ରିମାଣ୍ଡରେ ଗୋବିନ୍ଦ ସବୁ ସତ ଓଗାଳିବା, ରାଧେଶ୍ୟାମଙ୍କ ଘରୁ ଏକ ବ୍ୟାଗ, ଲୁଗା ଓ ମୋବାଇଲ ମିଳିବା, ମମିତାଙ୍କ ପେନ୍ ଡ୍ରାଇଭ, ମୋବାଇଲ ଫୋନ୍ ନ ମିଳିବା ଘଟଣା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରଶ୍ନ ଗୁଡିକର ଉତ୍ତରରେ ପୋଲିସ ଯାହା ସବୁ କହୁଛି ତାହା ଜନସାଧାରଣଙ୍କ ଦ୍ୱନ୍ଦ୍ୱ ଦୂର କରିବାରେ ଯଥେଷ୍ଟ ହେଉନାହିଁ। ଏକ ମାସ ପରେ ମଧ୍ୟ ଅନେକ ଅସମାହିତ ପ୍ରଶ୍ନ ରହିଛି ଓ ଏହା ପୋଲିସର ନିରପେକ୍ଷ ତଦନ୍ତକୁ ନେଇ ପ୍ରଶ୍ନ ସହ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି।

## ସିଡିଏସ୍‌ଏଲ୍‌ର ୪...

ସେମାନଙ୍କ କାର୍ଯ୍ୟ ପରିସର ଭିନ୍ନ। ତେବେ ସାଇବର ଏକ୍ସ୍‌ୱ ପକ୍ଷରୁ କୁହାଯାଇଛି, ଦ୍ୱିତୀୟ ଥର ଯେତେବେଳେ ସମସ୍ୟାକୁ ଧରାଯାଇଥିଲା ତା'ର ତୀବ୍ରତା ଏତେ ନ ଥିଲା। ସାଇବର ଅପରାଧୀମାନେ ନିଶ୍ଚିତ ଭାବେ ଡାଟା ଚୋରି କରିଥାଇପାରନ୍ତି ବୋଲି ସନ୍ଦେହ ରହିଛି। ଚୋରି ହେଉଥିବା ଡାଟା ଫିସର ଏବଂ ସାଇବର ଅପରାଧୀଙ୍କ ଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ଡାଟା ବ୍ୟବହାର ଦ୍ୱାରା ସେମାନେ ବ୍ରୋକର, ବ୍ୟାଙ୍କ, ବିଜ୍‌ନେସ ହାଉସ ଏବଂ ସାଧାରଣ ନିବେଶକଙ୍କୁ ଟାର୍ଗେଟ କରିବା ସହ ଠକିବାରେ ବ୍ୟବହାର କରୁଥିବାର ଅଭିଯୋଗ ଆସୁଛି। ପରିଚୟ ଏବଂ ଅନ୍ୟ ଡାଟା ପାଇବା ଦ୍ୱାରା ଲୋକଙ୍କୁ ଆର୍ଥିକ ଠକେଇ କରିବାରେ ଲାଗୁଥିବା ଉକ୍ତ ସାଇବର ନିରାପତ୍ତା ଫାର୍ମ ପକ୍ଷରୁ କୁହାଯାଇଛି।




ଚାକିରି ନିୟମିତ କରିବା ସହ ବିଭିନ୍ନ ଦାବି ନେଇ ଅଲ୍ ଓଡ଼ିଶା ଗ୍ରାଜୁଏଟ୍ କଣ୍ଟ୍ରାକ୍‌ଚୁଆଲ ଆଇସିଡିଏସ୍ ସୁପରିଭାଇଜର୍ସ ଆସୋସିଏଶନ ପକ୍ଷରୁ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା।

# ବାଣ ଫୁଟି ନାବାଳକ ଆଖି ହରାଇଲେ

ରସୁଲପୁର,୮।୧୧(ଡି.ଏନ.ଏ.)

ଧର୍ମଶାଳା ଥାନା ବ୍ରହ୍ମବରଦା ଫାଣ୍ଡି ବନ୍ଧଡିହ ପଞ୍ଚାୟତ ୧୭ନମ୍ବର ୱାର୍ଡର ଅମୂଲ୍ୟ ଦଳେଇଙ୍କ ନାବାଳକ ପୁଅ ଦେବପ୍ରସାଦ(୧୨)ଙ୍କ ଗୋଟିଏ ଆଖି ନଷ୍ଟ ହୋଇଯାଇଛି। ଦୀପାବଳିରେ ବାଣ ଫୁଟାଇବା ବେଳେ ବାଣରୁ ଏକ ନଡ଼ିଆ ଷଢ଼େଇ ଖଣ୍ଡ ଆଖି ଭିତରେ ପଶିଯିବାରୁ ତାଙ୍କ ଡାହାଣ ଆଖିଟି ଗୁରୁତର ଆଘାତ ପାଇଥିଲା। କଟକ ବଡ଼ ଡାକ୍ତରଖାନାରେ ଅସ୍ତ୍ରୋପଚାର କରାଯିବା ପରେ ବାରୁଦ ପ୍ରଭାବରେ ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡ଼ିଥିଲା। ଏହାପରେ ଡାକ୍ତରୀ ଦଳ ସେହି ଆଖି ଡୋଳାକୁ ବାହାର କରି ଦେଇଛନ୍ତି। ଦୀପାବଳି ଦିନ ଦେବପ୍ରସାଦ ବାଣ ଫୁଟାଉ ଥିଲେ। ଅଧିକ ଶବ୍ଦ ପାଇଁ ସେ ବାଣ ଉପରେ ଏକ ନଡ଼ିଆ ଖୋଳ ରଖି ନିଆଁ ଲଗାଇ ଦେଇଥିଲେ। ବାଣ ଫୁଟିବା ପରେ ଷଢ଼େଇର ଏକ ଖଣ୍ଡ ଦେବପ୍ରସାଦଙ୍କ ଆଖି ଡୋଳାରେ ପଶିଯାଇଥିଲା। ତାଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଚଳିତବର୍ଷ ଦୀପାବଳିରେ ସବୁଜ ବାଣକୁ ଅନୁମତି ଦିଆଯାଇଥିଲା। ମାତ୍ର ଏହି ନିୟମକୁ ଉଲ୍ଲଂଘନ କରାଯାଉଥିଲେ ମଧ୍ୟ ପ୍ରଶାସନ ନୀରବ ରହିଥିଲା। ଏ ସଂକ୍ରାନ୍ତରେ ପୋଲିସ ନିଜ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ସହିତ ବାଣ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ତହସିଲଦାରଙ୍କୁ ଘେରିଲେ ବସ୍ତିବାସିନ୍ଦା



ଉତ୍ତ୍ୟକ୍ତ ବସ୍ତିବାସିନ୍ଦା ତହସିଲଦାରଙ୍କୁ ଘେରାଉ କରିଛନ୍ତି।

**ଜଟଣୀ,୮।୧୧(ଡି.ଏନ୍.ଏ.):** ଜଟଣୀରେ ଥିବା ରେଲୱେ ଅଞ୍ଚଳର ବିକାଶ ପାଇଁ ଗଢ଼ିଉଠିଥିବା ବସ୍ତିକୁ ଉଚ୍ଛେଦ କରାଯାଉଛି। ତେବେ ଥଇଥାନ ପୂର୍ବରୁ ରେଳ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବା ବିରୋଧରେ ସୋମବାର ଶତାଧିକ ବସ୍ତିବାସିନ୍ଦା ତହସିଲଦାର ତପନ କୁମାର ମହାପାତ୍ରଙ୍କୁ ଘେରିଥିଲେ। ଏଥିସହ ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରିବାକୁ ଦାବି କରିଥିଲେ। ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀ ସ୍ମୃତି କମିଟି ସହାୟତାରେ ବସ୍ତିବାସିନ୍ଦା ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ତେବେ ଥଇଥାନ ପୂର୍ବରୁ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରଖିବା ପାଇଁ ଖୀର୍ଦ୍ଧାରୋଡ ରେଳମଣ୍ଡଳ ପ୍ରବନ୍ଧକଙ୍କୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପତ୍ର ପଠାଯାଇଥିବା ତହସିଲଦାର ମହାପାତ୍ର କହିବା ପରେ ଘେରାଉ ହଟିଥିଲା। ଏହି ଘେରାଉରେ ସ୍ମୃତି କମିଟି ସମ୍ପାଦକ ସୁରେଶ ବେହେରା, କୋଷାଧ୍ୟକ୍ଷ ଛବି ପାଇକରାୟ, ସଭାପତି ବିଭୁତିଭୂଷଣ ମିଶ୍ର, ଶିବ ରଥ, ରିନା ବେହେରା, ସାରଦା ଦାସଙ୍କ ସମେତ ଶତାଧିକ ବସ୍ତି ବାସିନ୍ଦା ସାମିଲ ହୋଇଥିଲେ।

# ଜମିଜମା ପଞ୍ଜୀକରଣ ସରଳୀକରଣ ପ୍ରକ୍ରିୟାକୁ ଗୁରୁତ୍ୱ

କଟକ ଅଫିସ, ୮।୧୧

ରାଜ୍ୟ ସରକାରଙ୍କ ପକ୍ଷରୁ ଜମିଜମା ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ କରାଯିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ସୋମବାର ନିବନ୍ଧନ ମହାନିରୀକ୍ଷକ ଜ୍ୟୋତି ପ୍ରକାଶ ଦାସ ଜମିଜମା ପଞ୍ଜୀକରଣ ସରଳୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଜନସାଧାରଣଙ୍କୁ ତ୍ୱରିତ ସେବା ଉପଲବ୍ଧ କରାଇବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ ଦ୍ୱାରା ଜନସାଧାରଣ ଏଣିକି ନିଜ ଘରେ ବସି ଆଇ.ଜି.ଆର. ପୋର୍ଟାଲ ଏବଂ ଓଡ଼ିଶା ଟ୍ରେଜେରି ପୋର୍ଟାଲ ମାଧ୍ୟମରେ ସମ୍ପତ୍ତି ହସ୍ତାନ୍ତର ତଥା ଜମିଜମା ବିକ୍ରି-ଖର୍ଦ୍ଦି ପଞ୍ଜୀକରଣ କରିପାରିବେ। ଏଥିଲାଗି ଜନସାଧାରଣଙ୍କୁ ଅନ୍ୟ କୌଣସି ବ୍ୟକ୍ତିଙ୍କ ଉପରେ ନିର୍ଭର କରି ଅଯଥାରେ ହଇରାଣ ହେବାକୁ ପଡିବ ନାହିଁ। ଜମିର ସରକାରୀ ମୂଲ୍ୟ ଜାଣିବା, ପଞ୍ଜୀକରଣ ନିମନ୍ତେ ନିର୍ଦ୍ଧାରିତ ଷ୍ଟାମ୍ପ ଦେୟ ଓ ଫି ଦେୟ ବାବଦରେ ସମସ୍ତ ତଥ୍ୟ ଏହି ପୋର୍ଟାଲରୁ ଜାଣିହେବ। ଏପରିକି ଜନସାଧାରଣଙ୍କ ସମ୍ପତ୍ତି ପଞ୍ଜିକରଣ ପୂର୍ବରୁ ଏହି ପୋର୍ଟାଲ ମାଧ୍ୟମରେ ଦସ୍ତାବିଜକୁ ସମ୍ପୃକ୍ତ ସବ-ରେଜିଷ୍ଟ୍ରାର ଅଫିସକୁ ପଠାଇ ଆଗୁଆ ତାରିଖ ଓ ସମୟ ଧାର୍ଯ୍ୟ କରିପାରିବେ। ସେଣ୍ଟ୍ରାଲ ରେକର୍ଡ କିପିଂ ଏଜେନ୍ସି (ସି.ଆର୍.ଏ) ୱେବସାଇଟ ଦ୍ୱାରା ଇ-ଷ୍ଟାମ୍ପ ସାର୍ଟିଫିକେଟ କ୍ରୟ ତଥା ଷ୍ଟାମ୍ପ ଡ୍ୟୁଟି ପ୍ରଦାନ କରିବା ସହ ଓଡ଼ିଶା ଟ୍ରେଜେରି ପୋର୍ଟାଲ ମାଧ୍ୟମରେ ପଞ୍ଜିକରଣ ଓ ଫି ପଇଠ କରିପାରିବେ। ଏଥିସହ ଆଇଜିଆର୍ ପୋର୍ଟାଲ ମାଧ୍ୟମରେ ଅନଲାଇନ ଏନକମ୍ବାରେନ୍ସ ସାର୍ଟିଫିକେଟ ବା ଇ.ସି. ପାଇପାରିବେ। ଏଥିଲାଗି ସମସ୍ତ ସରକାରୀ ଦେୟ ଓ ସେବା ଦେୟ ଓଡ଼ିଶା ଟ୍ରେଜେରି ପୋର୍ଟାଲ (ଏସ.ବି.ଆଇ. ଇ-ପେ) ଜରିଆରେ ପଇଠ କରିପାରିବେ। ଏତଦବ୍ୟତୀତ ଆଇଜିଆର ପୋର୍ଟାଲ ଦ୍ୱାରା ଘରେ ବସି ରାଜ୍ୟ ଓ ଜିଲାସ୍ତରୀୟ ସମିତିର ପଞ୍ଜିକରଣ କରିପାରିବେ। ଏଥିପାଇଁ ସରକାରୀ ଓ ସେବା ଦେୟ ଏସ୍‌ବିଆଇ ଇ-ପେ ଜରିଆରେ ପଇଠ କରିପାରିବେ। ସେହିପରି ବିବାହ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଇଚ୍ଛୁକ ପକ୍ଷମାନେ ପଞ୍ଜୀକରଣ କରିପାରିବେ। ଉପରୋକ୍ତ ସେବାଗୁଡିକ ବିଷୟରେ ସବିଶେଷ ତଥ୍ୟ ନିମନ୍ତେ ହେଲ୍ପ-ଲାଇନ ନମ୍ବର-୭୮୯୪୪୩୮୨୦୨/ ୭୮୯୪୪୩୮୨୨୦ ଏବଂ ଇ-ମେଲ ଠିକଣା helpdesk.igrodisha@gmail.comର ଉପଯୋଗ କରିପାରିବେ। ଏଥିସହ ନିବନ୍ଧନ କାର୍ଯ୍ୟାଳୟସ୍ଥିତ ହେଲ୍ପଡେସ୍କ ମାଧ୍ୟମରେ ତଥ୍ୟ ପାଇପାରିବେ। ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦର୍ଶିତ ବିଜ୍ଞାପନ ଜରିଆରେ ମଧ୍ୟ ଜନସାଧାରଣ ସମସ୍ତ ତଥ୍ୟ ସଂଗ୍ରହ କରିପାରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଡେପୁଟି ଆଇଜିଆର୍ ଡ. ସ୍ମିତା ମହାନ୍ତି କହିଛନ୍ତି।

TRIBAL DEVELOPMENT CO-OPERATIVE CORPORATION OF ORISSA LTD.
Tel. 0674-2542475/2542617, Fax-2544828;
Email: admin@tdccorissa.org, website: www.tdccodisha.org
Tender Notice No. 2126, dated 05.11.2021
Tender for supply, installation, testing and commissioning of one coffee pulping machine along with accessories on turnkey basis at Koraput, Odisha
No. CAD-1749:- Sealed tender/s is invited from registered dealers/ manufacturers/ authorized suppliers for supply, installation, testing and commissioning of one coffee pulping. The detail terms and conditions can be downloaded from the official website - www.tdccodisha.org. The last date and time of receipt of tender documents is up to **2:00 PM on 20.11.2021**.
OIPR-26005/11/0025/2122 Sd./- Managing Director

GOVERNMENT COLLEGE OF ENGINEERING, KEONJHAR
At: Jamunalia, P.O.- Old Town, Dist.- Keonjhar, PIN - 758002 (Odisha)
Tel.: 06766-213180, Web: www.gcekjr.ac.in
Mail ID: principal@gcekjr.ac.in
No. 1011 Date: 08.11.2021
NOTICE FOR REPORTING OF CANDIDATES FOR ADMISSION INTO 2ND YEAR LATERAL ENTRY B.TECH FOR THE ACADEMIC SESSION 2021-22
No. CAD-1751: The candidates allotted by OJEE-2021 for admission in this college for 2nd year Lateral Entry B.Tech in the academic session 2021-22 are required to report to the college for admission on 11.11.2021 & 13.11.2021. The details on date of reporting, documents to be submitted, fee to be deposited, fee structure, etc. are available on the college website **www.gcekjr.ac.in**.
Sd./- Principal
Government College of Engineering, Keonjhar
OIPR-14088/11/0004/2122

GOVERNMENT OF ODISHA No.A-588
DEPARTMENT OF WATER RESOURCES, OFFICE OF THE EXECUTIVE ENGINEER MINOR IRRIGATION DIVISION, JAJPUR
Mail ID- eemijajpur@gmail.com; Phone No. 06728-222008
E-Procurement Notice
Bid Identification No. 05/EE MID JAJ 2021-22

| | |
|---|---|
| Name of work: | Civil Construction works as mentioned in the website. |
| No. Works: | 2 (Two) Nos. |
| Estimated Cost: | Varies from Aproximately Rs.13.39 lakhs to Rs.20.79 lakhs. |
| Period of completion: | 120 (One twenty) days |
| Availability of Bid documents: | From Dated 09.11.2021 at 10.00 A.M. to Dated 17.11.2021 up to 5.00 P.M. in website (www.tendersorissa.gov.in) |
| Time of receipt of bid through on line: | From Dated 09.11.2021 at 10.00 A.M. to Dated 17.11.2021 upto 5.00 P.M. |
| Date of opening of bid documents: | Dated 18.11.2021 |
| Date of Lottery | Dated 23.11.2021 at 11.30 A.M. (If required) |
| Last date of Submission of APS, ISD & EMD for successful Bidder | Dated 30.11.2021 up to 5.00 P.M. |
| Mode of Payment of Bid Cost & Bid Security | No provisions regarding Bid Security should be kept in the Bid documents and only provision for "Bid Security Declaration" should be kept vide O.M. No. 5984, Dated: 27.04.2021 of Govt. of Odisha Works Department. |

Name and address of the OIT:- Executive Engineer, M.I. Division, Jajpur, At: Bhabaniganj, PO: Ankula, Jajpur, PIN-755001, E-mail: eemijajpur@gmail.com
Sd./- Executive Engineer, M.I. Division, Jajpur
OIPR-32280/11/0002/2122

CIME Bhubaneswar NAAC Accredited
CAD-1754
COLLEGE OF IT & MANAGEMENT EDUCATION
(A Constituent College of BPUT, Odisha)
Plot No.4, Sector-A, Zone-B, Mancheswar Indl. Estate, Bhubaneswar-751010, Tel: 0674-2582442, www.cime.ac.in
NOTICE FOR REPORTING OF CANDIDATES FOR THE ACADEMIC SESSION 2021-22
The freshers who have been allotted seat (Final Round Allotment) in this Institute through the OJEE-2021 Counselling are advised to report for admission into **1st year MBA, MCA, M.Sc (CS) and M.Tech (CSE) from 10.11.2021 to 15.11.2021** within working hours. For further details, visit our website: **www.cime.ac.in** or contact Mr.Sudhir Kumar Senapati (9078499282)/Dr P. D. Das (7978668517)/0674-2587267.
OIPR-44005/11/0004/2122 PRINCIPAL

OFFICE OF THE NOTIFIED AREA COUNCIL, BIJEPUR
At/P.O./P.S.- Bijepur, Dist.- Bargarh (Odisha), PIN - 768032
Phone No. 06685-274153, E-mail ID: bijepurnac2018@gmail.com
No. 1330 Dt.08.11.2021
"e" Procurement Notice
Bid Identification No. EO/Bijepur/03/2021-22
No. C-1231: Bid documents consisting of sepcification, the schedule of quantities and the set of terms and conditions of contract and other necessary documents can be seen in the Gov. website i.e. **www.tendersodisha.gov.in**.
1. Nature of work : Civil Works
2. No. of works : 07 Nos.
3. Estimated Cost : As per NIT
4. Period of Completion : As per NIT
5. Date and time of availability of the documents in the portal : From 10 hours of 09.11.2021 to 17 hours of 18.11.2021
6. Last date/time for receipt of bids in the portal : Dt.18.11.2021 upto 17 hours
7. Bids received online shall be opened on : Dt.20.11.2021 at 11 hours
8. Name and address of the Officer Inviting Bid : Executive Officer, Bijepur NAC
Further, the details can be seen from the procurement portal **www.tendersodisha.gov.in**.
Sd./- Executive Officer, Bijepur NAC
OIPR-13123/11/0005/2122

GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BHAWANIPATNA
Parmanandapur, Railway Station Road, Bhawanipatna, Dist.- Kalahandi, PIN - 766002
NATIONAL COMPETITIVE BIDDING THROUGH e-Procurement
Identification No. SEPHC-BHPT-05 of 2021-22 / Dt.02.11.2021
No. C-1225
e-Procurement Notice
Name of the Work : Construction of RCC Reservoirs, Supplying, Erection, Testing & Commissioning of Pump set, construction of intake structure with External Electrification & ancillary works in Different ULBs under PH Circle, Bhawanipatna.
Total No. of Works : 03 (Three)
Estimated Cost : Approx. Rs.119.15 to Rs.489.75 lakhs
Class of Contractor : B, A & Special
Period of Completion : 6 Calendar Months

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & time of Opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Additional Chief Engineer, P.H. Circle, Bhawanipatna | SEPHC-BHPT-05 of 2021-22 | 03 (Three) | 09.11.2021 | 23.11.2021 | 24.11.2021 |

For details can be seen from the Government website: **www.tendersorissa.gov.in**.
OIPR-13055/11/0005/2122 Sd./- Additional Chief Engineer, P.H. Circle, Bhawanipatna

OFFICE OF THE EXECUTIVE ENGINEER FISHERY ENGINEERING DIVISION
MATSYASADAN, LAXMISAGAR, CUTTACK ROAD, BHUBANESWAR - 6
Phone/Fax: 0674-2313250, Email: eefedbbsr@gmail.com
Bid Identification No. 08/FED/2021-2022
No. M-46
INVITATIONS FOR BIDS (IFB)

| Sl. No. | Name of the Work | Amount | Class of Contractor | Period of Completion |
|---|---|---|---|---|
| 1 | Construction of Floating Jetty and Allied Infrastructure for Cage Culture Project at Hirakud (Part-1) (Land Ward facility) | Rs.86,69,241.00 | 'B' & 'A' | 04 (Four) Calendar Months |
| 2 | Construction of Floating Jetty and Allied Infrastructure for Cage Culture Project at Hirakud (Civil Work) | Rs.88,39,895.00 | 'B' & 'A' | 04 (Four) Calendar Months |
| 3 | Date & Time of availability of Bid Document in the portal | : 10.11.2021 | | |
| 4 | Last Date/Time for receipt of bids in the portal | : 25.11.2021 upto 17.00 hours | | |
| 5 | Name and address of the Officer Inviting Bid | : Executive Engineer, Fishery Engineering Division, Matsyasadan, Cuttack Road, Laxmisagar, Bhubaneswar - 751006 | | |

Further details can be seen from the e-procurement portal **http://tendersorissa.gov.in**.
1. The Bid Document shall be uploaded in the portal by the Officer Inviting Tender.
2. The Tender Documents published by the Tender Inviting Officer in the website **http://tendersorissa.gov.in**.
N.B.: Subsequent corrigendum/addendum if required shall be available in the website as indicated above.
OIPR-06018/11/0003/2122 Sd./- Executive Engineer, Fishery Engineering Division, Bhubaneswar

OFFICE OF THE DEPUTY DIRECTOR SIMILIPAL SOUTH WILDLIFE DIVISION, BARIPADA
Phone: 06792-259126, Fax: 06792-256705
e-mail: ddsimilipal.od@gov.in
TENDER CALL NOTICE
No. 4790 Date: 22.10.2021
No. MM-232: Sealed tenders are invited from the reputed & registered manpower agencies/service provider to provide the services of various categories of trained/experienced 450 Nos. of persons to work in Similipal South Wildlife Division, Baripada, Mayurbhanj. The intersted service provider may quote their lowest rate in separate seal covers for outsourcing the service of aforesaid persons have been given in the tender documents which may be collected from the O/o. the Deputy Director, Similipal South WL Division, Bhanjpur, Baripada on any working days by payment of Rs.10,000/- (Rupees ten thousand) only per service provider.
Last date and time of receipt of Tender documents : 16.11.2021 upto 01.00 P.M.
Date and time of opening tender: 16.11.2021 at 03.30 P.M.
The undersigned reserves the right to reject or accept any or all the tenders without assigning any reason thereof.
Sd./- Deputy Director
Similipal South WL Division, Baripada
OIPR-08127/11/0005/2122

ଫ୍ୟାଶନ୍

# ଶାଢ଼ି ପ୍ୟାଣ୍ଟ



ଫ୍ୟାଶନେବଲ୍ ଏବଂ ଡିଫରେଣ୍ଟ ଲୁକ୍ ପାଇଁ ଅଧିକାଂଶ ଝିଅ ଭିନ୍ନ ଭିନ୍ନ ଡିଜାଇନ୍‌ର ପୋଷାକ ପରିଧାନ କରୁଛନ୍ତି । ତେବେ ବର୍ତ୍ତମାନ ଶାଢ଼ି ସହ ପ୍ୟାଣ୍ଟର ଫ୍ୟାଶନ୍ ଟ୍ରେଣ୍ଡରେ ଅଛି । ତେବେ କେଉଁ ଶାଢ଼ି ସହ କେଉଁ ପ୍ୟାଣ୍ଟ ପିନ୍ଧିଲେ ଆଟ୍ରାକ୍ଟିଭ୍ ଲୁକ୍ ପାଇପାରିବେ, ଆସନ୍ତୁ ଜାଣିବା...

**ସିଲ୍କ ଶାଢ଼ି ସହ ପ୍ୟାଣ୍ଟ**–ବିବାହ, ପାର୍ଟି କିମ୍ବା ଫଙ୍କସନ୍‌ରେ ସିଲ୍କ ଶାଢ଼ି ସହ ପ୍ୟାଣ୍ଟ ଭଲ ଲୁକ୍ ଦେବ। ଏହା ସହ ମ୍ୟାଚିଙ୍ଗ୍ କରି ଆପଣ ନେକ୍‌ଲେକ୍ସ ଓ ଇଅର ରିଙ୍ଗ୍ସ ବି ପିନ୍ଧିପାରିବେ।

**ଜିନ୍ସ ସହ ଶାଢ଼ି**– ଫେଷ୍ଟିଭ ସିଜନ୍‌ରେ ଏଭଳି ଆଉଟଫିଟ୍ ଷ୍ଟାଇଲିସ୍ ଲୁକ୍ ଦେବ। ଏଥିପାଇଁ ଟ୍ରାଡିଶନାଲ୍ ହେଉ ଅବା ଗର୍ଜିଅସ୍ ୱାର୍କ ଥିବା ଫ୍ୟାନ୍‌ସି ଶାଢ଼ି ସହ ଆପଣ ଆଙ୍କେଲ୍ ଲେନ୍ଥ ଜିନ୍ସ ଟ୍ରାଏ କରିପାରିବେ। ଏହା ସହ ବେଲ୍ଟ ଏବଂ ହାଇନେକ୍





ବ୍ଲାଉଜ୍ ମଧ୍ୟ ପିନ୍ଧିପାରିବେ।

**ଚୁଡ଼ିଦାର ସହ ବନାରସୀ ଶାଢ଼ି**– ଲାଇଟ୍ କଲର୍ ବନାରସୀ ଶାଢ଼ି ସହିତ ଗୋଲ୍ଡେନ୍ କଲର୍ ପ୍ୟାଣ୍ଟ ବେଶି ଭଲ ମାନିଥାଏ। ସରୁ ବେଲ୍ଟ ଏବଂ ହାଇ ହିଲ୍ସ ଆପଣ ଏହା ସହ ପିନ୍ଧି ଗ୍ଲାମର୍ସ ଲୁକ୍ ପାଇପାରିବେ।

**ଧୋତି ପ୍ୟାଣ୍ଟ ସହ ଶାଢ଼ି**–ଏହା ଯେତିକି ଷ୍ଟାଇଲିସ୍, ସେତିକି କମ୍ଫର୍ଟେବଲ୍ ବି। ଧୋତି ପ୍ୟାଣ୍ଟର କଲର୍ ସହ ମ୍ୟାଚିଙ୍ଗ୍ କରି ପ୍ଲେନ୍ ଶାଢ଼ି କିଣନ୍ତୁ, ଯେଉଁଥିରେ ଆପଣ ଷ୍ଟାଇଲିସ୍ ଲୁକ୍ ପାଇପାରିବେ ଓ ଏହା ଆପଣଙ୍କୁ ଆହୁରି ଆକର୍ଷକ କରାଇବ।

**ଷ୍ଟ୍ରେଟ୍ ପ୍ୟାଣ୍ଟ ସହ ଶାଢ଼ି**– ଷ୍ଟ୍ରେଟ୍ ପ୍ୟାଣ୍ଟ ସହ ଶାଢ଼ି ପିନ୍ଧିଲେ ଆପଣ ଷ୍ଟାଇଲିସ୍ ଦେଖାଯିବେ। ଏହା ସହ ହେଭି ଜୁଏଲେରି ଏବଂ ଫୁଲ୍ ହ୍ୟାଣ୍ଡବ୍ଲାଉଜ୍ ପିନ୍ଧିପାରିବେ, ଯାହା ଆପଣଙ୍କର ସୌନ୍ଦର୍ଯ୍ୟକୁ ଆହୁରି ଅଧିକ ବଢ଼ାଇବ।

ସୌନ୍ଦର୍ଯ୍ୟ

# ରହିବନି ଷ୍ଟ୍ରେଚ୍‌ମାର୍କ

ଅନେକ ମହିଳାଙ୍କର ଶିଶୁ ଜନ୍ମ ହେବା ପରେ ପେଟରେ ଷ୍ଟ୍ରେଚ୍‌ମାର୍କ ଏବଂ କଳା ପଡିଯିବା ଭଳି ସମସ୍ୟା ଦେଖିବାକୁ ମିଳିଥାଏ ; ଯାହାକୁ ଦୂର କରିବା ଲାଗି ସେମାନେ ବିଭିନ୍ନ ପ୍ରକାର ମହଙ୍ଗା କ୍ରିମ୍ ମଧ୍ୟ ବ୍ୟବହାର କରିଥାନ୍ତି। ହେଲେ ଆପଣ ଚାହିଁଲେ ଅଳ୍ପ ଖର୍ଚ୍ଚରେ କେତେକ ଘରୋଇ ଉପଚାର ଦ୍ୱାରା ମଧ୍ୟ ଏହାକୁ ଦୂର କରିପାରିବେ...





**ଚନ୍ଦନ ପ୍ୟାକ୍ :** ଚନ୍ଦନରେ ରହିଛି ଅନେକ ଉପକାରୀ ଗୁଣ। ତେଣୁ ଏହା ଏକ ଆୟୁର୍ବେଦିକ ବିୟୁଟି ପ୍ରଡକ୍ଟ ଭାବେ ମଧ୍ୟ ପରିଚିତ। ପେଟରେ ହେଇଥିବା ଷ୍ଟ୍ରେଚ୍ ମାର୍କ ଦୂର କରିବା ପାଇଁ ମଧ୍ୟ ଏହା ବେଶ୍ ଉପକାରୀ। ଏଥିପାଇଁ ଘରେ ଚନ୍ଦନ ପେଡିରେ ଏହାକୁ ଘୋରି କିମ୍ବା ମାର୍କେଟ୍‌ରେ ମିଳୁଥିବା ସ୍ୟାଣ୍ଡେଲ୍ ପାଉଡରରେ କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଲଗାନ୍ତୁ ଏବଂ ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ୩–୪ ଥର କରନ୍ତୁ।

**ଆଲୋଭେରା:** ଆଲୋଭେରା ଜେଲ୍‌କୁ ଦିନରେ ଦୁଇଥର ପେଟରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ପେଟର ତ୍ୱଚା କୋମଳ ରହିବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହେବ।

**ଆଳୁ ରସ:** କଳା ଦାଗ ଦୂର କରିବା ପାଇଁ ଆଳୁ ରସ ଖୁବ୍ ଉପକାରୀ। ଏହାକୁ ପେଟରେ ଲଗାଇ କିଛି ସମୟ ପାଇଁ ଛାଡି ଦିଅନ୍ତୁ। ଆଳୁରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ସି ଅଛି, ଯାହା କଳାଦାଗ ଦୂର କରି ତ୍ୱଚା ଉଜ୍ଜ୍ୱଳ କରେ ଏବଂ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରେ। ପ୍ରତିଦିନ ଏହାକୁ ଲଗାଇଲେ ଶୀଘ୍ର ଆପଣଙ୍କ ସମସ୍ୟା ଦୂର ହୋଇପାରିବ।

**କାକୁଡି ରସ:** କାକୁଡି ରସରେ ଭିଟାମିନ୍ ଏ, ବି ଓ ପୋଟାସିୟମ୍ ବହୁ ପରିମାଣରେ ଅଛି। ଏହାକୁ ଲଗାଇଲେ ପେଟରେ ହୋଇଥିବା କଳାଦାଗ ଓ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ।

**ନଡିଆ ତେଲ:** ନଡିଆ ତେଲ ନିୟମିତ ପେଟରେ ମାଲିସ୍ କରିବା ଦ୍ୱାରା ପେଟର ତ୍ୱଚା ନରମ ହେବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ।

**ବାଦାମ:** ବାଦାମ ପାଉଡର କ୍ଷୀରରେ ମିଶାଇ ପେଟରେ ଲଗାନ୍ତୁ। ବାଦାମରେ ଥିବା ଭିଟାମିନ୍ ଇ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବା ସହ ଷ୍ଟ୍ରେଚ୍‌ମାକ ଦୂର କରିବାରେ ସାହାଯ୍ୟ କରେ।

# ପରିଣତ ବୟସରେ...

ଜୀବନର ସାୟାହ୍ନରେ ଯୌବନର ମାଦକତା ଓ ଇନ୍ଦ୍ରିୟ କାର୍ଯ୍ୟ କ୍ଷମତା ଧୀରେ ଧୀରେ ହ୍ରାସ ପାଏ। ଏହି ସମୟରେ ରୁଗ୍ଣତା ଆସିଲେ ଶରୀର ହୋଇପଡ଼େ ଦୁର୍ବଳ ଆଉ ବଞ୍ଚିବା ହୋଇଯାଏ ଦୁର୍ବିଷହ। ତେଣୁ ପରିଣତ ବୟସରେ ସୁସ୍ଥ ରହିବା ଲାଗି ମହିଳାମାନଙ୍କୁ ଶରୀରର ବିଶେଷ ଯତ୍ନ ନେବା ଆବଶ୍ୟକ...







ଡା. ବିଦ୍ୟୁତ୍‌ଲତା ମିଶ୍ର

ମହିଳାମାନେ ଗୃହିଣୀ ଭାବେ, କାର୍ଯ୍ୟକ୍ଷେତ୍ର ସହକର୍ମୀ ଭାବେ ଓ ଶିଶୁ ପରିଚର୍ଯ୍ୟାରେ ମା'ର ମମତା ନେଇ ପୁରୁଷଙ୍କୁ ସହଯୋଗ କରିଥାନ୍ତି। ବୟସ ଅଧିକ ହେଲେ ମଧ୍ୟ ସେଥିରୁ ଏମାନଙ୍କୁ ମୁକ୍ତି ମିଳି ନ ଥାଏ ବରଂ କାର୍ଯ୍ୟର ଭାର ବୃଦ୍ଧି ପାଇବାରେ ଲାଗିଥାଏ। ପ୍ରଥମେ ପୁଅ, ଝିଅ ଓ ଶାଶୁଶ୍ୱଶୁରଙ୍କର କାର୍ଯ୍ୟ ଓ ପରବର୍ତ୍ତୀ ସମୟରେ ପୁଅବୋହୂ ନାତି ନାତୁଣୀଙ୍କର ଦାୟିତ୍ୱ ବହନ କରିବାକୁ ପଡ଼ିଥାଏ। ଏହା ମଧ୍ୟରେ ସେମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ବସନ୍ତି ; ଯାହାର ଫଳସ୍ୱରୂପ ପରିଣତ ବୟସରେ ସେମାନଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଧୀରେ ଧୀରେ ବୟସ ବଢ଼ିବା ସହ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଅନେକଙ୍କଠାରେ ଦେଖାଦେଇଥାଏ।

ବୃଦ୍ଧାବସ୍ଥାରେ ମହିଳାମାନଙ୍କୁ ହେଉଥିବା ରୋଗଗୁଡ଼ିକୁ ଏହିପରି ଶ୍ରେଣୀ ବିଭାଗ କରାଯାଇପାରେ ଯଥା– ଶାରୀରିକ ରୋଗ, ମାନସିକ ରୋଗ। ଜାଣିବା ସେ ସମ୍ପର୍କରେ...

- ବର୍ତ୍ତମାନ ଅଧିକାଂଶ ବୟସ୍କା ମହିଳାଙ୍କଠାରେ ମଧୁମେହ ରୋଗ ଦେଖିବାକୁ ମିଳୁଛି। ସେହିପରି ମେଦବହୁଳତା ଏବଂ ହାଇକୋଲେଷ୍ଟେରଲ୍ ସମସ୍ୟା ମଧ୍ୟ ଦେଖିବାକୁ ମିଳୁଛି।
- ଏହାବ୍ୟତୀତ ଉଚ୍ଚ ରକ୍ତଚାପ ରୋଗ ଅଧିକାଂଶ ବୟସ୍କ ମହିଳା ଓ ପୁରୁଷ ସମସ୍ତଙ୍କଠାରେ ଦେଖାଯାଏ। ତେବେ ରଜୋ ନିବୃତି ବା ଋତୁସ୍ରାବ ବିରତି ପରେ ଉଚ୍ଚ ରକ୍ତଚାପ ପ୍ରାୟତଃ ବୟସ୍କ ମହିଳାଙ୍କଠାରେ ଦେଖାଯାଇଥାଏ। ସାଧାରଣତଃ ରକ୍ତଚାପ ଠାରୁ ଏହା ଅଧିକ ହେଲେ ବ୍ରେନ୍‌ଷ୍ଟ୍ରୋକ୍, ରକ୍ତସ୍ରାବ, ପକ୍ଷାଘାତ ବା ପାରାଲିସିସ୍ ପରି ଅନେକ ସମସ୍ୟା ଦେଖାଯାଇଥାଏ। କରୋନାରି ରକ୍ତନାଳି ରୋଗ କିମ୍ବା ଅନ୍ୟାନ୍ୟ କାରଣରୁ ହୃଦ୍‌ଘାତ ମଧ୍ୟ ଅନେକ ମହିଳାଙ୍କଠାରେ ଦେଖିବାକୁ ମିଳିଥାଏ।
- ପରିଣତ ବୟସରେ ଅନେକଙ୍କର ଦୃଷ୍ଟିଶକ୍ତି ଧୀରେ ଧୀରେ ହ୍ରାସ ପାଏ। ଏ ବୟସରେ ଚକ୍ଷୁରୋଗ ମଧ୍ୟରେ ମୋତିଆ ବିନ୍ଦୁ ଓ ଗ୍ଲୁକୋମା ପ୍ରଧାନ। ସେହିପରି ଧୀରେ ଧୀରେ ଶ୍ରବଣଶକ୍ତି ମଧ୍ୟ ହ୍ରାସ ପାଉଥିବାରୁ କେବଳ ଉଚ୍ଚ ସ୍ୱରରେ କୁହାଯାଉଥିବା କଥା ଶୁଣାଯାଇଥାଏ।
- ଏହି ବୟସରେ ଅନେକଙ୍କଠାରେ ଅଷ୍ଟିଓ ପୋରୋସିସ୍ ବା ଅସ୍ଥିର କୋମଳ ରୋଗ ଦେଖାଯାଏ। କ୍ୟାଲସିଅମ୍ ଅଭାବ ଯୋଗୁ ଭାଙ୍ଗିଯିବାର ଆଶଙ୍କା ବଢ଼ିଯାଇଥାଏ। ଅଷ୍ଟିଓ ଆର୍ଥ୍ରାଇଟିସ ଅନ୍ୟ ଏକ ରୋଗ, ଯେଉଁଥିରେ ଖଞ୍ଜା ବା ଗଣ୍ଠିରେ ଯନ୍ତ୍ରଣା ହୋଇଥାଏ ଓ ଯିବାଆସିବାରେ ଅସୁବିଧା ହୋଇଥାଏ। ଗାଉଟ୍ ମଧ୍ୟ ଅନ୍ୟ ଏକ ବ୍ୟାଧି, ଯାହା କି ଗଣ୍ଠିକୁ ଆକ୍ରାନ୍ତ କରିଥାଏ।
- ଏସବୁ ସମସ୍ୟା ବ୍ୟତୀତ ଜରାୟୁ କର୍କଟ, ଜରାୟୁଗ୍ରୀବା କର୍କଟ, ସ୍ତନ କର୍କଟ ଏବଂ ଅନ୍ୟାନ୍ୟ କର୍କଟ ରୋଗ ବୃଦ୍ଧାବସ୍ଥାରେ ଦେଖାଯିବା ଆଶଙ୍କା ଅଧିକ ଥାଏ।
- ମାନସିକ ବ୍ୟାଧି ବୟସାଧିକ୍ୟରେ ଅନ୍ୟ ଏକ ରୋଗ, ଯେଉଁଥିରେ ଅତୀତର ସ୍ମୃତି ଅଧିକ ମନକୁ ଆସିଥାଏ। କିନ୍ତୁ ସଦ୍ୟ ଘଟଣାଗୁଡ଼ିକ ମନରୁ ଲିଭିଯାଏ, ଯାହାକୁ ଆଲ୍‌ଝିମର୍ସ କୁହାଯାଏ। ଏହାଛଡ଼ା ରଜୋନିବୃତ୍ତି ହେତୁ ମାନସିକ ପରିବର୍ତ୍ତନ ଯୋଗୁ ଅବସାଦ, ସାମାନ୍ୟ କଥାରେ ଚିଡ଼ିଚିଡ଼ା ହେବା ଭଳି ସମସ୍ୟା ଦେଖାଦିଏ।





**ପ୍ରତିକାର:** ପ୍ରତି ୬ ମାସରେ ସ୍ୱାସ୍ଥ୍ୟ ପରୀକ୍ଷା ଯଥା ବ୍ଲଡ ପ୍ରେସର, ରକ୍ତ ସର୍କରା, ଓଜନ, କୋଲେଷ୍ଟେରଲ, ଇସିଜି ଇତ୍ୟାଦି କରାଇବା ସହ ଆବଶ୍ୟକ ସ୍ଥଳେ ଔଷଧ ସେବନ କରନ୍ତୁ। ସନ୍ତୁଳିତ ରୁଚିକର ଖାଦ୍ୟ ଖାଆନ୍ତୁ ଏବଂ ପ୍ରତିଦିନ ଯୋଗ ବ୍ୟାୟାମ କରନ୍ତୁ । ସର୍ବଦା ମନ ଖୁସି ରଖିବା ସହ ମନଖୋଲି ହସିବାକୁ ଚେଷ୍ଟା କରନ୍ତୁ। ଏ ବୟସରେ ନିଉମୋନିଆ ଓ ଇନ୍‌ଫ୍ଲୁଏଞ୍ଜା ଭଳି ସମସ୍ୟା ମଧ୍ୟ ଦେଖା ଦେଉଥିବାରୁ ନିଉମୋକୋକାଲ–୧୩ ଭାଲେଣ୍ଟ ଟିକା ଓ ଫ୍ଲୁ ଟିକା ମଧ୍ୟ ନିଅନ୍ତୁ। ରକ୍ତଚାପ ସମସ୍ୟା କିମ୍ବା ଅନ୍ୟ ସମସ୍ୟା ଥିଲେ ସକାଳୁ ଉଠିବା ପରେ ହଠାତ୍ ଠିଆ ନ ହୋଇ ବିଛଣାରେ କିଛି ସମୟ ବସିବା ପରେ ଉଠନ୍ତୁ।

ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ଓ ଆଧୁନିକ ଚିକିତ୍ସା ପଦ୍ଧତି ଫଳରେ ବର୍ତ୍ତମାନ ଅନେକ ମହିଳାଙ୍କ ଆୟୁଷ ସୀମା ବଢ଼ିଯାଇଛି। ଅର୍ଥାତ୍ ସେମାନଙ୍କର ଲାଇଫ୍ ଏକ୍ସପେଟାନ୍ସି ଆଟ୍ ବାର୍ଥ ୭୦.୭ ବୟସ ବର୍ଷ ରହିଛି। ପୂର୍ବରୁ ପ୍ରାୟ ଅଧିକାଂଶ ଜଏଣ୍ଟ ଫ୍ୟାମିଲି ଥିଲା, ହେଲେ ବର୍ତ୍ତମାନ ନ୍ୟୁକ୍ଲିଆର୍ ଫ୍ୟାମିଲିରେ ସମସ୍ତେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହିବା ଭିତରେ ଘରେ ଥିବା ବୟସ୍କମାନଙ୍କ ଯତ୍ନରେ ଅବହେଳା ହେଉଛି। ତେଣୁ ପ୍ରତ୍ୟେକ ବୟସ୍କା ମହିଳା ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ସହ ଏ ବୟସରେ ଦେଖା ଦେଉଥିବା ରୋଗର ପୂର୍ବରୁ ନିଦାନ ଓ ଚିକିତ୍ସା କରାଯାଇପାରିଲେ ସୁଖମୟ ବାର୍ଦ୍ଧକ୍ୟ ହୋଇପାରିବ।

*– ଲିଙ୍ଗରାଜ ବିହାର, ପୋଖରୀପୁଟ, ଭୁବନେଶ୍ୱର*

ଖାଦ୍ୟରୁଚି

# କାଜୁ କଟ୍‌ଲି



କାଜୁ–୨କପ୍,ଚିନି–୧କପ୍
ପାଣି–ଅଧା କପ୍,ଘିଅ–୧ଚାମଚ
ଗୁଜୁରାଟି ଗୁଣ୍ଡ–୧/୪ଚାମଚ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ୨କପ୍ କାଜୁ ନେଇ ଭଲଭାବେ ଗ୍ରାଇଣ୍ଡିଂ କରନ୍ତୁ, ଯେପରି ଖଦଡ଼ିଆ ନ ରହେ ଧ୍ୟାନ ଦିଅନ୍ତୁ। ଏକ କଡ଼ାଇ ବସାଇ ସେଥିରେ ୧କପ୍ ଚିନି ସହ ଅଧା କପ୍ ପାଣି ଢାଳନ୍ତୁ। ମିଶ୍ରଣକୁ ଭଲ ଭାବେ ଘାଣ୍ଟି ଶିରା ପ୍ରସ୍ତୁତ କରନ୍ତୁ। ଏବେ ସେଥିରେ ଗ୍ରାଇଣ୍ଡିଂ କରି ରଖିଥିବା କାଜୁକୁ ପକାନ୍ତୁ। ପରେ ଘିଅ ଓ ଗୁଜୁରାଟି ଗୁଣ୍ଡ ପକାଇ ଭଲ ଭାବେ ମିଶାନ୍ତୁ। ମିଶ୍ରଣଟିକୁ ବହଳିଆ ହେବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏକ ବଟର୍ ପେପର୍‌ରେ ଅଳ୍ପ ଘିଅ ଲଗାଇ ମିଶ୍ରଣକୁ ବାହାର କରିଦିଅନ୍ତୁ। ଏହାକୁ ଗୋଲାକାର ଗୁଳା କରିଦିଅନ୍ତୁ ଏବଂ ଏହାକୁ ପତଳା ଭାବେ ବେଲି ଦିଅନ୍ତୁ। ଏହାକୁ ଆପଣ ନିଜ ଇଚ୍ଛା ମୁତାବକ ବିଭିନ୍ନ ଆକାରରେ କାଟନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କ କାଜୁ କଟ୍‌ଲି। ଏହାକୁ ନିଜେ ଖାଇବା ସହ ପରିବାର ସଦସ୍ୟଙ୍କୁ ବି ଖୁଆନ୍ତୁ କିମ୍ବା ଏହାକୁ ଆକର୍ଷଣୀୟ କରିବା ଲାଗି ଉପରେ ସିଲ୍‌ଭର୍ ପେପର୍ କୋଟିଙ୍ଗ୍ ଦେଇ ଅନ୍ୟକୁ ଉପହାର ବି ଦେଇପାରିବେ।

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ନଭେମ୍ବର ୯/୨୦୨୧ Dhenkanal, Tuesday, November 9/ 2021

# ବିଜୟ ସହ ଭାରତର ଅଭିଯାନ ଶେଷ

**ଦୁବାଇ, ୮।୧୧**

ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ି ସାରିଥିବା ଭାରତ ଚଳିତ ଟି୨୦ ବିଶ୍ୱକପରେ ବିଜୟ ସହ ଅଭିଯାନ ଶେଷ କରିଛି। ଏଥିସହ ଟି୨୦ ଅଧିନାୟକଭାବେ ବିରାଟ କୋହଲିଙ୍କ କାର୍ଯ୍ୟକାଳ ମଧ୍ୟ ଶେଷ ହୋଇଛି। ସୋମବାର ଅନୁଷ୍ଠିତ ଅନ୍ତିମ ଗ୍ରୁପ୍ ମ୍ୟାଚରେ ଭାରତ ୯ ଉଇକେଟରେ ନାମ୍ବିଆକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନାମ୍ବିଆ ୨୦ ଓଭରରେ ୮ ଉଇକେଟ ହରାଇ ୧୩୨ ରନ କରିଥିଲା। ଭାରତ ୧୫.୨ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୩୬ ରନ ସଂଗ୍ରହ କରି ନେଇଥିଲା। ବିରାଟଙ୍କ ଉତ୍ତରାଧିକାରୀଭାବେ ଟି୨୦ ମଙ୍ଗ ଧରିବାକୁ ଯାଉଥିବା ରୋହିତ ଶର୍ମା ୩୭ ବଲ୍‌ରୁ ୭ ଚୌକା ଓ ୨ ଛକା ସହ ସର୍ବାଧିକ ୫୬ ରନ କରି ଆଉଟ ହୋଇଥିବାବେଳେ ଲୋକେଶ ରାହୁଲ ୫୪(୩୬ ବଲ, ୪ ଚୌକା, ୨ ଛକା) ଓ ସୂର୍ଯ୍ୟକୁମାର ଯାଦବ ୨୫(୧୯ ବଲ, ୪ ଚୌକା) ରନରେ ଅପରାଜିତ ରହିଥିଲେ। ପ୍ରତିଯୋଗିତାରୁ ବିଦାୟ ନେଇ ସାରିଥିବାରୁ ଭାରତ କେବଳ ଔପଚାରିକତା ଦୃଷ୍ଟିରୁ ଏହି ମ୍ୟାଚ ଖେଳିଥିଲା।

ଟିମ୍ ଇଣ୍ଡିଆ ଟି୨୦ ଅଧିନାୟକ ଭାବେ ଶେଷ ମ୍ୟାଚ ଖେଳିଥିବା ବିରାଟ କୋହଲି ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ନାମ୍ବିଆ ଓପନିଂ ଯୋଡ଼ିରେ ୩୩ ରନ ଯୋଗକରି ଭଲ ଆରମ୍ଭ କରିଥିଲେ ହେଁ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରି ଏହି ଦଳକୁ ବଡ଼ ସ୍କୋର କରିବାକୁ ଦେଇ ନ ଥିଲେ। ୬ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଡେଭିଡ ୱିଜ ସର୍ବାଧିକ ୨୬ ରନ କରିଥିଲେ। ଷ୍ଟିଫାନ ବାର୍ଡ (୨୧ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ନାମ୍ବିଆ ବ୍ୟାଟର ଭାରତୀୟ ବୋଲିଂ ଆଗରେ ବେଶୀ ସମୟ ତିଷ୍ଠିପାରି ନ ଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଯଥାକ୍ରମେ ୧୬ ଓ ୨୦ ରନ ଦେଇ ୩ଟି ଲେଖାଏ ଉଇକେଟ ନେଇଥିଲେ। ଯଶପ୍ରୀତ୍ ବୁମ୍‌ରାଙ୍କୁ ୨ଟି ଉଇକେଟ ମିଳିଥିଲା। ସେ ୪ ଓଭରରେ ମାତ୍ର ୧୯ ରନ ବ୍ୟୟ କରିଥିଲେ।



ରବୀନ୍ଦ୍ର ଜାଡେଜା(ବାମ)ଙ୍କୁ ବଧେଇ ଜଣାଉଛନ୍ତି ରୋହିତ ଶର୍ମା।

**ସଂକ୍ଷିପ୍ତ ସ୍କୋର**

ନାମ୍ବିଆ ୨୦ ଓଭରରେ ୧୩୨/୮(ଡେଭିଡ ୱିଜ-୨୬, ଷ୍ଟିଫାନ ବାର୍ଡ-୨୧, ରବୀନ୍ଦ୍ର ଜାଡେଜା-୩/୧୬, ରବିଚନ୍ଦ୍ରନ ଅଶ୍ୱିନ-୩/୨୦, ଯଶପ୍ରୀତ୍ ବୁମ୍‌ରା-୨/୧୯)। ଭାରତ ୧୫.୨ ଓଭରରେ ୧୩୬/୧(ରୋହିତ ଶର୍ମା-୫୬, ଲୋକେଶ ରାହୁଲ-୫୪*, ସୂର୍ଯ୍ୟକୁମାର ଯାଦବ-୨୫*, ଜାନ୍ ଫ୍ରାୟଲିଙ୍କ୍-୧/୧୯)।

## ତାରକ ସିହ୍ନାଙ୍କ ସ୍ମୃତିରେ କଳା ଆର୍ମବ୍ୟାଣ୍ଡ୍

**ଦୁବାଇ, ୮।୧୧(ପି.ଟି.):** ଟି୨୦ ବିଶ୍ୱକପର ସୋମବାର ଅନୁଷ୍ଠିତ ନାମ୍ବିଆ ବିପକ୍ଷ ମ୍ୟାଚରେ ଭାରତୀୟ ଖେଳାଳିମାନେ ପ୍ରତିଷ୍ଠିତ କୋଚ୍ ତାରକ ସିହ୍ନାଙ୍କ ସ୍ମୃତିରେ କଳା ଆର୍ମବ୍ୟାଣ୍ଡ ପିନ୍ଧି ଖେଳିଥିଲେ। ଗତ ଶନିବାର ତାରକ ମୃତ୍ୟୁବରଣ କରିଥିଲେ। ରିଷଭ ପନ୍ତ, ଶିଖର ଧାୱନ, ଆଶିଷ ନେହେରାଙ୍କ ପରି ଅନେକ ନାମୀ ଖେଳାଳିଙ୍କୁ ତାରକ କୋଚିଂ ଦେଇଥିଲେ। ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ତାରକ ସିହ୍ନାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଭାରତୀୟ ଖେଳାଳିମାନେ ନାମ୍ବିଆ ବିପକ୍ଷ ମ୍ୟାଚରେ କଳା ଆର୍ମବ୍ୟାଣ୍ଡ ପିନ୍ଧିଛନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ପ୍ରକାଶ କରାଯାଇଛି। ଦୀର୍ଘଦିନ ଅସୁସ୍ଥ ରହିବାପରେ ତାରକ ୭୧ ବର୍ଷ ବୟସରେ ପରଲୋକ ଗମନ କରିଥିଲେ।

## ଖେଳିବେ ନାହିଁ ଜାସନ ରୟ

**ଦୁବାଇ, ୮।୧୧ (ପି.ଟି.):** ପେଣ୍ଡାରେ ଇଞ୍ଜୁରି ଯୋଗୁ ଇଂଲଣ୍ଡର ବିସ୍ଫୋରକ ଓପନର ଜାସନ ରୟ ଚଳିତ ଟି୨୦ ବିଶ୍ୱକପ୍‌ର ଅବଶିଷ୍ଟ ଖେଳିପାରିବେ ନାହିଁ। ତାଙ୍କ ସ୍ଥାନରେ ଜେମ୍ସ ଭିନ୍‌ସିଙ୍କୁ ଦଳରେ ସାମିଲ କରାଯାଇଛି। ଶାରଜାଠାରେ ଇଂଲଣ୍ଡର ଦକ୍ଷିଣ ଆଫ୍ରିକା ବିପକ୍ଷ ସୁପର-୧୨ ମ୍ୟାଚ୍ ବେଳେ ରୟଙ୍କ ପେଣ୍ଡାରେ ଆଘାତ ଲାଗିଥିଲା। ଡ୍ରେସିଂ ରୁମ୍‌କୁ ଫେରିବା ବେଳେ ସେ ଖୁବ୍ ଯନ୍ତ୍ରଣା ଅନୁଭବ କରୁଥିବା ଲକ୍ଷ୍ୟ କରାଯାଇଥିଲା। ମ୍ୟାଚ୍ ପରେ ସେ ଆଶାବାଡ଼ି ସହାୟତାରେ ଚଳପ୍ରଚଳ ହେଉଥିବା ଦେଖିବାକୁ ମିଳିଥିଲା। ତାଙ୍କର ଚିକିତ୍ସା ଆରମ୍ଭ ହୋଇଛି। ଆସନ୍ତାବର୍ଷ ତାଙ୍କ ଦଳର ୱେଷ୍ଟଇଣ୍ଡିଜକୁ ଟି୨୦ ଟୁର୍ ବେଳକୁ ସେ ଫିଟ୍ ହୋଇଯାଇଥିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଅବୁଧାବିରେ ବୁଧବାର ପ୍ରଥମ ସେମିଫାଇନାଲରେ ଇଂଲଣ୍ଡ ନ୍ୟୁଜିଲାଣ୍ଡକୁ ଭେଟିବ।

## ୨୪ବର୍ଷ ପରେ ପାକିସ୍ତାନ ଟୁର୍‌ରେ ଯିବ ଅଷ୍ଟ୍ରେଲିଆ

**ଲାହୋର, ୮।୧୧ (ପି.ଟି.):** ଦୀର୍ଘ ୨୪ ବର୍ଷ ପରେ ପାକିସ୍ତାନରେ ଏକ ପୂର୍ଣ୍ଣାଙ୍ଗ କ୍ରିକେଟ ସିରିଜ ଖେଳିବା ଲାଗି ଅଷ୍ଟ୍ରେଲିଆ ରାଜି ହୋଇଛି। ସୁରକ୍ଷାଜନିତ କାରଣ ଦର୍ଶାଇ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ନିକଟରେ ପାକିସ୍ତାନ ଟୁର୍‌ରୁ ଓହରିଯାଇଥିଲେ। ଅଷ୍ଟ୍ରେଲିଆ ୧୯୯୮ରେ ପାକିସ୍ତାନ ଟୁର୍‌ରେ ଆସିଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ ସ୍ୱରୂପ ଏହି ଦେଶ କରାଚୀ (ମାର୍ଚ୍ଚ ୩ରୁ ୭), ରାୱଲପିଣ୍ଡି (ମାର୍ଚ୍ଚ ୧୨ରୁ ୧୬) ଓ ଲାହୋର (ମାର୍ଚ୍ଚ ୨୧ରୁ ୨୫)ଠାରେ ତିନୋଟି ଟେଷ୍ଟ ମ୍ୟାଚ ଖେଳିବ। ମାର୍ଚ୍ଚ ୨୯ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ଚାରୋଟି ସୀମିତ ଓଭର ମ୍ୟାଚ ଲାହୋରରେ ଖେଳାଯିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ସେପ୍ଟେମ୍ବରରେ ପାକିସ୍ତାନରେ ପହଞ୍ଚି ସାରିଥିଲେ ମଧ୍ୟ ସୁରକ୍ଷାଜନିତ କାରଣ ଦର୍ଶାଇ ନ୍ୟୁଜିଲାଣ୍ଡ ନିଜ ଦେଶକୁ ଫେରିଯାଇଥିଲା। ଟି୨୦ ବିଶ୍ୱକପ୍ ପୂର୍ବରୁ ଇଂଲଣ୍ଡ ମଧ୍ୟ ପାକିସ୍ତାନ ଟୁର୍‌ରେ ନ ଯିବା ଲାଗି ଘୋଷଣା କରିଥିଲା। ଫଳରେ ଦେଶକୁ ହାଇ କ୍ୱାଲିଟି କ୍ରିକେଟ ଫେରାଇ ଆଣିବା ଲାଗି ପିସିବିର ପ୍ରୟାସ ଫେଲ୍ ମାରିଥିଲା। ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଓହରିଯିବା ପରେ ପାକିସ୍ତାନକୁ ଅଷ୍ଟ୍ରେଲିଆ ଆସୁଥିବାରୁ ପିସିବିର ନବନିଯୁକ୍ତ ଚେୟାରମ୍ୟାନ ରମିଜ ରାଜାଙ୍କର ଏକ ବଡ଼ ବିଜୟ ବୋଲି କୁହାଯାଉଛି। ଦେଶକୁ ଟୁର୍‌ରେ ନ ଆସିବାରୁ ଇଂଲଣ୍ଡକୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା।

# ୧୯ରୁ ଆବୁଧାବି ଟି୧୦ କ୍ରିକେଟ

**ଆବୁଧାବୀ, ୮।୧୧ (ପି.ଟି.)**

ନଭେମ୍ବର ୧୯ରେ ଡବଲ ହେଡର ସହ ଆବୁଧାବି ଟି୧୦ କ୍ରିକେଟ ଟୁର୍ନାମେଣ୍ଟର ୫ମ ସଂସ୍କରଣ ଆରମ୍ଭ ହେବ। ପ୍ରଥମ ମ୍ୟାଚ ଗତଥରର ଚାମ୍ପିୟନ ନର୍ଦର୍ନ ୱାରିୟର୍ସ ଓ ଦିଲ୍ଲୀ ବୁଲ୍ସ ମଧ୍ୟରେ ହେବ। ବର୍ତ୍ତମାନର ଦୁଇଥର ଚାମ୍ପିୟନ ଦଳରେ ଇଂଲଣ୍ଡର ଦୁଇ ଖେଳାଳି ମୋଇନ ଅଲି ଓ କ୍ରିସ୍ ଜୋର୍ଡାନ ସ୍ଥାନ ପାଇଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ବୁଲ୍ସ ଦଳରେ ଡ୍ୱେନ ବ୍ରାଭୋ ଓ ଇସନ ମୋର୍ଗାନଙ୍କ ଭଳି ଖେଳାଳି ଅଛନ୍ତି। ଉଦ୍‌ଘାଟନୀ ଦିବସର ଦ୍ୱିତୀୟ ମ୍ୟାଚ ଟିମ୍ ଆବୁଧାବି ଓ ବାଂଲା ଟାଇଗର୍ସ ମଧ୍ୟରେ ଖେଳାଯିବ। ଉଭୟ ଦଳ ପ୍ରଥମ ଥର ଆବୁଧାବି ଟି୧୦ ଟାଇଟଲ ଜିତିବା ଲକ୍ଷ୍ୟ ନେଇ ଖେଳିବେ। ଟିମ୍ ଆବୁଧାବିରେ ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ କ୍ରିସ୍ ଗେଲ୍ ଓ ଇଂଲଣ୍ଡ ସୁପରଷ୍ଟାର ଲିଆମ ଲିଭିଂଷ୍ଟୋନ୍ ରହିଥିବାବେଳେ ବାଂଲା ଟାଇଗର୍ସ ଦଳରେ ଆଇକନିକ ପାକିସ୍ତାନ ଅଲ୍‌ରାଉଣ୍ଡର ଶାହିଦ ଆଫ୍ରିଦୀ ଓ ପୂର୍ବତନ ଦକ୍ଷିଣ ଆଫ୍ରିକା ଅଧିନାୟକ ଫାଫ୍ ଡୁ'ପ୍ଲେସି ରହିଛନ୍ତି। ଦ୍ୱିତୀୟ ଦିବସରେ ଦି ଚେନ୍ନାଇ ବ୍ରେଭ୍ସ ବନାମ ଡେକାନ ଗ୍ଲାଡିଏଟର୍ସ ମଧ୍ୟରେ ମ୍ୟାଚ ଖେଳାଯିବ। ଚେନ୍ନାଇ ଦଳରୁ ୟୁସୁଫ ପଠାନ ଏବଂ ଗ୍ଲାଡିଏଟର୍ସ ଦଳରୁ ଆନ୍ଦ୍ରେ ରସେଲ ଖେଳିବେ। ଜାୟେଦ ଷ୍ଟାଡିୟମରେ ୧୫ ଦିନ ଧରି ଟୁର୍ନାମେଣ୍ଟର ୩୫ଟି ମ୍ୟାଚ ଖେଳାଯିବ। ଅଂଶଗ୍ରହଣ କରୁଥିବା ପ୍ରତ୍ୟେକ ଦଳ ପରସ୍ପରକୁ ଦୁଇଥର ଲେଖାଏ ଭେଟିବେ। ଶ୍ରେଷ୍ଠ ୪ଟି ଦଳ କ୍ୱାଲିଫାୟରକୁ ଉନ୍ନୀତ ହେବେ। ଏହି ପର୍ଯ୍ୟାୟ ଡିସେମ୍ବର ୩ରୁ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିବା ଦୁଇ ଦଳ ଗୋଟିଏ କ୍ୱାଲିଫାୟରରେ ସ୍ଥାନ ପାଇବେ। ବିଜୟୀ ଦଳ ଫାଇନାଲରେ ପ୍ରବେଶ କରିବ। ପ୍ରଥମ କ୍ୱାଲିଫାୟରର ଲୁଜିଂ ଟିମ୍‌କୁ ଫାଇନାଲରେ ପ୍ରବେଶ ପାଇଁ ଆଉ ଏକ ସୁଯୋଗ ରହିଛି। ଏହି ଦଳ ତୃତୀୟ ଓ ଚତୁର୍ଥ ଦଳ ମଧ୍ୟରେ ଖେଳାଯିବାକୁ ଥିବା ଏଲିମିନେଟରର ବିଜେତା ସହ ମୁକାବିଲା କରିବାକୁ ହେବ। ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ପ୍ଲେ ଅଫ୍ ମ୍ୟାଚ ଡିସେମ୍ବର ୪ରେ ଖେଳାଯିବ।




# ମଙ୍ଗଳା କ୍ଲବ ୧୮-୩ ଗୋଲରେ ବିଜୟୀ

**ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି)**

**ହିରୋ ଫୁଟସାଲ କ୍ଲବ ଚାମ୍ପିୟନଶିପ୍**

ନୂଆଦିଲ୍ଲୀରେ ଚାଲିଥିବା ହିରୋ ଫୁଟସାଲ କ୍ଲବ ଚାମ୍ପିୟନଶିପ୍‌ରେ ସୋମବାର କଟକର ମଙ୍ଗଳା କ୍ଲବ ୧୮-୩ ଗୋଲରେ ରିୟଲ କଶ୍ମୀର ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଦୀନବନ୍ଧୁ ଦାସ ଏକାକୀ ୯ଟି ଗୋଲ ଦେଇଥିବାବେଳେ ବବୁଲ ରାଉତ ୫ଟି, ବିଜୟ ବାରିକ ଓ ନିରଞ୍ଜନ ବେହେରା ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ମଙ୍ଗଳା କ୍ଲବ ଏହାର ପରବର୍ତ୍ତୀ ମ୍ୟାଚ ୧୦ ତାରିଖରେ ମିଜୋରାମର କ୍ଲାସିକ୍ ଏଫ୍‌ସି ବିପକ୍ଷରେ ଖେଳିବ। ମଙ୍ଗଳା କ୍ଲବ ଏହାର ପ୍ରଥମ ମ୍ୟାଚରେ ସୁଦେଭା ଏଫ୍‌ସିକୁ ୫-୩ ଗୋଲରେ ହରାଇ ଦେଇଥିଲା।


ବବୁଲ କୁମାର ରାଉତ


ଦୀନବନ୍ଧୁ ଦାସ



ସୋମବାର ମଙ୍ଗଳା କ୍ଲବ ଓ ରିୟଲ କଶ୍ମୀର ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଭଲିବଲ ଟୁର୍ନାମେଣ୍ଟରେ ତ୍ରିପୁରା ବିଜୟୀ


କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**କେନ୍ଦ୍ରାପଡ଼ା ଅଫିସ, ୮।୧୧**

କେନ୍ଦ୍ରାପଡ଼ା ଭଲିବଲ ଓ ତ୍ରିପୁରା ଭଲିବଲ ଏକାଡେମୀ ପକ୍ଷରୁ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ରବିବାର କେନ୍ଦ୍ରାପଡ଼ା ବ୍ଲକ ବଗଡାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତ୍ରିପୁରା ଏକାଡେମୀ ୨-୧ରେ ବିଜୟୀ ହୋଇଛି। ଟୁର୍ନାମେଣ୍ଟରେ ତ୍ରିପୁରା ଏକାଡେମୀ ସହ କେନ୍ଦ୍ରାପଡା ଜିଲାର ତିଖିରୀ, ସବଳଙ୍ଗ, ହରିଅଙ୍କ, ଖସଡି, ବଗଡା, ପଟ୍ଟାମୁଣ୍ଡାଇ, ପାଟକୁରା ଓ କେନ୍ଦ୍ରାପଡା ଏକାଡେମୀ ଭାଗ ନେଇଥିଲେ। ଫାଇନାଲ ଖେଳ ତ୍ରିପୁରା ଏକାଡେମୀ ଓ କେନ୍ଦ୍ରାପଡ଼ା ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତ୍ରିପୁରା ଓ କେନ୍ଦ୍ରାପଡ଼ା ଏକାଡେମୀ ପକ୍ଷରୁ ଯଥାକ୍ରମେ ୧୭-୨୫, ୨୬-୨୪ ଓ ୨୧-୧୯ ସ୍କୋର ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ ଯୋଗଦେଇ ଖେଳର ବିକାଶ ସମ୍ପର୍କରେ ମତ ଦେବା ସହ ବିଜୟୀ ଟିମ୍ ଓ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଜିଲା କ୍ରୀଡା ସଂସଦର ସୟଦ ଅକମଲ ଅଲ୍ଲୀ, ଖେଳ ଶିକ୍ଷକ ଜ୍ୟୋତିର୍ମୟ ଦାସ, ସହସମ୍ପାଦକ ଛବିପ୍ରସାଦ ମହାକୁଡ, ମନୋଜ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ପଞ୍ଜାବଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି)**

**ସୟଦ ମୁସ୍ତାକ ଅଲୀ ଟ୍ରଫି**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଲକ୍ଷ୍ନୌରେ ସୋମବାର ଅନୁଷ୍ଠିତ ସୟଦ ମୁସ୍ତାକ ଅଲୀ ଟ୍ରଫି ଟି୨୦ ମ୍ୟାଚରେ ଓଡ଼ିଶା ୬୦ ରନରେ ପଞ୍ଜାବଠାରୁ ହାରି ଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ୨୦ ଓଭରରେ ୪ ଉଇକେଟ ହରାଇ ୧୮୯ ରନ କରିଥିଲା। ରମଣଦୀପ ସିଂ ସର୍ବାଧିକ ୫୪, ଗୁରକୀରଟ ମାନ୍ ୪୮ ଓ ପ୍ରଭସିମରନସିଂ ୪୦ ରନ ସ୍କୋର କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ବିକାଶ ରାଉତ ୨ଟି ଏବଂ ଦେବବ୍ରତ ପ୍ରଧାନ ଓ ଆଶିଷ ରାୟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୯୦ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଓଡ଼ିଶା ୨୦ ଓଭରରେ ୭ ଉଇକେଟ ହରାଇ ୧୨୯ ରନ କରିବାକୁ ସକ୍ଷମ ହୋଇଥିଲା। ଅଭିଷେକ ରାଉତ ୫୬ ବଲ୍‌ରୁ ଦ୍ରୁତ ୭୪ ରନ କରିଥିଲେ ହେଁ ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ଓଡ଼ିଶା ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା। ପଞ୍ଜାବର ମୟଙ୍କ ମର୍କଣ୍ଡେ ଓ ସିଦ୍ଧାର୍ଥ କୌଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ଏହାର ୫ମ ତଥା ଅନ୍ତିମ ମ୍ୟାଚ ମଙ୍ଗଳବାର ପଣ୍ଡିଚେରୀ ବିପକ୍ଷରେ ଖେଳିବ।


ଅଭିଷେକ ରାଉତ

# ଭୁବନେଶ୍ୱରରେ ଜାତୀୟ ଯୋଗାସନ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୮।୧୧**

ଓଡ଼ିଶା ସରକାରଙ୍କ ସହଯୋଗରେ ନ୍ୟାଶନାଲ ଯୋଗାସନ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ୱାଇଏସ୍‌ଏଫ୍)ଆନୁକୂଲ୍ୟରେ ପ୍ରଥମ ଫିଜିକାଲ ନ୍ୟାଶନାଲ ଯୋଗାସନ ଚାମ୍ପିୟନଶିପ୍ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ନଭେମ୍ବର ୧୧ରୁ ୧୩ ପର୍ଯ୍ୟନ୍ତ ହେବାକୁଥିବା ଏହି ଇଭେଣ୍ଟରେ ଦେଶର ୩୦ଟି ରାଜ୍ୟରୁ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଇ କିଛିବର୍ଷ ହେଲା ଯୋଗର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱରେ ପ୍ରଚଳିତ ଶ୍ରେଷ୍ଠ ବ୍ୟାୟାମ ମଧ୍ୟରେ ଏହା ଅନ୍ୟତମ ବିବେଚିତ ହେଉଛି। ଭାରତ ପାଇଁ ଯୋଗାସନକୁ ବିଶ୍ୱ କ୍ରୀଡ଼ା ମଞ୍ଚରେ ଏକ ପ୍ରତିଯୋଗିତାମୂଳକ ଖେଳ ଭାବେ ଗ୍ରହଣ କରିବାର ଏହା ହେଉଛି ପ୍ରକୃଷ୍ଟ ସମୟ। ଆମେ ନିଶ୍ଚିତ ଯେ, ଭୁବନେଶ୍ୱରରେ ଏନ୍‌ୱାଇଏସ୍‌ଏଫ୍ ଦ୍ୱାରା ଆୟୋଜିତ ଭାରତର ପ୍ରଥମ ଶାରୀରିକ ଯୋଗାସନ ଚାମ୍ପିୟନଶିପ୍ ପରବର୍ତ୍ତୀ ପିଢିପାଇଁ ବିଶ୍ୱସ୍ତରୀୟ ଯୋଗାସନ ଆଥଲେଟ ଓ ପ୍ରତିଭା ସୃଷ୍ଟି କରିବାରେ ଏକ ପଦକ୍ଷେପ ହେବ ବୋଲି ଓଡ଼ିଶା ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ତାଙ୍କର ଏକ ବିବୃତିରେ କହିଛନ୍ତି। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୧ରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଯୋଗାସନକୁ ଏକ କ୍ରୀଡ଼ା ଭାବେ ସାମିଲ କରାଯାଇଛି। ଏହି ଅବସରରେ ଏନ୍‌ୱାଇଏସ୍‌ଏଫ୍ ସଭାପତି ଉଦିତ୍ ସେଠ୍ କହିଛନ୍ତି, ପ୍ରଥମ ଚାମ୍ପିୟନଶିପ୍ ଆୟୋଜନ ଦ୍ୱାରା ଭାରତ ଓ ବିଶ୍ୱସ୍ତରରେ କ୍ରୀଡ଼ାର ଫାଇଦା ପାଇଁ କୋଚ୍, ପାଠ୍ୟକ୍ରମ ଓ ବୈଦ୍ୟୁତିକ ସ୍କୋରିଂ ବ୍ୟବସ୍ଥା ସୃଷ୍ଟି କରିହେବ। ପ୍ରଥମ ଚାମ୍ପିୟନଶିପ୍‌ରୁ ପ୍ରତିଯୋଗିତା କ୍ୟାଲେଣ୍ଡର, ପଏଣ୍ଟ ଓ ର୍‍ୟାଙ୍କିଙ୍ଗ ବ୍ୟବସ୍ଥା ଆଶା କରାଯାଉଛି। ଖୁବ୍‌ଶୀଘ୍ର କ୍ରୀଡ଼ା ପାଇଁ ଅଧିକ ରୋମାଞ୍ଚକ ଫର୍ମାଟ ଘୋଷଣା କରାଯିବ ବୋଲି ସେଠ୍ କହିଛନ୍ତି।


ଜଣେ ବାଳିକା ଯୋଗାସନ କରୁଛନ୍ତି।

# ସଂକଳ୍ପ ଗୁପ୍ତା ଭାରତର ୭୧ତମ ଗ୍ରାଣ୍ଡମାଷ୍ଟର

**ଚେନ୍ନାଇ, ୮।୧୧ (ପି.ଟି.):** ସଂକଳ୍ପ ଗୁପ୍ତା ଭାରତର ୭୧ତମ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ସର୍ବିୟାର ଆରାନ୍ଦଜୋଲୋଭାଟ୍ ଆସ୍କ ଚେସ୍ ଇଭେଣ୍ଟରେ ୬.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରି ସେ ଏହି ସଫଳତା ପାଇଛନ୍ତି। ୧୮ବର୍ଷୀୟ ସଂକଳ୍ପ ଲଗାତର ତିନୋଟି ଟୁର୍ନାମେଣ୍ଟ ଖେଳି ଆବଶ୍ୟକ ପଡୁଥିବା ୩ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଥିଲେ।



ସୋମବାର ଏକ କାର୍ଯ୍ୟକ୍ରମ ଅବସରରେ ବାର୍ସିଲୋନାର ନୂଆ କୋଚ୍ ଜାଭି ହର୍ନାଣ୍ଡେଜ (ମଝି), ସଭାପତି ଜୋଆନ ଲାପୋର୍ଟା ଓ ଅନ୍ୟ କର୍ମକର୍ତ୍ତାମାନେ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ